CMYK

- Vol.- 46, Issue No. 172
- Monday, 21 September 2026
- ସୋମବାର, ୨୧ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ବଳ ଗୋଟାଉଛି ଲଘୁଚାପ

## ■ ଆଜି ଅବପାତ, ଦକ୍ଷିଣ ଓଡ଼ିଶା ଓ ଉପକୂଳରେ ବର୍ଷିବ ■ ସ୍ୱଳ୍ପ ସମୟ ହୋଇପାରେ ବାତ୍ୟା

ଭୁବନେଶ୍ୱର, ୨୦।୯: ଉତ୍ତର ଆଣ୍ଡାମାନ ସାଗର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଶନିବାର ଲଘୁଚାପର ରୂପ ନେଇଛି। ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ଗତ କରି ଆହୁରି ଘନୀଭୂତ ହେବ। ୨୧ ତାରିଖ ସୁଦ୍ଧା ଅବପାତ ଓ ୨୨ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହୋଇପାରେ। ୨୩ ତାରିଖ ସକାଳ ସୁଦ୍ଧା ଗଭୀର ଅବପାତ ବଙ୍ଗୋପସାଗରର ପଶ୍ଚିମକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତରପଶ୍ଚିମ ଦିଗରେ ଉପକୂଳ ଛୁଇଁବା ପରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଦେଇ ଆଗକୁ ବଢ଼ିବ। ଏହା ପ୍ରଭାବରେ ରାଜ୍ୟରେ ୫ଦିନ ଯାଏଁ ପ୍ରବଳ ବର୍ଷିବ। ବିଶେଷକରି ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଅଞ୍ଚଳରେ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେବା ସହ ସତର୍କ କରିଛି। ଅନ୍ୟପକ୍ଷରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ଲଘୁଚାପ



କ୍ଷେତ୍ରଟି ସମ୍ପୂର୍ଣ୍ଣ ରୂପ ନେବା ପରେ ହିଁ ଏହାର ତୀବ୍ରତା ଏବଂ ଗତିପଥ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ। ତେବେ ବର୍ତ୍ତମାନଠାରୁ ବାତ୍ୟାକୁ ନେଇ କୌଣସି ପ୍ରକାର ଆତଙ୍କିତ ବା ଭୟଭୀତ ନ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ୨୨ ତାରିଖରୁ ବର୍ଷା ପରିମାଣ ବଢ଼ିବ। ଏନେଇ ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବିଜୁଳି ଘଡ଼ଘଡ଼ି ସହ ୪୦ରୁ ୫୦ କିମି ବେଗରେ ପବନ ବହିବା ନେଇ ୧୨ଟି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୨୩ ଓ ୨୪ ତାରିଖରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାକୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ସମେତ ୮ ଜିଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ନିଂ ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଲଘୁଚାପଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ୨୦ଟି ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି ଓ ଆଉ ୧୦ ଜିଲାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିଲେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମୁଦ୍ର ଅଶାନ୍ତ ଆଶଙ୍କା ଥିବାରୁ ୨୧ ତାରିଖରୁ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ଯିବାକୁ ବାରଣ କରାଯାଇଛି। ବିଭିନ୍ନ ପାଣିପାଗ ମଡେଲର ଆକଳନ ଅନୁଯାୟୀ ସ୍ୱଳ୍ପ ସମୟ ପାଇଁ ବାତ୍ୟା ହୋଇପାରେ।

---

■ ଆଶା ପ୍ରକଟ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

# ମହାନଦୀ ଜଳ ବିବାଦ ସମାଧାନ ଖୁବ୍‌ଶୀଘ୍ର

■ ସିଡବ୍ଲୁସି ନିଷ୍ପତ୍ତିକୁ ସହମତି ଜଣାଇସାରିଛନ୍ତି ଉଭୟ ରାଜ୍ୟ



ଭୁବନେଶ୍ୱର, ୨୦।୯(ନିପ୍ର): ମହାନଦୀ ଜଳ ବିବାଦର ସମାଧାନ ଖୁବ୍‌ଶୀଘ୍ର ହେବ । ଏପରି ଆଶା ପ୍ରକାଶ କରିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଭୁବନେଶ୍ୱର ଗସ୍ତରେ ଆସି ପହଞ୍ଚିବା ପରେ ସେ ବିମାନ ବନ୍ଦରରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ମହାନଦୀ ଜଳ ବିବାଦକୁ ନେଇ ଏହି ସୂଚନା ଦେଇଛନ୍ତି।ବିଷ୍ଣୁଦେବ ସାଏ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଦିଲ୍ଲୀରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଏହାର ସମାଧାନ ପାଇଁ ଉଭୟ ରାଜ୍ୟ କେନ୍ଦ୍ରୀୟ ଜଳ ଆୟୋଗ(ସିଡବଲୁସି)ର ନିଷ୍ପତ୍ତିକୁ ସହମତି ଜଣାଇସାରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ ଯେଉଁ ନିଷ୍ପତ୍ତି ନେବ, ଉଭୟ ରାଜ୍ୟ ତାହାକୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି।ଛତିଶଗଡ଼ ମୁଖ୍ୟମନ୍ତ୍ରୀଆହୁରି କହିଛନ୍ତି ଯେ, ମହାନଦୀକୁ ନେଇ ଏବେ କୌଣସି ପ୍ରକାରର ଜଳ ବିବାଦ ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ବିଜେପି ସରକାର ରହିଛି,ସେଠାରେ ଜଳ ବିବାଦର ସମାଧାନ ହୋଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଓଡ଼ିଶା ଓଛତିଶଗଡ଼ରେ ବିଜେପି ସରକାର ସହିତ କେନ୍ଦ୍ରରେ ଏନଡିଏ ସରକାର ଥିବାରୁ ମହାନଦୀ ପ୍ରସଙ୍ଗର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଭେଟ ହୋଇଥିଲେ।

---

ଏସୀୟ କ୍ରୀଡା: ୧୦ ମିଟର ଏୟାର ରାଇଫଲ ମହିଳା

# ଦଳଗତ ଇଭେଣ୍ଟରେ ଭାରତକୁ ରୌପ୍ୟ

ଆଇଚି-ନାଗୋୟା, ୨୦।୯: ଇଲାଭେନିଲ ଭାଲାରିଭାନ, ସୋନମ ମସ୍କର ଏବଂ ବିଦର୍ଷା କେ. ବିନୋଦଙ୍କ ଭାରତୀୟ ତ୍ରିମୂର୍ତ୍ତି ରବିବାର ୨୦୨୬ ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରଥମ ପଦକ ଦେଇଛନ୍ତି। ଭାରତୀୟ ଦଳ ୧୦ ମିଟର ଏୟାର ରାଇଫଲ ମହିଳା ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛି। ଆଇଚି ପ୍ରିଫେକ୍ଚୁରାଲ ଜେନେରାଲ ଶୁଟିଂ ଗ୍ୟାଲେରୀରେ ଭାରତୀୟ ତ୍ରିମୂର୍ତ୍ତି ୬ଟି ସିରିଜ୍ ପରେ ମୋଟ ୧୮୯୮.୦ ପଏଣ୍ଟ ହାସଲ କରିଥିଲେ। ଚୀନର ଜିଫେଇ ୱାଙ୍ଗ, ଜିଆୟୁ ହାନ ଏବଂ ୟୁଚେନ ଦୁଙ୍କ ଦଳ ୧୯୦୪.୨ ପଏଣ୍ଟର ବିଶ୍ୱ ରେକର୍ଡ ସ୍କୋର ସହ ସ୍ୱର୍ଣ୍ଣ ପଦକ



ଜିତିଥିଲା। ଜାପାନର ହିନାତା ତାଇଚି, ମିସାକି ନୋବାତା ଏବଂ ଶିଓରି ହିରାତାଙ୍କ ଦଳ ୧୮୯୭.୧ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଥିଲା ।ଇଲାଭେନିଲ ଭାଲାରିଭାନ ଏବଂ ସୋନମ ମସ୍କର ମହିଳା ୧୦ ମିଟର ଏୟାର ରାଇଫଲର ବ୍ୟକ୍ତିଗତ ଇଭେଣ୍ଟର ଫାଇନାଲରେ ମଧ୍ୟ ସ୍ଥାନ ପାଇଛନ୍ତି ।ପଦକ ସହ ଭାରତ ଇଭେଣ୍ଟରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଛି। ୨୦୨୩ ମସିହାରେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ମଧ୍ୟ ଭାରତ ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ୧୦ ମିଟର ଏୟାର ରାଇଫଲ ମହିଳା ଦଳରେ ଭାରତୀୟ ବନ୍ଧୁକଚାଳକଙ୍କ ସ୍କୋର ଥିଲା ଏହିଭଳି:ବିଦର୍ସା କେ. ବିନୋଦ-୬୩୦.୪ ପଏଣ୍ଟ , ସୋନମ ମାସ୍କର-୬୩୪.୧ ପଏଣ୍ଟ ଓ ଇଲାଭେନିଲ ଭାଲାରିଭାନ-୬୩୩.୫ ପଏଣ୍ଟ।

---

# ହାତୀର ଗଳିତ ମୃତଦେହ ଉଦ୍ଧାର

ବାଲେଶ୍ୱର, ୨୦।୯: ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ଆମ୍ବତୁଆ ଜଙ୍ଗଲରୁ ଗୋଟିଏ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି । ଜଙ୍ଗଲ ଭିତରେ ପ୍ରାୟ ୨୦ ଦିନରୁ ଅଧିକ ସମୟ ଧରି ହାତୀଟି ମୃତ ଅବସ୍ଥାରେ ପଡ଼ିଥିବା ସନ୍ଦେହ କରାଯାଇଛି । ରବିବାର ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ମୃତ ହାତୀକୁ ଦେଖି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇବା ପରେ ଘଟଣାସ୍ଥଳରେ ବନ ବିଭାଗର ଟିମ୍ ପହଞ୍ଚିଥିଲା । ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଡାକ୍ତରୀ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ, ଆମ୍ବତୁଆ ଜଙ୍ଗଲରେ ପ୍ରାୟ ୧୯ଟି ହାତୀ ରହୁଥିବା ବେଳେ ଗତ ୨୦ ଦିନରୁ ଅଧିକ ସମୟ ଧରି ଗୋଟିଏ ହାତୀର ସନ୍ଧାନ ମିଳୁନଥିଲା । ଜଙ୍ଗଲ ଭିତରେ ହାତୀଟିର ମୃତଦେହ ମିଳିବା ପରେ ବନବିଭାଗର ନଜରଦାରୀ ଓ ହାତୀ ଗଣନା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ହାତୀଟିର ମୃତ୍ୟୁ କେମିତି ହେଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ । ହାତୀଟି କୌଣସି ଦୁର୍ଘଟଣାରେ ମୃତ୍ୟୁବରଣ କରିଛି କି, ନା ଅନ୍ୟ କୌଣସି କାରଣରୁ ତାହାର ମୃତ୍ୟୁ ଘଟିଛି, ସେନେଇ ତଦନ୍ତ କରାଯାଉଛି। ଏପରିକି ଦୁର୍ବୃତ୍ତମାନେ ହାତୀଟିକୁ ହତ୍ୟା କରିଥିବା ସମ୍ଭାବନାକୁ ମଧ୍ୟ ବନବିଭାଗ ତଦନ୍ତ ପରିସରରେ ରଖିଛି।

---

ଦ୍ରୁତ ଗତି ମହାବିପତ୍ତି !

# ଫ୍ଲାଏଓଭରରୁ ତଳକୁ ଖସିଲା କାର୍, ୩ ଜୀବନ ଗଲା



ମୁମ୍ବାଇ, ୨୦।୯: ରବିବାର ସକାଳେ ମୁମ୍ବାଇର କୋଷ୍ଟାଲ୍ ରୋଡ୍‌ରେ ଏକ ବିଏମଡବଲ୍ୟୁ କାର୍ ଫ୍ଲାଏଓଭରରୁ ତଳକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ କାର୍‌ରେ ଥିବା ୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାଟି ଭୋର୍ ପ୍ରାୟ ୫:୨୦ ସମୟରେ ଘଟିଥିଲା। କଳା ରଙ୍ଗର ବିଏମଡବ୍ଲ୍ୟୁ କାର୍‌ଟି ମେରାଇନ୍ ଡ୍ରାଇଭ୍‌ରୁ ହାଜି ଅଲି ଆଡ଼କୁ ଯାଉଥିଲା ।ଅତ୍ୟଧିକ ଗତି ଯୋଗୁଁ ଚାଳକ କାର୍ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଫଳସ୍ୱରୂପ କାର୍‌ଟି ଫ୍ଲାଏଓଭରରୁ ତଳକୁ ଖସିପଡ଼ି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି ଯେ ଦୁର୍ଘଟଣା ସମୟରେ ୪ ଜଣ ବ୍ୟକ୍ତି ଏହାର ଚକ ତଳେ ଚାପି ହୋଇଯାଇଥିଲେ। ୨୦ ବର୍ଷୀୟ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ନାୟର ହସ୍ପିଟାଲର ଟ୍ରମା ୱାର୍ଡରେ ଭର୍ତ୍ତି କରାଯାଇଛି। ନାୟର ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଦୁଇଜଣଙ୍କ ପରିଚୟ ମିଳିଛି; ସେମାନେ ହେଲେ ୨୧ ବର୍ଷୀୟ ଶାନୟ ଗଜଲ୍ ଏବଂ ୧୭ ବର୍ଷୀୟ ଧୈର୍ଯ୍ୟ ସେଠ୍ ।ତୃତୀୟ ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ ତାଙ୍କର ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ମୁମ୍ବାଇର କୋଷ୍ଟାଲ୍ ରୋଡ୍ ହେଉଛି ୧୦.୫୮ କିଲୋମିଟର ବିଶିଷ୍ଟ ଏକ ଦ୍ରୁତଗାମୀ ସଡ଼କ, ଯାହା ଦକ୍ଷିଣ ମୁମ୍ବାଇର ମେରାଇନ୍ ଡ୍ରାଇଭ୍‌କୁ ବାନ୍ଦ୍ରା-ୱର୍ଲି ସି-ଲିଙ୍କ୍‌ର ୱର୍ଲି ପ୍ରାନ୍ତ ସହିତ ସଂଯୁକ୍ତ କରେ। ପୋଲିସ ଏହି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

---

# ଆମେରିକା ସହ ଆଲୋଚନା ପାଇଁ ଇରାନର ୭ ସର୍ତ୍ତ

## ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଅପେକ୍ଷା

ତେହେରାନ୍/ୱାଶିଂଟନ୍, ୨୦।୯: ଇରାନ, କତାର ଦେଇ, ଆମେରିକା ପାଇଁ ଆଲୋଚନା ଆରମ୍ଭ କରିବା ପାଇଁ ସାତଟି ସର୍ତ୍ତ ସ୍ଥିର କରିଛି।



ଇରାନ ଚେତାବନୀ ଦେଇଛି ଯେ ଯଦି ୱାଶିଂଟନ୍ ଏହାର ଦାବି ପାଳନ ନ କରେ ତେବେ ତେହେରାନ୍ ଏକ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ପ୍ରସ୍ତୁତ । ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜାଇ କହିଛନ୍ତି ଯେ କତାର ଇରାନର ସର୍ତ୍ତାବଳୀ ୱାଶିଂଟନକୁ ଜଣାଇଛି। ଯୋଗାଯୋଗରେ ଅଛୁ। ଯୁଦ୍ଧ ଶେଷ କରିବା ଉଦ୍ଦେଶ୍ୟରେ କତାର ୱାଶିଂଟନକୁ ଆମର ସର୍ତ୍ତ ଜଣାଇ ଦେଇଛି। ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛୁ। ରେଜାଇଙ୍କ ଅନୁଯାୟୀ, ସର୍ତ୍ତଗୁଡ଼ିକ ମଧ୍ୟରେ ସମସ୍ତ ଫ୍ରଣ୍ଟରେ ଯୁଦ୍ଧ ସମାପ୍ତ କରିବା, ଇରାନର ଫ୍ରୋଜନ୍ ପାଣ୍ଠି ମୁକ୍ତ କରିବା ଏବଂ ନୌସେନା ଅବରୋଧ ଉଠାଇବା ଅନ୍ତର୍ଭୁକ୍ତ।' ତେହେରାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛି। ଅଲ୍ ଜଜିରା, ଶିନ୍‌ହୁଆ, ଗଲ୍ଫ ନ୍ୟୁଜ୍ ଏବଂ ଆରବ ନ୍ୟୁଜ୍ ଦ୍ୱାରା ରିପୋର୍ଟ କରାଯାଇଥିବା ଅନୁଯାୟୀ, ରେଜାଇ କହିଛନ୍ତି, 'ଆମେ ମଧ୍ୟସ୍ଥି କତାର ସହିତ

---

## ୨ କଏଦୀ ଫେରାର ଘଟଣା

# ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ



ଚୌଦ୍ୱାର, ୨୦।୯: ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣାରେ ବିବାଦୀୟ ହୋଇପଡିଥିବା ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ରବିବାର ଚୌଦ୍ୱାର ଥାନା ପୁଲିସ ଗିରଫ କରିଛି। ପୂର୍ବରୁ ହାଇକୋର୍ଟରେ ତାଙ୍କ ଆଗୁଆ ଜାମିନ ନାମଞ୍ଜୁର ହୋଇଯିବା ପରେ ତାଙ୍କୁ ଗିରଫ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ଜେଲ୍‌ର କଡ଼ା ସୁରକ୍ଷା ବଳୟ ମଧ୍ୟରୁ ୨ ଜଣ ବିହାରୀ ହତ୍ୟା ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଏହି ଘଟଣା ସେତେବେଳେ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଜେଲର କଡା ସୁରକ୍ଷା ବଳୟ ମଧ୍ୟରୁ କଏଦୀ କିଭଳି ଚମ୍ପଟ ମାରିଲେ, ସେନେଇ ବିଭାଗୀୟ ଅଧିକାରୀମାନଙ୍କ ଉପରେ ପ୍ରଶ୍ନ ଉଠିଥିଲା । ଏ ନେଇ ପୂର୍ବତନ ଜେଲର ସନ୍ତୋଷିନୀ ଦାସ ଥାନାରେ ଅଭିଯୋଗ କରିବା ସହ ତତ୍କାଳୀନ ଅଧକ୍ଷ ଶ୍ରୀ ରାଉଳଙ୍କ ନାମ ଏଥିରେ ଉଲ୍ଲେଖ କରିଥିଲେ । ଶ୍ରୀ ରାଉଳ କର୍ତ୍ତବ୍ୟରେ ଅବହେଳା କରିଥିବା ଓ ତାଙ୍କ ଦସ୍ତଖତକୁ ଜାଲିଆତି କରାଯାଇଥିବା ନେଇ ଶ୍ରୀମତୀ ଦାସ ନିଜ ଅଭିଯୋଗରେ ଦର୍ଶାଇଥିଲେ । ଗିରଫଦାରୀରୁ ବଞ୍ଚିବା ପାଇଁ ଶ୍ରୀ ରାଉଳ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ଯାହା ଗତ ୧ ତାରିଖରେ ମାନ୍ୟବର କୋର୍ଟ ଖାରଜ କରିଦେଇଥିଲେ ।

---

ସମ୍ବେଦନଶୀଳ ପ୍ରତିଷ୍ଠାନରେ ପୁଲିସକର୍ମୀଙ୍କୁ ଆଦେଶ

# ଡ୍ୟୁଟି ବେଳେ ଫଟୋ ଉଠା, ଭିଡିଓ ରେକର୍ଡ ମନା

ଭୁବନେଶ୍ୱର, ୨୦।୯(ନିପ୍ର): ଭୁବନେଶ୍ୱର-କଟକ ପୁଲିସ କମିଶନରେଟ୍ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡ଼ିକରେ ନିୟୋଜିତ ପୁଲିସକର୍ମୀଙ୍କ ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂ




ଉପରେ ରୋକ ଲଗାଇଛି। ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣ ମାଧ୍ୟମରେ ଫଟୋ କିମ୍ବା ଭିଡିଓ ତିଆରି କରିବାକୁ ଅନୁମତି ମିଳିବନାହିଁ। ପୁଲିସ କମିଶନରେଟ୍ ପକ୍ଷରୁ ସେପ୍ଟେମ୍ବର ୧୯ ତାରିଖରେ ଜାରି ହୋଇଥିବା ଆଦେଶରେ କୁହାଯାଇଛି ଯେ, କେତେକ କ୍ଷେତ୍ରରେ ଏଭଳିଭିଡିଓ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ଗୋପନୀୟ ସୂଚନା ଓ ସମ୍ବେଦନଶୀଳ ସ୍ଥାନସମ୍ପର୍କିତ ତଥ୍ୟ ଅଜାଣତରେ ସାର୍ବଜନୀନ ହୋଇପାରେ। ଆଦେଶରେ କୁହାଯାଇଛି ଯେ, ଏପରି ଅବହେଳା ଯୋଗୁଁ ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଏଥିସହ ସମ୍ବେଦନଶୀଳ

### ସ୍ଥାନ ସମ୍ପର୍କିତ ତଥ୍ୟ ଅଜାଣତରେ ହୋଇପାରେ ସାର୍ବଜନୀନ

ସୂଚନା ସାର୍ବଜନୀନ ହେବା ଦ୍ୱାରା ଭବିଷ୍ୟତରେ ସୁରକ୍ଷା ସମ୍ପର୍କିତ ଆହ୍ୱାନବୃଦ୍ଧି ପାଇପାରେ। ଆଦେଶ ଅନୁଯାୟୀ, ଲୋକ ଭବନ, ଲୋକସେବା ଭବନ, ଶ୍ରୀଲିଙ୍ଗରାଜମନ୍ଦିର,ଓଡ଼ିଶା ବିଧାନସଭା, ଓଡ଼ିଶା ହାଇକୋର୍ଟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଅସ୍ତ୍ରାଗାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନରେ ନିୟୋଜିତ ପୁଲିସକର୍ମୀମାନେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନାକୌଣସି ଉଦ୍ଦେଶ୍ୟରେ ଫଟୋ କିମ୍ବା ଭିଡିଓ ରେକର୍ଡ କରିପାରିବେ ନାହିଁ ।ସମସ୍ତ ଗୁରୁତ୍ୱପୂର୍ଣ୍ଣପ୍ରତିଷ୍ଠାନର ପ୍ରଭାରୀମାନଙ୍କୁ ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଭାବେ ତଦାରଖ କରିବା ସହ ଏପରିକାର୍ଯ୍ୟକଳାପକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ କମିଶନରେଟ୍ ସ୍ପଷ୍ଟକରିଛି ଯେ,ଆଦେଶର ଉଲ୍ଲଂଘନକୁ ଗୁରୁତ୍ୱର ସହ ନିଆଯିବ ଏବଂ ସମ୍ପୃକ୍ତପୁଲିସକର୍ମୀଙ୍କ ବିରୋଧରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୁଲିସ କମିଶନରଭୁବନେଶ୍ୱର, କଟକ, ମୁଖ୍ୟାଳୟ, ସଶସ୍ତ୍ର ପୁଲିସ, ସୁରକ୍ଷା ଓ ପ୍ରଶିକ୍ଷଣ ସହ ଜଡ଼ିତ ବରିଷ୍ଠ ଅଧିକାରୀମାନଙ୍କୁ ଏହି ଆଦେଶ ସମ୍ପର୍କରେ ସମସ୍ତ ସମ୍ପୃକ୍ତପୁଲିସକର୍ମୀଙ୍କୁ ଅବଗତ କରାଇବା ଏବଂ ଉଲ୍ଲଂଘନ ଘଟିଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

---

# ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୨୦।୯: ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁନର୍ବାର ଚିଠି ଲେଖି ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଏବଂ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ(ଏମଏମଡିଆର), ୨୦୨୬'କୁ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ଅନୁରୋଧ କରିଛନ୍ତି। ୨୦ ସେପ୍ଟେମ୍ବର ୨୦୨୬ ତାରିଖର ଏହି ଦୁଇ ପୃଷ୍ଠା ବିଶିଷ୍ଟ ଚିଠିଟି ଅଗଷ୍ଟରେ



ହୋଇଥିବା ପୂର୍ବବର୍ତ୍ତୀ ଯୋଗାଯୋଗର ଏକ ପରବର୍ତ୍ତୀ ପଦକ୍ଷେପ । ଶ୍ରୀ ପଟ୍ଟନାୟକ ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ସଂଶୋଧନ 'ପ୍ରକୃତରେ ଓଡ଼ିଶାର ଖଣିଜ ସମ୍ପଦ ଉପରେ ଟିକସ ଆଦାୟ କରିବାର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛି' ଏବଂ ରାଜ୍ୟର ୨୦ ଜଣ ବିଜେପି ସାଂସଦ 'ଓଡ଼ିଶାର ଲୋକଙ୍କ ସ୍ୱାର୍ଥ ବିରୋଧରେ ଯାଇ ଏହି ସଂଶୋଧନକୁ ସମର୍ଥନ କରିଥିଲେ।'ସେ ଲେଖିଛନ୍ତି, 'ଖଣି ମାଲିକମାନେ ଏହା ହିଁ ଚାହୁଁଥିଲେ ଏବଂ ଏଥିପାଇଁ ସଂଘର୍ଷ କରୁଥିଲେ।'


CMYK

# ବାମନ ଅବତାର, ଆତ୍ମୋତ୍ସର୍ଗ ଓ ବ୍ରହ୍ମାଣ୍ଡୀୟ ନ୍ୟାୟ



ଭାରତୀୟ ଆଧ୍ୟାତ୍ମିକ ଦର୍ଶନରେ ଅବତାରବାଦ କେବଳ କୌଣସି ପୌରାଣିକ ଚମତ୍କାରିତା ନୁହେଁ, ବରଂ ବ୍ରହ୍ମାଣ୍ଡର ନୈତିକ ସନ୍ତୁଳନ ରକ୍ଷାର ଏକ ଶାଶ୍ୱତ ବିଧାନ। ଭଗବାନ ମହାବିଷ୍ଣୁଙ୍କ ଦଶାବତାର ମଧ୍ୟରେ ପଞ୍ଚମ ଅବତାର 'ବାମନ ଅବତାର' ହେଉଛି ପ୍ରଥମ ପୂର୍ଣ୍ଣ ମାନବୀୟ ରୂପାୟନ। ପୂର୍ବର ତିନୋଟି ଜନ୍ତୁ-ରୂପ (ମତ୍ସ୍ୟ, କୂର୍ମ, ବରାହ) ଏବଂ ଗୋଟିଏ ଅର୍ଦ୍ଧ-ମାନବ ଅର୍ଦ୍ଧ-ପଶୁ ରୂପ (ନୃସିଂହ) ପରେ ବାମନ ରୂପରେ ଭଗବାନ ମାନବୀୟ ପ୍ରଜ୍ଞା, ଶାଳୀନତା, ବିନମ୍ରତା ଓ ବ୍ରହ୍ମତେଜର ଅପୂର୍ବ ସମନ୍ୱୟ ଘଟାଇଥିଲେ।

ଆବିର୍ଭାବର ପବିତ୍ର କ୍ଷଣ, ମାତା-ପିତା ଓ **ସିଦ୍ଧାଶ୍ରମ:** ଦୈତ୍ୟରାଜ ବଳିଙ୍କ ଅପ୍ରତିହତ ଶକ୍ତି ଯୋଗୁଁ ସ୍ୱର୍ଗରାଜ୍ୟଚ୍ୟୁତ ହୋଇଥିବା ଦେବତାମାନଙ୍କ ଦୁଃଖ ଦୂର କରିବା ନିମନ୍ତେ ଦେବମାତା ଅଦିତି କଠୋର 'ପୟୋବ୍ରତ' ପାଳନ କରିଥିଲେ। ସେହି ତପସ୍ୟାର ଫଳସ୍ୱରୂପ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ, ଶ୍ରବଣା ନକ୍ଷତ୍ର ଓ ଅଭିଜିତ୍ ମୁହୂର୍ତ୍ତରେ, ପବିତ୍ର 'ସିଦ୍ଧାଶ୍ରମ' (ବର୍ତ୍ତମାନର ବିହାରସ୍ଥିତ ବକ୍ସର ଅଞ୍ଚଳ) କ୍ଷେତ୍ରରେ ମହର୍ଷି କଶ୍ୟପ ଓ ଦେବମାତା ଅଦିତିଙ୍କ ସନ୍ତାନ ରୂପେ ଭଗବାନ ବିଷ୍ଣୁ କ୍ଷୁଦ୍ରକାୟ ବ୍ରହ୍ମଚାରୀ ବେଶରେ ଅବତୀର୍ଣ୍ଣ ହେଲେ। ହସ୍ତରେ ଛତ୍ର, ଦଣ୍ଡ ଓ କମଣ୍ଡଳୁ ଧାରଣ କରିଥିବା ଏହି ବ୍ରହ୍ମତେଜୋଦୀପ୍ତ ବାମନ ରୂପ ସମସ୍ତ ମୁନିଋଷିଙ୍କ ମନ ମୋହିତ କରିଥିଲା। ତାଙ୍କ ଜନ୍ମୋତ୍ସବରେ ସ୍ୱୟଂ ପ୍ରକୃତି ସହଯୋଗ କରିଥିଲା ଏବଂ ବ୍ରହ୍ମର୍ଷିମାନେ ତାଙ୍କର ଉପନୟନ ସଂସ୍କାର ସମ୍ପନ୍ନ କରାଇଥିଲେ।



ବାମନଙ୍କ ଦର୍ଶନ ଓ ଜୀବନ-**ଦୃଷ୍ଟିକୋଣ:** ବାମନ ଅବତାରଙ୍କ ବାର୍ତ୍ତା କେବଳ କୌଣସି ରାଜନୈତିକ କ୍ଷମତା ହସ୍ତାନ୍ତର ପାଇଁ ଉଦ୍ଦିଷ୍ଟ ନ ଥିଲା, ଏହା ଥିଲା ମାନବଜାତି ପାଇଁ ଦାର୍ଶନିକ ମାର୍ଗଦର୍ଶନ:

**ସନ୍ତୋଷ ହିଁ ପରମ ଐଶ୍ୱର୍ଯ୍ୟ:** ଯଜ୍ଞଶାଳାରେ ରାଜା ବଳି ଯେତେବେଳେ ବାମନଙ୍କୁ ଧନ, ଗ୍ରାମ, ସୁବର୍ଣ୍ଣ କିମ୍ବା ରାଜ୍ୟ ମାଗିବାକୁ ପ୍ରସ୍ତାବ ଦେଲେ, ବାମନ ତାହା ପ୍ରତ୍ୟାଖ୍ୟାନ କରି କେବଳ ନିଜ ପାଦରେ 'ତିନି ପାଦ ଭୂମି' ମାଗିଥିଲେ। ବାମନଙ୍କ ମତ ଥିଲା 'ଯେଉଁ ବ୍ୟକ୍ତି ନିଜ ଆବଶ୍ୟକତାରେ ସନ୍ତୁଷ୍ଟ ନୁହେଁ, ତାକୁ ସମଗ୍ର ତ୍ରିଲୋକ ଦେଇଦେଲେ ମଧ୍ୟ ତା'ର ତୃଷ୍ଣା ଶାନ୍ତ ହେବ ନାହିଁ। ମଣିଷର ଇନ୍ଦ୍ରିୟସଂଯମ ଓ ସନ୍ତୋଷ ହିଁ ଶାନ୍ତିର ମୂଳଦୁଆ।'

**ଅହଂକାର ମୁକ୍ତ ନ୍ୟାସୀ ଭାବ:** ସମଗ୍ର ସୃଷ୍ଟି ଓ ସମ୍ପଦର ପ୍ରକୃତ ମାଲିକ ହେଉଛନ୍ତି ପରମେଶ୍ୱର। ମଣିଷ କେବଳ ସେହି ସମ୍ପଦର ସାମୟିକ ଉପଭୋକ୍ତା ବା ରକ୍ଷକ। ଦାନ କରି ନିଜକୁ 'ଦାତା' ବୋଲି ଗର୍ବ କରିବା ଚରମ ଅଜ୍ଞାନତା।

**ତ୍ରିବିକ୍ରମ ରୂପ:** ଅଣୁରୁ ବ୍ରହ୍ମାଣ୍ଡ ବିସ୍ତାର

ରାକ୍ଷସଗୁରୁ ଶୁକ୍ରାଚାର୍ଯ୍ୟଙ୍କ ସତର୍କବାଣୀ ସତ୍ତ୍ୱେ ସତ୍ୟବାଦୀ ବଳି ସଂକଳ୍ପ ଜଳ ଢାଳି ଦାନ ପ୍ରତିଶ୍ରୁତି ଦେବା କ୍ଷଣି ସେହି କ୍ଷୁଦ୍ରକାୟ ବାମନ ବିରାଟ

**'ତ୍ରିବିକ୍ରମ' ରୂପ ଧାରଣ କଲେ:**

**ପ୍ରଥମ ପାଦରେ:** ସମଗ୍ର ମର୍ତ୍ତ୍ୟମଣ୍ଡଳ, ପାତାଳ ଓ ପୃଥିବୀ।

**ଦ୍ୱିତୀୟ ପାଦରେ:** ସ୍ୱର୍ଗ, ନକ୍ଷତ୍ରଲୋକ ତଥା ସମଗ୍ର ଅନ୍ତରୀକ୍ଷ।

ଯେତେବେଳେ ତୃତୀୟ ପାଦ ରଖିବାକୁ କୌଣସି ସ୍ଥାନ ଅବଶିଷ୍ଟ ରହିଲା ନାହିଁ, ସେତେବେଳେ ରାଜା ବଳି ନିଜର ପ୍ରତିଶ୍ରୁତି ରକ୍ଷା କରିବା ନିମନ୍ତେ ସ୍ୱକୀୟ ମସ୍ତକ ଅବନତ କରିଦେଲେ। ଏହି ଘଟଣା ବାହ୍ୟ ଦୃଷ୍ଟିରେ ରାଜ୍ୟ ଅପହରଣ ଜଣାପଡୁଥିଲେ ହେଁ, ଏହା ବସ୍ତୁତଃ ବଳିଙ୍କ ଆତ୍ମାର ଚରମ ବିମୋକ୍ଷ ଥିଲା।

ବଳିଙ୍କ ପ୍ରତି ବାମନଙ୍କ ଆଚରଣ କ'ଣ ନ୍ୟାୟୋଚିତ ଥିଲା ?

ଅନେକ ସମୟରେ ପ୍ରଶ୍ନ ଉଠେ ଯେ ଜଣେ ଧର୍ମନିଷ୍ଠ, ଦାନବୀର ରାଜାଙ୍କୁ ଛଳନା କରି ପଦାନତ କରିବା କେତେଦୂର ନ୍ୟାୟସଙ୍ଗତ ? ବ୍ରହ୍ମାଣ୍ଡୀୟ ନ୍ୟାୟ ଦୃଷ୍ଟିକୋଣରୁ ଏହା ସମ୍ପୂର୍ଣ୍ଣ ଯଥାର୍ଥ ଥିଲା:

**ପ୍ରକୃତିର ନିୟମ ଓ ସନ୍ତୁଳନ ରକ୍ଷା:** ବଳି ଉତ୍ତମ ଶାସକ ହୋଇପାରନ୍ତି, ମାତ୍ର ଅନ୍ୟର ଅଧିକାର (ସ୍ୱର୍ଗ) ଛଡ଼ାଇ ନେବା ପ୍ରକୃତିର ନିୟମାନୁକୂଳ ନ ଥିଲା। ସୃଷ୍ଟିର ସନ୍ତୁଳନ ଫେରାଇ ଆଣିବା ନିମନ୍ତେ ଏହି କାର୍ଯ୍ୟ ଅନିବାର୍ଯ୍ୟ ଥିଲା।

**ସୂକ୍ଷ୍ମ ଅହଂ-ବିଲୟ:** ବଳିଙ୍କ ମନରେ ସୃଷ୍ଟି ହୋଇଥିବା 'ମୁଁ ଦାତା, ମୁଁ ସ୍ୱର୍ଗ-ମର୍ତ୍ତ୍ୟର ସ୍ୱାମୀ' ଭାବନା ତାଙ୍କ ପତନର କାରଣ ହୋଇଥାନ୍ତା। ଭଗବାନ ତାଙ୍କ ଭୌତିକ ସମ୍ପତ୍ତି ଛଡ଼ାଇ ନେଇ ତାଙ୍କୁ ଆଧ୍ୟାତ୍ମିକ ଭାବେ ଶୁଦ୍ଧ କଲେ।

**ଚରମ ପୁରସ୍କାର:** ଏହା ଦଣ୍ଡ ନ ଥିଲା, ଥିଲା ପରମ ଅନୁଗ୍ରହ। ବଳିଙ୍କୁ ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ ଓ ଭୟଶୂନ୍ୟ 'ସୁତଳ ଲୋକ'ର ସମ୍ରାଟ କରାଗଲା, ପରବର୍ତ୍ତୀ ମନ୍ୱନ୍ତରରେ ଇନ୍ଦ୍ର ପଦ ପ୍ରଦାନର ପ୍ରତିଶ୍ରୁତି ମିଳିଲା ଏବଂ ସ୍ୱୟଂ ଭଗବାନ ବଳିଙ୍କ ଭକ୍ତିରେ ବନ୍ଧା ହୋଇ ସୁତଳ ଦ୍ୱାରରେ ଗଦାଧାରୀ ଦ୍ୱାରପାଳ ଭାବେ ଅବସ୍ଥାନ କଲେ।



**ମାନବଜାତି ପାଇଁ ବାମନ ଜୟନ୍ତୀର ଚିରନ୍ତନ ବାର୍ତ୍ତା:**

ବାମନ ଅବତାର କୌଣସି ପରାଜୟର ଇତିହାସ ନୁହେଁ, ଏହା ଭକ୍ତ ଓ ଭଗବାନଙ୍କ ମିଳନର ଏକ ଦିବ୍ୟ ଅଧ୍ୟାୟ। **ଏହି ଆବିର୍ଭାବ ଆମକୁ ଶିକ୍ଷା ଦିଏ:**

ଶରୀର ବା ପଦବୀର ଆକାର ନୁହେଁ, ଚିନ୍ତନର ଗଭୀରତା ହିଁ ମଣିଷକୁ ମହାନ କରେ। ସାଂସାରିକ ପ୍ରତିଷ୍ଠା ଓ ଐଶ୍ୱର୍ଯ୍ୟ ଯେତେ ବଢ଼ିଲେ ମଧ୍ୟ ବିନମ୍ରତା ହରାଇଲେ ସର୍ବନାଶ ଘଟେ। ପୂର୍ଣ୍ଣ ଆତ୍ମସମର୍ପଣ ଭିତରେ ହିଁ ଈଶ୍ୱରଙ୍କ ସର୍ବୋଚ୍ଚ କୃପା ଲୁକ୍କାୟିତ। ଭାଦ୍ରବ ଶୁକ୍ଳ ଦ୍ୱାଦଶୀର ଏହି ପବିତ୍ର ତିଥି ପ୍ରତ୍ୟେକ ମାନବକୁ ସ୍ମରଣ କରାଇଦିଏ ଯେ ନିଜ ଭିତରେ ଥିବା ସଂକୀର୍ଣ୍ଣତା ଓ ଅହଂକାରକୁ ବିସର୍ଜନ କରି ବିଶ୍ୱାତ୍ମା ଭାବନାରେ ଉଦ୍‌ବୁଦ୍ଧ ହେବା ହିଁ ମାନବ ଜନ୍ମର ଚରମ ଲକ୍ଷ୍ୟ।

*-ମନୋଜ କୁମାର ଶତପଥି*
*ମୋ-୯୯୩୮୫୫୯୫୬୮*



## ବିଭୁଙ୍କ ପ୍ରତି ସମର୍ପିତ ହେଉ

# ସମର୍ପଣ

ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ। କିନ୍ତୁ ଅସତ୍ କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପଦକୁ ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କଲେ ତାହା ସୁଫଳ ବଦଳରେ କୁଫଳ ଦେଇଥାଏ।

ଦୈନନ୍ଦିନ ସମସ୍ତ କର୍ମକୁ ଈଶ୍ୱରଙ୍କୁ ସମର୍ପଣ କରି କର୍ମ କରିବା ଓ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିବାକୁ କର୍ମଯୋଗ କୁହାଯାଏ । ଏଥିପାଇଁ ଗୀତାରେ ଭଗବାନ କହିଲେ "ଯତ୍‌କରୋଷି ଯଦ୍‌ଶ୍ନାସି ଯଜ୍ଜୁହୋଷି ଦଦାସିଯତ୍ ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍' ।" ଅର୍ଥ-ତୁମ୍ଭେ ଯାହା କରୁଛ, ଯାହା ଖାଉଛ, ଯାହା ଅର୍ପଣ କରୁଛ, ଯାହା ଦାନ କରୁଛ ଏବଂ ଯେଉଁ ତପସ୍ୟା କରୁଛ, ଏ ସମସ୍ତ କର୍ମ ମୋତେ ଅର୍ପଣ କର । ଏହାର ଅର୍ଥ ହେଲା କାର୍ଯ୍ୟଟିଏ କରିବା ପୂର୍ବରୁ ଈଶ୍ୱରଙ୍କୁ ପ୍ରଣାମ କରି କାର୍ଯ୍ୟଟି ଆରମ୍ଭ କର । ଯେତେବେଳେ ଖାଉଛ ତାହା ଈଶ୍ୱରଙ୍କୁ ସମର୍ପଣ କର। ଯେଉଁ ବ୍ରତ, ଉପବାସ କରୁଛ ତାହା ଭକ୍ତି ସହକାରେ କର ଏବଂ ଏପରି କର୍ମ କର ଯେଉଁ କର୍ମରେ ଈଶ୍ୱର ସନ୍ତୁଷ୍ଟ ହେବେ । କର୍ମ ତ ସମସ୍ତେ କରୁଛନ୍ତି । କର୍ମ ନ କରି କ'ଣ କିଏ ବଞ୍ଚିପାରିବ ଶୋଇ ରହିଲେ ବି ଦେହ ଭିତରେ କାର୍ଯ୍ୟ ସବୁ ସମୟ ପାଇଁ ଚାଲିଛି । ତେଣୁ କର୍ମକୁ ଏପରି ଭାବରେ ବାଛି ବାଛି କର, ଯାହାଦ୍ୱାରା ତୁମର ମଙ୍ଗଳ ହେବ, ପରିବାରର ମଙ୍ଗଳ ହେବ ଓ ସମାଜର ମଙ୍ଗଳ ହେବ । ସମାଜର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ହିଁ ହେଉଛି ଈଶ୍ୱରଙ୍କ ପାଇଁ କର୍ମ ଓ ତାହା ହିଁ ହେଉଛି ଈଶ୍ୱରଙ୍କର ସେବା । ତୁମ ପାଇଁ କିମ୍ବା ତୁମ ପରିବାର ପାଇଁ ତୁମ୍ଭେ ଯେଉଁ କର୍ମ କରୁଛ ତାହା କେବଳ କର୍ମ ହୋଇଯାଏ କିନ୍ତୁ ତାହା କର୍ମଯୋଗ ହୋଇପାରେନା । କର୍ମ ଭିତରେ ସ୍ୱାର୍ଥ, ଲୋଭ, ମୋହ, ଗର୍ବ ସବୁ ମନକୁ ମନ ପ୍ରବେଶ କରିଯାଏ । କିନ୍ତୁ କର୍ମଯୋଗ ଅର୍ଥାତ୍, କର୍ମ ଯେତେବେଳେ ଈଶ୍ୱରଙ୍କର ଉଦ୍ଦେଶ୍ୟରେ ବା ସମୂହ କଲ୍ୟାଣ ପାଇଁ କରାଯାଏ । ସେତେବେଳେ ତାହା କର୍ମଯୋଗରେ ପରିଣତ ହୋଇଯାଏ। ତୁମ୍ଭ ନିଜ ପରିବାର ପାଇଁ ଗୋଟିଏ କୂଅ ଖୋଳିବା ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଗୋଟିଏ କୂଅ ଖୋଳିବାରେ ପ୍ରଭେଦ ଅଛି ନା ନାହିଁ ଉଭୟ କୂଅ ଖୋଳିବାରେ ପରିଶ୍ରମ ଏକା, ଖର୍ଚ୍ଚ ଏକା ଓ ସାମଗ୍ରୀ ମଧ୍ୟ ଏକା। କିନ୍ତୁ ଉଦ୍ଦେଶ୍ୟ ହୋଇଥାଏ ଭିନ୍ନ ଭିନ୍ନ। ଗୋଟିଏ ହୋଇଥାଏ ସ୍ୱାର୍ଥଜନିତ କର୍ମ । ଅନ୍ୟଟି ହୋଇଥାଏ ସମୂହ ସ୍ୱାର୍ଥଯୁକ୍ତ କର୍ମ। ତେଣୁ କର୍ମ ଓ କର୍ମଯୋଗ ମଧ୍ୟରେ ଏହା ହିଁ ହେଉଛି ପ୍ରଭେଦ । ସମସ୍ତ କର୍ମକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । (୧) ସତ୍‌କର୍ମ ଓ (୨) ଅସତ୍ କର୍ମ। ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ । କିନ୍ତୁ ଅସତ୍ କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପଦକୁ ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କଲେ ତାହା ସୁଫଳ ବଦଳରେ କୁଫଳ ଦେଇଥାଏ।

# ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତରେ ପ୍ରକୃତ ଶାନ୍ତି

ଚାଲୁ ରହିଛି, ୟୁକ୍ରେନ-ରୁଷିଆ, ଇରାନ-ଆମେରିକା ଏବଂ ଏବେ ହୁତି ବିଦ୍ରୋହୀ-ସାଉଦି ଆରବ ମଧ୍ୟରେ ଯୁଦ୍ଧ । ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ମହାଶକ୍ତି ଗୁଡ଼ିକର ଆକ୍ରୋଶ, ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ, ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୋଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ବିଗତ ଅନେକ ବର୍ଷ ହେଲା ଦୁନିଆ ପ୍ରତି ମାଡ଼ି ଆସୁଥିବା ଏହି ସବୁ ବିପଦ ସଂକ୍ରାନ୍ତରେ ସାଧାରଣ ବ୍ୟକ୍ତିଙ୍କୁ ସତର୍କ କରାଇ ଆସୁଛନ୍ତି । କୌଣସି ହଟଚମଟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ଏହା ସୂଚାଇ ଦେବା ପାଇଁ ଯେ ଦୁନିଆ ଏହି ଅବସ୍ଥାରେ କିପରି ଆସି ପହଂଚିଲା ଏବଂ ଏବେ ସେହି ଧ୍ୱଂସ ମୁଖରୁ ପୃଥିବୀକୁ କିପରି ରକ୍ଷା କରାଯାଇ ପାରିବ । ଦୁନିଆରେ ଶାନ୍ତି ଫେରାଇ ଆଣିବାକୁ ହେଲେ ଏକମାତ୍ର ଉପାୟ ହେଉଛି, ନ୍ୟାୟର ପନ୍ଥାକୁ ଆପଣାଇବା ତଥା ଅତି ବିନମ୍ର ଭାବରେ ଓ ଆଜ୍ଞାବହ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ସେହିପରି ସମଗ୍ର ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କରିବା, ଦୁର୍ବଳ ଓ ଅସହାୟଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଆଦର ସମ୍ମାନ ସହିତ ସେମାନଙ୍କ ଦୁଃଖରେ ସମଭାଗୀ ହେବା ସହିତ ଈଶ୍ୱର ଭୟ ରଖି ସତ୍ୟ ଓ ଧର୍ମ ପଥରେ ଚାଲିବା ଏବଂ ନିଷ୍ଠାପର ଭାବନା ନେଇ ନିଜର ପରମ ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତ ହେଲେ ଯାଇ ପ୍ରକୃତ ଶାନ୍ତିକୁ ପାଇ ପାରିବା ।

*ଅମତୁସ ଶାଫି, କେରଙ୍ଗ-ଖୋର୍ଦ୍ଧା, ମୋ- ୯୪୩୭୬୪୫୬୬୭*



# ଶିବଙ୍କ ଦୁଇ ଅବତାର



ପୁରାଣ ଶାସ୍ତ୍ରର ବର୍ଣ୍ଣନାକୁ ଧ୍ୟାନ ଦେଲେ ଜଣାପଡେ ଯେ ପୃଥିବୀ ପୃଷ୍ଠରେ ଅଧର୍ମକୁ ନାଶ କରି ଧର୍ମ ସ୍ଥାପନା କରିବା ପାଇଁ ଭଗବାନ ଅବତାର ନେଇଥାନ୍ତି। ଭଗବାନ ବିଷ୍ଣୁ ଓ ପ୍ରଭୁ ଭୋଳାନାଥ ସଂସାରରେ ଧର୍ମ ସ୍ଥାପନା ପାଇଁ ଅନେକ ଅବତାର ନେଇଛନ୍ତି। ଏବେର ଯୁଗ ହେଉଛି କଳିଯୁଗ। ଶାସ୍ତ୍ରରେ କୁହାଯାଇଛି ଯେ କଳିଯୁଗରେ ମଧ୍ୟ ଧର୍ମ ସ୍ଥାପନା କରିବା ପାଇଁ ଭଗବାନ ବିଷ୍ଣୁ ଓ ଭୋଳାଶଙ୍କର ନିଜ ନିଜ ଅବତାର ନେବେ। ଭଗବାନ ବିଷ୍ଣୁ କଳିଯୁଗରେ କଳ୍‌କୀ ଅବତାର ନେବେ। ଏହାସହ ଭୋଳାନାଥଙ୍କର ଦୁଇଟି ଅବତାର ଆଜି ବି ଏହି ପୃଥିବୀ ପୃଷ୍ଠରେ ରହିଛି ବୋଲି ଶୁଣିବାକୁ ମିଳେ। ଭଗବାନ ଶିବଙ୍କର ଏକାଦଶ ଅବତାର ସଙ୍କଟମୋଚନ ହନୁମାନ ଓ ମହାଭାରତ ଯୁଗର ଯୋଦ୍ଧା ଅଶ୍ୱତ୍‌ଥମା ଆଜି ବି ଉପସ୍ଥିତି ଥିବାର ଶୁଣିବାକୁ ମିଳେ। ଭଗବାନ ହନୁମାନ ମହାପ୍ରଭୁଙ୍କୁ ସମସ୍ତେ ପୂଜା କରନ୍ତି। ତାଙ୍କ ଉପସ୍ଥିତିକୁ ଏ ଯୁଗରେ ଅନୁଭବ କରାଯାଏ। ଭକ୍ତମାନେ ବିଶ୍ୱାସର ସହିତ ପ୍ରଭୁଙ୍କୁ ଡାକିଲେ ସେ ସବୁ ସମସ୍ୟା ଦୂର କରନ୍ତି ବୋଲି ମାନ୍ୟତା ରହିଛି। କିନ୍ତୁ ଅଶ୍ୱତ୍‌ଥାମା ଆଜି ବି ଘନ ଜଙ୍ଗଲରେ ବୁଲୁଥିବାର ଶୁଣିବାକୁ ମିଳେ। ହନୁମାନ ବାନରରାଜ କେସରୀଙ୍କ ପତ୍ନୀ ଅଞ୍ଜନୀଙ୍କ ପୁତ୍ର। ପବନ ଦେବଙ୍କ ଆଶୀର୍ବାଦରୁ ହନୁମାନଙ୍କ ଜନ୍ମ ହୋଇଥିବାରୁ ତାଙ୍କୁ ପବନପୁତ୍ର ମଧ୍ୟ କୁହାଯାଏ। ସେହିପରି ଅଶ୍ୱତ୍‌ଥାମାଙ୍କ ପିତା ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟ। ଭଗବାନ ଶିବଙ୍କ କୃପାରୁ ଗୁରୁଙ୍କର ପୁତ୍ର ଜନ୍ମ ହୋଇଥିଲା। ସେତେବେଳେ ସେ ସବନ୍ତିକ ରୁଦ୍ରଙ୍କ ଅଂଶ ରୂପେ ଅଶ୍ୱତ୍‌ଥାମା ଜନ୍ମ ନେଇଥିଲେ। ଯେବେ ପବନପୁତ୍ର ହନୁମାନ ମାତା ସୀତାଙ୍କୁ ଖୋଜିବାକୁ ବାହାରିଲେ ସେତେବେଳେ ସେ ସମୁଦ୍ର ପାର କରି ଲଙ୍କାରେ ପହଞ୍ଚିଥିଲେ। ସେହି ସମୟରେ ସୀତା ମାତା ତାଙ୍କୁ ଅମର ହେବାର ବରଦାନ ଦେଲେ। ତେଣୁ କୁହାଯାଏ ଏମିତି ବି ଶୁଣିବାକୁ ମିଳେ ଯେ ଭଗବାନ ରାମ ହନୁମାନଙ୍କୁ କଳିଯୁଗରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବିଶ୍ୱାସ ରହିଛି ଯେ ସଙ୍କଟମୋଚନ ଏବେ ବି ଉପସ୍ଥିତ ଅଛନ୍ତି। ପ୍ରଭୁଙ୍କ ଭକ୍ତ ମଧ୍ୟ ଅସଂଖ୍ୟ ଭାବେ ରହିଛନ୍ତି। କିନ୍ତୁ ଅଶ୍ୱତ୍‌ଥାମାଙ୍କୁ ଅଭିଶାପ ମିଳିଥିଲା। ମହାଭାରତ ଯୁଦ୍ଧ ସମୟରେ ଯେବେ କୌରବଙ୍କ ପରାଜୟ ହେବାପରେ ରାତିରେ ଶୋଇବା ସମୟରେ ପାଣ୍ଡବ ମାନଙ୍କର ୫ଟି ପୁତ୍ରଙ୍କୁ ହତ୍ୟା କରିଥିଲେ। ଏହାସହିତ ଉତ୍ତରାଙ୍କ ଗର୍ଭକୁ ବ୍ରହ୍ମାସ୍ତ୍ର ମଧ୍ୟରେ ନଷ୍ଟ କରିଥିଲେ। ଏହା ପରେ ଭଗବାନ ଶ୍ରୀକୃଷ୍ଣ ଅଶ୍ୱତ୍‌ଥାମାଙ୍କୁ ଅଭିଶାପ ଦେଇଥିଲେ ଯେ ସେ ସବୁଦିନ ପାଇଁ ପୃଥିବୀରେ ଜୀବିତ ରହିବେ। ଆଉ ଏମିତି ତାଙ୍କ ଆତ୍ମା ବୁଲୁଥିବ।

**ଭଗବାନ ଶିବଙ୍କର ଏକାଦଶ ଅବତାର ସଙ୍କଟମୋଚନ ହନୁମାନ ଓ ମହାଭାରତ ଯୁଗର ଯୋଦ୍ଧା ଅଶ୍ୱତ୍‌ଥାମା ଆଜି ବି ଉପସ୍ଥିତି ଥିବାର ଶୁଣିବାକୁ ମିଳେ। ଭଗବାନ ହନୁମାନ ମହାପ୍ରଭୁଙ୍କୁ ସମସ୍ତେ ପୂଜା କରନ୍ତି।**





# ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି: ୪୦୩ ମୂର୍ତ୍ତି ବିସର୍ଜିତ

କଟକ(ନିପ୍ର) : ରବିବାର ସହରରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭସାଣି ସମୟରେ ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ସହରରେ ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ସହିତ ୧୫୦ରୁ ଅଧିକ ଅଫିସର ମୁତୟନ ରହିଥିଲେ। ଏହି କ୍ରମରେ ଶନିବାର ସହରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ୪୦୩ ପ୍ରତିମା ବିସର୍ଜନ ପାଇଁ ଅନୁମତି ନେଇଥିଲେ। ସେଥିମଧ୍ୟରେ କେବଳ ସହର ଭିତରେ ୨୭୯ ଓ ଉପକଣ୍ଠ ଅଞ୍ଚଳରେ ୧୩୪ ପ୍ରତିମାର ଭସାଣି ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ତେଣୁ ଭସାଣି ସମୟରେ ବିଶୃଙ୍ଖଳା ଏଡାଇବା ପାଇଁ ଥାନାୱାରୀ ଭସାଣି ଶୋଭାଯାତ୍ରା ପାଇଁ ଆବଶ୍ୟକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ପ୍ରତି ବିସର୍ଜନ ସ୍ଥଳରେ ପର୍ଯ୍ୟାପ୍ତ ଫୋର୍ସ ସହିତ ଅଗ୍ନିଶମ ଟିମ ସଜାଗ ରହିଥିଲେ। ଦେବୀଗଡ଼ା ଓ ମହାନଦୀର ବିଭିନ୍ନ ବିସର୍ଜନ ସ୍ଥଳ ରୁଟ୍ ?ରେ ସଶସ୍ତ୍ର ଫୋର୍ସଙ୍କୁ ମୁତୟନ କରାଯାଇଛି। ସମ୍ପୃକ୍ତ ଜୋନ ଏସିପିଙ୍କ ତଦାରଖରେ ଥାନା ଅଧିକାରୀମାନେ ନିଜ ଅଞ୍ଚଳରେ ଭସାଣି ପରିଚାଳନା କରିଥିଲେ । ଡିସିପି ଋଷିକେଶ ଖିଲାରୀଙ୍କ ସମେତ ତିନି ଏଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଥିଲେ। ସେହିପରି ଭସାଣି ସମ୍ପର୍କିତ ଅନ୍ୟାନ୍ୟ କଟକଣାଗୁଡ଼ିକୁ ମଧ୍ୟ କଡ଼ାକଡ଼ି କରାଯାଇଥିଲା । ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଗୋଟିଏ ବ୍ୟାଣ୍ଡପାର୍ଟିରେ ସର୍ବାଧିକ ୭ଟି ସାଉଣ୍ଡ ବକ୍ସ ସହିତ ୩ଟି ଟ୍ରଲିରେ ଭସାଣି ଶୋଭାଯାତ୍ରା କରାଯାଇଥିଲା। ବିଭିନ୍ନ କ୍ଲବ ପକ୍ଷରୁ ଘଣ୍ଟ, ଘଣ୍ଟା, ତାଲମୁଲି ବାଜା ଆଦି ପାରମ୍ପରିକ ବାଦ୍ୟ ସହ ବିଭିନ୍ନ ବେଶ ଭୁଷାରେ ସଜ୍ଜିତ ଶିଳ୍ପୀ ଓ ମେଲୋଡି ଆଦିରେ ଶୋଭାଯାତ୍ରା ଯାଉଥିବା ଦେଖାଯାଇଥିଲା କ୍ଷ ରାତି ୧୦ଟାରେ ସାଉଣ୍ଡ ଓ ସମସ୍ତ ବାଜା ବନ୍ଦ କରାଯାଇ ମେଢ଼ ନିଆଯାଇଥିଲା। ଭସାଣିରେ ଡିଜେ ଓ ବାଣଫୁଟାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲେ ମଧ୍ୟ କେତେକ ସ୍ଥାନରେ ଅବାଧରେ ଡିଜେ ବାଜୁଥିବା ଦେଖାଯାଇଥିଲା। ଶୋଭାଯାତ୍ରାରେ ଯଦି କୌଣସି କ୍ଲବ ବା ପୂଜା କମିଟି ହାଇକୋର୍ଟଙ୍କ ଆଦେଶକୁ ଅବମାନନା କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିସିପି ଶ୍ରୀ ଖିଲାରୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ, ଗତ ବର୍ଷ ଦଶହରା ଭସାଣି ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଥାନାୱାରୀ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପୂର୍ବରୁ ଗୌରୀଶଙ୍କର ପାର୍କ ଠାରୁ ବକ୍ସିବଜାର, ହାୱଡ଼ା ମୋଟର ଛକ, ଚୌଧୁରୀ ବଜାର, କେଶରପୁର ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏଥିରେ ଡିସିପିଙ୍କ ନେତୃତ୍ୱରେ ସବୁ ଥାନାର ଆଇଆଇସି ଓ ଏସିପିମାନେ ସାମିଲ ହୋଇଥିଲେ। ବିଭିନ୍ନ ସଂବେଦନଶୀଳ ସ୍ଥାନ ମୁଖ୍ୟତଃ ମୁସଲିମ କମ୍ୟୁନିଟିଗୁଡ଼ିକ ନିକଟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସେହିପରି ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ କରାଯାଇଛି। ସମସ୍ତ କ୍ଲବ ଓ ପୂଜା କମିଟିଗୁଡ଼ିକୁ ଏହି ଅସ୍ଥାୟୀ ପୋଖରୀରେ ପ୍ରତିମା ବିସର୍ଜନ କରିଥିଲେ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମୀକ୍ଷା ବୈଠକ

ପୁରୀ,(ନିପ୍ର): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଗଣ, ଯନ୍ତ୍ରୀ ଏବଂ ସମସ୍ତ ଉପବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ ବୈଠକରେ ରତ୍ନ ଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀର ଡିଜିଟାଇଜେସନ୍, ଡିଜିଟାଲ ହୁଣ୍ଡି, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନ, ଶ୍ରୀମନ୍ଦିର ପତ୍ରିକାର କାର୍ତ୍ତିକ ବିଶେଷାଙ୍କ, ଶ୍ରୀମନ୍ଦିର ସଂକ୍ରାନ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଇତ୍ୟାଦି ବିଷୟରେ ସମୀକ୍ଷା କରିଛନ୍ତି ଏବଂ ଏହାସହ ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପରିଚାଳନା ଆଇନରେ ନୂତନ ଭାବେ ହୋଇଥିବା ସଦ୍ୟ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଶ୍ରୀମନ୍ଦିର ରେଡିଓ ଏବଂ ୟୁଟ୍ୟୁବ ଷ୍ଟୁଡ଼ିଓ ସଂସ୍ଥାପନ ଏବଂ ଶ୍ରୀବିଗ୍ରହଙ୍କ ତିନି ରଥର ଅଂଶଗୁଡିକର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

## ସ୍ୱର୍ଗତ ଡ. ଲିପି ହେମ୍ବ୍ରମଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର: ଉତ୍କଳ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପୂର୍ବତନ ପ୍ରଫେସର ସ୍ୱର୍ଗତ ଡ. ଲିପି ହେମ୍ବ୍ରମଙ୍କ ଜୟନ୍ତୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଗବେଷଣା ଓ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଭାବେ ୧୯୯୮ ରେ କଥାକାର ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଆଦିବାସୀ ଚରିତ୍ର ଶୀର୍ଷକ ଗବେଷଣା ନିବନ୍ଧ ଲେଖି ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ପି ଏଚ ଡ଼ି ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ପରାମର୍ଶଦାତା ସମିତିର ସଦସ୍ୟ ଭାବେ ସୁଚାରୁରୂପେ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ କାର୍ଯ୍ୟ ସଂପାନନ କରିଥିଲେ । ତାଙ୍କ ପୁଣ୍ୟ ତିଥି ଅବସରରେ ଛାତ୍ର ଡ଼ ରୁଦ୍ରନାରାୟଣ ମହାପାତ୍ର, ଡ଼ ରମେଶ ଚନ୍ଦ୍ର ମଲ୍ଲିକ୍, ଆନପା ମାରାଣ୍ଡି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## କଣ୍ଟିଲୋ ସାମ୍ବାଦିକ ସଂଘ ପକ୍ଷରୁ ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କଣ୍ଟିଲୋ, (ନି.ପ୍ର): ଖଣ୍ଡପଡା ଥାନା ଅନ୍ତର୍ଗତ ରାଜ୍ୟର ପ୍ରମୁଖ ନୀଳମାଧବ କ୍ଷେତ୍ର କଣ୍ଟିଲୋ ଫାଣ୍ଡିରେ ନୂତନ କରି ଫାଣ୍ଡି ଅଧିକାରୀଭାବେ ଯୋଗ ଦେଇଥିବା ପ୍ରମୋଦ ଡାଙ୍ଗଙ୍କୁ ରବିବାର ସନ୍ଧ୍ୟାରେ ନୀଳମାବ ସାମ୍ବାଦିକ ସଂଘ ପକ୍ଷରୁ ଫାଣ୍ଡି ପରିସରରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ଖଣ୍ଡପଡା ଏସଡିପିଓ ସରୋଜ ସାହୁ ଓ କଣ୍ଟିଲୋ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ। ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସଂଘର ସଭାପତି ପ୍ରଭାକର ଶିରୋମଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସୁକାନ୍ତ କୁମାର ମିଶ୍ର, ସରୋଜ କୁମାର ମିଶ୍ର, ଶ୍ରୀପତି ମହାରଣା, ଶୁଭ୍ରାଂଶୁ କୁମାର ମହାରଣା, ବାଳକୃଷ୍ଣ ରାଉତ, ତପନ ମହାପାତ୍ର,ଓ କଳିଙ୍ଗ ସମାଜର ଏଡିଟର ଅଖିଳ ବିହାରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କଣ୍ଟିଲୋ ପର୍ଯ୍ୟଟନ ସ୍ଥଳୀ ନୀଳମାଧବ ପୀଠ ଓ ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ସିଧାମୂଳାସ୍ଥିତ ଶ୍ରୀ ଗୋକୁଳାନନ୍ଦ ପୀଠ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ସହିତ ବିଭିନ୍ନ ଅପରାଧକୁ ନିୟନ୍ତ୍ରଣ କରିବାକୁ ଆଲୋଚନା କରାଯାଇଥିଲା।

## ଗଣେଶ ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

କାକଟପୁର(ନିପ୍ର): ଆଜି କାକଟପୁରର ମଙ୍ଗଳା ଆଥଲେଟିକ୍ ଆସୋସିଏସନ୍ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଏକ ଭବ୍ୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗଣେଶ ପୂଜା ଉତ୍ସବକୁ ଅଧିକ ଆଧ୍ୟାତ୍ମିକ ଓ ଉତ୍ସବମୁଖର କରିବା ପାଇଁ କମିଟି ପକ୍ଷରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଭକ୍ତ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ମହାପ୍ରଭୁ ଗଣେଶଙ୍କ ଭଜନ କୀର୍ତ୍ତନର ଆନନ୍ଦ ଉଠାଇଥିଲେ। ପ୍ରସିଦ୍ଧ କଳାକାର ଓ ଗାୟକମାନେ ମଞ୍ଚରେ ଗଣେଶ ବନ୍ଦନା ଏବଂ ଏକାଧିକ ଭକ୍ତିଗତ ପରିବେଷଣ କରି ପରିବେଶକୁ ଭକ୍ତିମୟ କରିଥିଲେ। ପୂଜା କମିଟିର କର୍ମକର୍ତ୍ତାମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସୁସଞ୍ଚାଳନ ଯୋଗୁଁ ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଆୟୋଜନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଏକାଠି ହୋଇଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଏବଂ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା।

## ଦିନବେଳା ହାଇୱା ଗାଡି ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା




କଣ୍ଟିଲୋ, (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳାସ୍ଥିତ ମହାନଦୀ ଘାଟରୁ ବାଲି ବୋଝେଇ କରି ହାଇୱା ଗାଡିଗୁଡିକ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନବେଳା ଚଳାଚଳ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବାରମ୍ବାର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା/ଅଘଟଣ ଘଟୁଥିବାର ନଜିର ରହିଛି। ସିଧାମୂଳା ଗ୍ରାମ ପାର୍ଶ୍ୱସ୍ଥ ମହନଦୀ ଘାଟରୁ ବାଲି ବୋଝେଇ କରି ହାଇୱା ଗାଡି ଜନଗହଳିପୂର୍ଣ୍ଣ ରାଜକିଆରୀ, ଘଣାଶାଳିଆ, ବାଣପୁର, କଣ୍ଟିଲୋ, ବେଣାଗାଡିଆ, ବରକୋଳି ଛକ, ମର୍ଦ୍ଦରାଜପୁର, ଖଳିସାହି ଓ ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ଦେଇ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଦିନ ବେଳା ହାଇୱା ଗାଡିଗୁଡିକ ଚଳାଚଳ ଉପରେ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲେ ହେଁ ଏହାକୁ ବେଖାତିର କରି ବାଲି ବୋଝେଇ ହାଇୱା ଗୁଡିକ ଅହରହ ଚଳାଚଳ କରୁଥିବା ନଜରକୁ ଆସୁଛି। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନର ଅସହଯୋଗ ଯୋଗୁଁ ରାସ୍ତାରେ ହାଇୱା ଚଳାଚଳ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଣିର ଗାର ପାଲଟିଥିବା ଜଣାପଡିଛି। ବାଲି ବୋଝେଇ ହାଇୱା ଗାଡିଗୁଡିକ ଚଳାଚଳ ଯୋଗୁଁ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ଗୁଡିକ ନଷ୍ଟ ହେବା ସହ ବାରମ୍ବାର ରାସ୍ତାର ମରାମତି ଆବଶ୍ୟକତା ପଡୁଛି ।ବିଶେଷ କରି ସକାଳ ୭ ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ହାଇୱା ଗାଡି ଚଳାଚଳ ବନ୍ଦ କରିବା ନେଇ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି ଦିନ ବେଳା ଭାରି ଯାନବାହନ ଗୁଡିକ ଚଳାଚଳ କରିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ବାରମ୍ବାର ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଦିନ ବେଳା ହାଇୱା ଗାଡି ଚଳାଚଳ ଉପରେ କଟକଣା କଡାକଡି ଭାବେ ଲାଗୁ କରିବାକୁ ଦାବି ହେଉଥିବା ବେଳେ ନୟାଗଡ ଜିଲ୍ଲାପାଳ, ଏସ୍‌ପି ଓ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କେନ୍ଦ୍ରାପଡ଼ାରେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ



କେନ୍ଦ୍ରାପଡ଼ା, (ନିପ୍ର): କେନ୍ଦ୍ରାପଡ଼ାସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ସମେତ ଦଳର ବହୁ ନେତା ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ତୃଣମୂଳସ୍ତରରେ ସାଂଗଠନିକ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୁଥ୍ କମିଟିଗୁଡ଼ିକୁ ସକ୍ରିୟ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ଶକ୍ତିକେନ୍ଦ୍ର ଓ ବୁଥ୍‌ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକର ଶେଷ ସୂତ୍ରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଓ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଯୋଗଦେଇଥିଲେ। ଦଳୀୟ ଶୃଙ୍ଖଳା ବଜାୟ ରଖି ଏକଜୁଟ ହୋଇ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ନେତୃବୃନ୍ଦ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବିଭିନ୍ନ ମଣ୍ଡଳ ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଓ ବହୁ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଆସିକା ଗୋପବନ୍ଧୁ ଆଇଟିଆଇର ରୌପ୍ୟ ଜୟନ୍ତୀ

ଆସିକା(ନିପ୍ର): ଆସିକା କଲେଜ ଛକ ସ୍ଥିତ ଗୋପବନ୍ଧୁ ଆଇ ଟି ଆଇର ରୌପ୍ୟ ଜୟନ୍ତୀ ମହାଡ଼ମ୍ବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁ ଆଇ ଟି ଆଇ ପରିସରରେ ରୌପ୍ୟଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ମହାତ୍ମାଗାନ୍ଧୀ ଆଇ ଟି ଆଇ ର ପରିଚାଳନା ସମ୍ପାଦକ ତଥା ଆଇ ଟି ଆଇ ଅଧକ୍ଷ ଇଞ୍ଜିନିଅର ଉପେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ଆସିକା ଅତିରିକ୍ତ ତହସିଲଦାର ସୁଭଦର୍ଶନୀ ରାଉତରାୟ, ମୁଖ୍ୟବକ୍ତା ଭାବେ କୋଟିନଡ଼ା ଥାନାଧିକାରୀ ଦାମୋଦର ବିହାରୀ, ସମ୍ମାନିତ ଅତିଥିଭାବେ ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ମାନସ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଭାରତକୁ ଉନ୍ନତ ରାଷ୍ଟ୍ର କରିବାକୁ ବର୍ତ୍ତମାନ ଶିଳ୍ପର ଗୁରୁତ୍ୱ ରହିଛି। ଏତିକିବେଳେ ଆଇ ଟି ଆଇ ଶିକ୍ଷା ଛାତ୍ର ଛାତ୍ରୀଙ୍କ ପାଇଁ ଏକ ଉଜ୍ୱଳ ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଆଇ ଟି ଆଇର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଗୋପବନ୍ଧୁ ଆଇ ଟି ଆଇ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇଥିଲା।

## ପ୍ରସିଦ୍ଧ ଜଟଣୀ ଗଣେଶପୂଜାରେ ଭକ୍ତିମୟ ପରିବେଶ



ଜଟଣୀ,(ନିପ୍ର): ଜଟଣୀ ସହର ଏବେ ପୁରା କୋଳାହଳମୟ। ଗଣେଶ ଚତୁର୍ଥୀରୁ ବିଭିନ୍ନ ପେଣ୍ଡାଲରେ ପ୍ରଭୁ ଗଜାନନ ପୂଜା ପାଉଛନ୍ତି । ସେଥିରେ ଆକର୍ଷଣୀୟ ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳାରେ ପୁରା ସହର ରଙ୍ଗୀନ ହୋଇଉଠିଛି । ମଣ୍ଡପ ନିକଟ, ରାସ୍ତା ପାର୍ଶ୍ୱରେ ଖେଳନା ଠାରୁ ନାନା ରଙ୍ଗର ବେଲୁନ୍, ବିଭିନ୍ନ ଚଟପଟି ଖାଦ୍ୟର ବହୁସଂଖ୍ୟାରେ ଅସ୍ଥାୟୀ ଷ୍ଟଲ ଦେଖିବାକୁ ମିଳିଛି । ସକାଳୁ ମଣ୍ଡପମାନଙ୍କରେ ଶ୍ରୀଗଣେଶଙ୍କ ନିକଟରେ ବିଭିନ୍ନ ପୂଜାନୀତି ଓ ମନ୍ତ୍ରଧ୍ୱନୀ ପରିବେଶକୁ ଭକ୍ତିମୟ କରିଦେଉଛି । ସଂଧ୍ୟାରେ କେଉଁ ପୂଜା ପେଣ୍ଡାଲରେ ପାଲା ତ ଆଉ କେଉଁଠି ଭଜନ ସମାରୋହ, ହନୁମାନ ଚାଳିଶା, ସଂକୀର୍ତ୍ତନ ପରିବେଷଣ ହେଉଛି । ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଚାଲିଛି ଜଟଣୀ ଗଣେଶ ମହୋତ୍ସବ। ପ୍ରତି ସନ୍ଧ୍ୟାରେ ମହୋତ୍ସବ ମଞ୍ଚରେ ସାହିତ୍ୟ, କଳା, ସଂସ୍କୃତି ଦେଖିବାକୁ ମିଳୁଛି ଝଲକ। କବି କବୟିତ୍ରୀଙ୍କ ଦ୍ୱାରା ସାହିତ୍ୟ ଚର୍ଚ୍ଚା, କବିତା ଆସର । ଏଥିସହ ରାଜ୍ୟର ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ସହିତ ଦାସକାଠିଆ, ସମରକଳା ପ୍ରଦର୍ଶନ ଦେଖିବାକୁ ମିଳୁଛି । ମହୋତ୍ସବ ପରିସରରେ ଆଧ୍ୟାତ୍ମିକ ଓ ମନୋରଂଜନର ମଧ୍ୟ ମିଶ୍ରଣ ଦେଖିବାକୁ ମିଳୁଛି। ମହୋତ୍ସବ ପରିସରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ସହିତ ଦୃଷ୍ଟିବାଧିତ କଳାକାରଙ୍କ ଦ୍ୱାରା ଭଜନ ଓ ମହାପ୍ରଭୁଙ୍କ କଥାମୃତ କାର୍ଯ୍ୟକ୍ରମ ଲୋକଙ୍କ ଭିତରେ ଭକ୍ତିଭାବନା ସୃଷ୍ଟି କରୁଛି।

## ପ୍ରଭୁ ପଞ୍ଚଖଣ୍ଡା ଓ ମା ଅନ୍ଧାର ବାଉତିଙ୍କ ନୂଆଁମୁଣ୍ଡା ପୂଜା ସରିଲା

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ଗଡ଼ଜାତ ଅମଳରୁ ନୂଆଁମୁଣ୍ଡା ପୂଜା ଉତ୍ସବ ପାଳନର ଏକ ନିଆରା ପରମ୍ପରା ରହିଛି। ଏହି ଅଞ୍ଚଳରେ ସବୁ ମନ୍ଦିରରେ ପୂଜାର୍ଚ୍ଚନା ତ ହୁଏ ହେଲେ ଏହିଦିନ ଦୁଇ ଦେବା ଦେବୀଙ୍କ ଅପୂର୍ବ ମିଳନରେ ନୂଆଁ ମୁଣ୍ଡା ପୂଜା ହୋଇଥାଏ। ଏହା ବର୍ଷକୁ ଥରେ ହୋଇଥାଏ । ପ୍ରଭୁ ପଞ୍ଚଖଣ୍ଡା ଓ ମାଁ ଅନ୍ଧାର ବାଉତି ଏହି ଦିନ ସିନ୍ଦୁର,ଲାଲି ଛିଟ, ଲାଲି ମନ୍ଦାର ଫୁଲ ମାଳରେ ସୁସଜ୍ଜିତ ହୋଇ ଖଣ୍ଡା, ଟାଙ୍ଗି,ତଥା ନିଜ ଅସ୍ତ୍ରଶସ୍ତ୍ର ଧରି ଭକ୍ତମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ବାହାରି ସମସ୍ତଙ୍କୁ ଦର୍ଶନ ଦେଇଥାନ୍ତି ଦେବାଦେବୀ। ଆଗରେ ମାଁ ଅନ୍ଧାର ବାଉତି ଓ ପରେ ପ୍ରଭୁ ପଞ୍ଚଖଣ୍ଡା ଆଗପଛ ହୋଇ ସ୍ଥାନେ ସ୍ଥାନେ ପୂଜା ପାଇ ନୂଆଁ ମୁଣ୍ଡା ପୂଜା ପିଠରେ ପହଞ୍ଚିଥାନ୍ତି ସେଠାରେ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା ସହ ନବାନ୍ନ ଲାଗି ହୋଇଥାଏ। ହେଲେ ଚଳିତ ବର୍ଷ ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କୁ ନବାନ୍ନ ଲାଗି ହେବା ପରେ ସମ୍ବଲପୁରବାସୀ ନୂଆଁ ଖାଇଥାନ୍ତି। ହେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ ଟିକେ ଅଲଗା ପରମ୍ପରା । ରାଜାରାଜୁଡ଼ା ତଥା ଗଡ଼ଜାତ ଅମଳରୁ ଏଠାରେ ପ୍ରଭୁ ପଞ୍ଚଖଣ୍ଡା ଏବଂ ମାଁ ଅନ୍ଧାର ବାଉତି ଙ୍କ ପାଖରେ ନବାନ୍ନ ଲାଗି ତିଥି ଧାର୍ଯ୍ୟ ହୋଇ ନୁଆଁମୁଣ୍ଡା ପୂଜା ପରେ ରେଢ଼ାଖୋଲ ବାସି ଅନେକ ଉତ୍ସାହ ସହିତ ନୁଆଁଖାଇ ପର୍ବ ପାଳନ କରିଥାନ୍ତି। ରେଢ଼ାଖୋଲ ଗଡ଼ଜାତ ଅମଳରୁ ଏହାର କିମ୍ବଦନ୍ତୀ ଅନୁସାରେ ନୁଆଁ ମୁଣ୍ଡା ପୂଜା ପାଳିତ ହୋଇଆସୁଛି । ଏଠାକାର ପରମ୍ପରା ଅନୁଯାୟୀ ଭାଦ୍ରବ ମାସ ଚତୁର୍ଦ୍ଦଶୀ ତଥା ଭଗବାନ ଗଣେଶଙ୍କର ପୂଜା ପରେ ପ୍ରଥମ ରବିବାର ଗଣେଶ ନବମି ତିଥିରେ ରେଢ଼ାଖୋଲର ରାଜବାଟି ସ୍ଥିତ ଆରାଧ ଦେବତା ପ୍ରଭୁ ପଞ୍ଚଖଣ୍ଡା ଏବଂ ଶିବଶଙ୍କର ପଡା ସ୍ଥିତ ମାଁ ଅନ୍ଧାର ବାଉତିଙ୍କ ଠାରେ ନବାନ୍ନ ଲାଗି ହେବା ପରେ ଗଡ଼ଜାତ ଅଞ୍ଚଳର ସମସ୍ତ ଗ୍ରାମରେ ନୂଆ ଖାଇବା ପରମ୍ପରା ଆଗରୁ ଚାଲିଆସିଛି ।

## ଡିଜେ ପ୍ରଦୂଷଣକୁ ନା, ପାରମ୍ପରିକ ଘଣ୍ଟ-ସଂକୀର୍ତ୍ତନକୁ ହଁ ରତାମାଟିରେ ନିଆରା ଢଙ୍ଗରେ ଗଣେଶ ମୂର୍ତ୍ତି ବିସର୍ଜନ



ନିରାକାରପୁର,୨୦/୯: ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ପଞ୍ଚାୟତ ଅନ୍ତର୍ଗତ ରତାମାଟି ଗ୍ରାମରେ ଆଜି ପବିତ୍ର ଗଣେଶ ପୂଜାର ମୂର୍ତ୍ତି ବିସର୍ଜନ ଉତ୍ସବ ଅତି ଆଡ଼ମ୍ବର ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି ।ଆଜିକାଲି ପ୍ରାୟ ସବୁ ଅଞ୍ଚଳରେ ବିସର୍ଜନ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦବିଶିଷ୍ଟ ଡି.ଜେ. ସାଉଣ୍ଡ ବଜାଯାଇ ଶବ୍ଦ ପ୍ରଦୂଷଣ କରାଯାଉଥିବା ବେଳେ, ରତାମାଟି ଗ୍ରାମବାସୀ ଏକ ନିଆରା ତଥା ପ୍ରଶଂସନୀୟ ପରମ୍ପରା ସୃଷ୍ଟି କରିଛନ୍ତି। ଗ୍ରାମରେ ଡି.ଜେ. ବଦଳରେ ପାରମ୍ପରିକ ଘଣ୍ଟୁଆ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ବିଘ୍ନରାଜଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା ।ସଂକୀର୍ତ୍ତନ ମଣ୍ଡଳୀଙ୍କ ମୃଦଙ୍ଗ ଓ ତାଳର ଝଙ୍କାର ସହ ଘଣ୍ଟୁଆଙ୍କ ଘଣ୍ଟ ନାଦରେ ସମଗ୍ର ଗ୍ରାମାଞ୍ଚଳ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ଗ୍ରାମର ଆବାଳବୃଦ୍ଧବନିତା ଏହି ଶୋଭାଯାତ୍ରାରେ ସାମିଲ ହୋଇ ଠାକୁରଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରିଥିଲେ। ପାରମ୍ପରିକ ସଂସ୍କୃତି ଓ ସଂସ୍କାରକୁ ବଞ୍ଚାଇ ରଖିବା ସହ ପରିବେଶ ଅନୁକୂଳ ପର୍ବ ପାଳନ କରି ଗ୍ରାମବାସୀ ଅନ୍ୟମାନଙ୍କ ପାଇଁ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛନ୍ତି।

## ନିମିନାରେ ଶେଷ ହେଲା ପାରମ୍ପରିକ ନଳ ଯାତ୍ରା

ଆସିକା,(ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସିକା ବ୍ଲକ ଅନ୍ତର୍ଗତ ନିମିନା ପଞ୍ଚାୟତରେ ପାରମ୍ପରିକ ନଳ ଯାତ୍ରା ଧାର୍ମିକ ରୀତିନୀତି ଓ ଭକ୍ତିମୟ ପରିବେଶରେ ସମାପ୍ତ ହୋଇଛି। କୃଷି କ୍ଷେତ୍ରରେ ଭଲ ଫସଲ, ରୋଗପୋକ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ବର୍ଷା ଓ ପଶୁସମ୍ପଦର ସୁରକ୍ଷା କାମନା କରି ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବର୍ଷ ଏହି ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ନିମିନା ରଙ୍ଗଚିଟିଆ ପାହାଡ଼ର ଅଗ୍ରଭାଗରେ ଥିବା ବନଦୁର୍ଗା, ପାହାଡ଼ ପାଦଦେଶର କନ୍ଧୁଣି ଦେବୀ ଏବଂ ଗ୍ରାମ ମଧ୍ୟରେ ଅବସ୍ଥିତ ମା' ରତନେଇଙ୍କ ନିକଟରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ତିନୋଟି ନୂତନ ନଳକୁ ଚନ୍ଦନ, ସିନ୍ଦୂର, ଫୁଲମାଳ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ଶ୍ରଦ୍ଧାର ସହ ପୂଜା କରାଯାଇଥିଲା।

## ସାତୁଳିରେ ଭାଗବତ ସତ୍‌ସଙ୍ଗ

ରମ୍ଭା(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ସାତୁଳି ଗ୍ରାମର ବାବା ମକରେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତି ପକ୍ଷରୁ ସଭାପତି ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ଅଧିବେଶନ ଓ ମାସିକ ଭାଗବତ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସର୍ବ ପ୍ରଥମେ ମନ୍ଦିର ପୂଜକ ଦାମୋଦର ପଣ୍ଡା, ଗୋଲଖି ମହାପାତ୍ର ଓ ସନ୍ତୋଷ ମହାପାତ୍ରଙ୍କ ସହଯୋଗରେ ଭଗବତ ପୂଜା ଓ ଆରାଧନା କରାଯାଇଥିଲା। ଏହା ପରେ ପୌରାଣିକ ନାଟକ ଲକ୍ଷ୍ମୀ ପୁରାଣର ନାଟ୍ୟ ଗୁରୁ ଉଲ୍ଲାସ ଜେନାଙ୍କ ନେତୃତ୍ୱରେ ବାବା ମକରେଶ୍ୱର ଭାଗବତ ଟୁଙ୍ଗି ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ଗଜାନନଙ୍କୁ ବିଦାୟ : ଭସାଣି ଉତ୍ସବରେ ଦୁଲୁକିଲା ହିଞ୍ଜିଳିକାଟୁ



ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ସହର ଐତିହ ସମ୍ପନ୍ନ ସହରରେ ଗଣେଷ ପୂଜା ମେଳଣ ଓ ଭସାଣି ଉତ୍ସବ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠି ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ତତ୍ତ୍ୱାବଧାନରେ ସହରରେ ପୂଜାପାଉଥିବା ୨୨ ରୁ ଉର୍ଦ୍ଧ୍ୱ ମେଢ଼ର ଭସାଣି ଉତ୍ସବ ରବିବାର ସନ୍ଧ୍ୟାରେ ମିନି ଷ୍ଟାଡ଼ିୟମରେ ମେଳଣ ହୋଇଥିଲା । ସହରର ହିଞ୍ଜିଳି , ତରାତାରିଣି ରୋଡ଼, ଥାନାତୋଟା ସାହି, ଆଙ୍କୋରଡ଼ା ରାଜାତୋଟା ସାହି, ବଇଁଚ ବଣିଆ ଛକ, ରଙ୍ଗୁଣି ସାହି,ହିଞ୍ଜିଳି ବଡ଼ସାହି, ହିଞ୍ଜିଳି କରୁଣାକର ମାର୍ଗ, ଆଙ୍କୋରଡ଼ା ନୁଆସାହି,ଶ୍ରୀରାମ ନଗର,କେଉଟ ସାହି,ରେଗିଡ଼ି ସାହି, ଲକ୍ଷ୍ମୀବଜାର ହରିଜନସାହି, ପାଟଣା ସାହି, ଲକ୍ଷ୍ମୀନୃସିଂହ ମାର୍ଗ ସମେତ ଅନ୍ୟାନ୍ୟ ସାହି ବସ୍ତିରେ ପୂଜାପାଉଥିବା ମେଢଗୁଡିକ ପ୍ରଥମେ ନିଜ ନିଜ ସାହିରେ ପରିକ୍ରମା କରିବା ପରେ ବାଦ୍ୟ ବାଜଣା, ଘଣ୍ଟ ଧ୍ୱନି, ହରିବୋଲ, ହୁଳହୁଳି ଧ୍ୱନି ସହ ପଟୁଆରରେ ଆସି ବୃନ୍ଦାବନ ମିନିଷ୍ଟାଡ଼ିୟମରେ ପହଞ୍ଚି ମେଳଣରେ ଭାଗ ନେଇଥିଲେ। ପରେ ସମସ୍ତ ମେଢ଼ ଶୋଭାଯାତ୍ରାରେ ବାହାରିଥିଲା । ବିଭିନ୍ନ ପ୍ରକାର ନୃତ୍ୟ ଗୀତ,ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଂଗୀତର ତାଳେ ତାଳେ ସମସ୍ତ ଗଣେଷ ପୂଜା କମିଟିର ସଦସ୍ୟ ଝୁମି ଉଠିଥିଲେ। ସ୍ଥାନୀୟ ସହରର ଘୋଡାହାଡ ନଦୀ ନିକଟସ୍ଥ ଭଗବତୀ ପୀଠ ନିକଟରେ ପୌର ପ୍ରଶାସନ ପକ୍ଷରୁ ନିର୍ମିତ କୃତ୍ରିମ ସରବନ୍ଧ ପୋଖରୀ ପରିସରରେ ସାମୁହିକ ମେଢ଼ ବିସର୍ଜନ କାର୍ଯ୍ୟକ୍ରମ ହୋଇଥିଲା ।ସାମୁହିକ ବିସର୍ଜନ ଅନୁଷ୍ଠିତ ହେଉଥିବା ଯୋଗୁଁ ପ୍ରବଳ ଭିଡ଼ ହୋଇଥିବା ବେଳେ ଷ୍ଟାଡ଼ିୟମ ଠାରୁ ଘୋଡ଼ାହଡ଼ ନଦୀ ପଠା ପର୍ଯ୍ୟନ୍ତ ୫୯ ନଂ ଜାତୀୟ ରାଜପଥ ପ୍ୱାଶ୍ୱର୍ରେ ମହିଳା, ପିଲାଛୁଆଙ୍କ ଠାରୁ ଆବାଳ ବୃଦ୍ଧ ବନିତା ଉପଭୋଗ କରିଥିଲେ । ପୂଜା କମିଟିଙ୍କ ସମେତ ବହୁ ବୁଦ୍ଧିଜିବୀ ଓ ସହରର ଜନସାଧାରଣ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ସକାଶେ ପୋଲିସ ଫୋର୍ସଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଚଳିତ ବର୍ଷ ଗଣେଶ ପୂଜା ଠାରୁ ବିଭିନ୍ନ ଅସ୍ଥାୟୀ ପୂଜା ମଣ୍ଡପ ଗୁଡିକରେ ଅଶ୍ଳୀଳ ସଙ୍ଗୀତ ସାଙ୍ଗକୁ ଡିଜେର ବିକଟାଳ ଶବ୍ଦରେ ବହୁ ସାହିବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ରବିବାର ସନ୍ଧ୍ୟାରେ ମୂର୍ତ୍ତି ବିସର୍ଜନ ପର୍ବ ଶେଷ ହେବା ପରେ ବିକଟାଳ ଶବ୍ଦରୁ ତ୍ରାହି ମିଳିଛି ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନ, ଥାନା ଏସଆଇ ସୁରେଶ କୁମାର ସାହୁ, ଧରିତ୍ରୀ ବିଶ୍ୱାଳ, ରଶ୍ମିରଞ୍ଜନ ସାମଲ, ଏଏସଆଇ ମନୋଜ ସେନାପତି, ଅନନ୍ତ ଶବର, ଜ୍ୟୋସ୍ନା ସାହୁ, ଟି.ୱାଇ. ଶବର, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, ଦଣ୍ଡପାଣି ମଲ୍ଲିକ, କୈଳାସ ମଲ୍ଲିକ, ମିନତି ମହାଙ୍କୁଡ, ସୁଶାନ୍ତ ନାହାକ, ନରେଶ ପ୍ରଧାନ, ନରେନ୍ଦ୍ର ଶବର, ପ୍ରଭାକର ଶବରଙ୍କ ସମେତ ୩ ସେକ୍ସନ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

ତିଥି :(ଦଶମୀ): (ଉତ୍ତରାଷାଢା ଧନୁ)
ଅମୃତ ବେଳା: ଦିବା ଘ ୭।୧୫ ମଧ୍ୟେ ଘ୮ ।୫୧ ଗତେ

## ଆଜିର ଅନୁଚିନ୍ତନ

ଏହି ଶରୀରକୁ ଛେଦନ କରାଯାଇପାରେ ନାହିଁ, ଜଳାଯାଇ ପାରେନାହିଁ, ଆର୍ଦ୍ର କରାଯାଇ ପାରେନାହିଁ ଓ ଶୁଷ୍କ କରାଯାଇପାରେ ନାହିଁ। କାରଣ ଏହା ନିତ୍ୟ, ସର୍ବବ୍ୟାପୀ ଅଚଳ ଓ ଅନାଦି।।

- ଶ୍ରୀମଦ୍ ଭଗବଦ୍ ଗୀତା

# ବିକଳ୍ପ ଆପଣାଇବାକୁ ହେବ

ଭାରତରେ ବ୍ରିକ୍ସ ଆୟୋଜିତ ହେବା ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ନିଶାଣ ରଖିଥିଲେ। ଏବେ ଶହେ ପ୍ରତିଶତ ଶୁଳ୍କ ବିଲ୍‌ରେ ସେ ସ୍ୱାକ୍ଷର କରିଛନ୍ତି, ଯାହାକି ପୂର୍ବରୁ ଅନୁମାନ କରାଯାଉଥିଲା। ୟୁକ୍ରେନ ଯୁଦ୍ଧକୁ ବଢାଇବାରେ ଭାରତ ସାହାଯ୍ୟ କରୁଛି ଏପରି ଅଭିଯୋଗ ପୂର୍ବରୁ ଆଣିଥିଲେ ଟ୍ରମ୍ପ। ରୁଷ ଠାରୁ ତୈଳ କ୍ରୟ କରି ଭାରତ ଜରିଆରେ ୟୁକ୍ରେନ ବିରୋଧରେ ରୁଷର ବଳ ସଂଚୟ କରାଯାଉଛି ଏପରି ମର୍ମରେ ଟ୍ରମ୍ପ ଦେଇଥିଲେ ମନ୍ତବ୍ୟ। ତେବେ ଟ୍ରମ୍ପ ଦୋମୁହାଁ ନୀତି ଆପଣାଇବାରେ କେତେ ଧୁରନ୍ଧର ତାହାର ଏକ ତଥ୍ୟଗତ ରିପୋର୍ଟ ଉପସ୍ଥାପିତ କରାଯାଇପାରେ। ଆମେରିକୀୟ ଅନ୍ତର୍ଜାତୀୟ ବାଣିଜ୍ୟ କମିଶନଙ୍କ ରିପୋର୍ଟ ମୁତାବକ ୟୁକ୍ରେନ ଯୁଦ୍ଧ ପରଠାରୁ ଆମେରିକା ରୁଷଠାରୁ ୟୁରାନିୟମର ଆମଦାନି ୮୨୯.୭୫ ନିୟୁତ ଡଲାର ମୂଲ୍ୟର ଥିଲା, ୨୦୨୫ ବେଳକୁ ଏହା ୧୦୨୭.୭୮ ନିୟୁତ ଡଲାରରେ ପହଞ୍ଚିଥିଲା। ଏହା କ'ଣ ଦର୍ଶାଉଛି ? ନିଜ ଦେଶର  ଶକ୍ତି ସୁରକ୍ଷା ଚିନ୍ତା ଆମେରିକାକୁ ଘାରିଛି। ବିଶେଷ କରି ନିଜର ପରମାଣୁ ଉଦ୍ୟୋଗକୁ ଅଧିକ ସମୃଦ୍ଧ କରିବାରେ ପ୍ରୟାସ ଜାରି ରଖିଛି ।କିନ୍ତୁ ଅପରକୁ ସମାଲୋଚନା ବା ଅପର ବିରୋଧରେ ଅଭିଯୋଗ ଆଣିବାକୁ ପଶ୍ଚାତ୍‌ପଦ ହେଉ ନାହିଁ।

ଗତବର୍ଷ ଟ୍ରମ୍ପଙ୍କ ଟାରିଫ ପରିପ୍ରେକ୍ଷୀରେ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଆମେରିକାର ଅର୍ଥନୈତିକ ଚାପକୁ ପ୍ରତ୍ୟାହୃତ କରିବା ପାଇଁ ଭାରତ ସବୁମନ୍ତେ ପ୍ରୟାସ ଚଳାଇବା ସହ ନିଜର ଶକ୍ତି ବୃଦ୍ଧି କରିବ। ଉଲ୍ଲେଖ କରାଯାଇପାରେ ଭାରତ ଆମେରିକାକୁ ପଠାଉଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ବୟନଶିଳ୍ପ ଉତ୍ପାଦ, ରତ୍ନ, ଅଳଙ୍କାର, ଇଂଜିନିୟରିଂ ସାମଗ୍ରୀ, ସାମୁଦ୍ରିକ ଉତ୍ପାଦ, ରାସାୟନିକ ସାମଗ୍ରୀ ପ୍ରଭୃତି ରହିଛି। ଆମେରିକାର ଗ୍ରାହକଙ୍କ ଭାରତୀୟ ସାମଗ୍ରୀ ଗୁଣବତ୍ତା ଉପରେ ଅଧିକ ଆସ୍ଥା କାରଣରୁ ଅଧିକ କ୍ରୟ କରିଥାନ୍ତି, ମାତ୍ର ଏବେ ସେମାନଙ୍କୁ ଶସ୍ତାରେ ଭାରତୀୟ ସାମଗ୍ରୀ ଆଉ ମିଳିବ ନାହିଁ। କାରଣ ଭାରତୀୟ ସାମଗ୍ରୀ ଉପରେ ଶହେ ପ୍ରତିଶତ ଟାରିଫ ଟ୍ରମ୍ପ ସରକାର ଲଗାଇଥିବା ହେତୁ ଏହା ମହଙ୍ଗା ହେଲା। ସୂଚାଇ ଦିଆଯାଇପାରେ ଯେ ଟ୍ରମ୍ପ ପୂର୍ବରୁ ୧୦ ପ୍ରତିଶତ ଜୋରିମାନା ଲଗାଇଥିବା କାରଣରୁ ଶହେ ପରିବର୍ତ୍ତେ ଟାରିଫ ହୋଇଯିବ ଶହେ ୧୦ ପ୍ରତିଶତ।  ଏହାଦ୍ୱାରା ଆମେରିକାକୁ ପଠାଯାଉଥିବା ସାମଗ୍ରୀର ପରିମାଣ ନିଶ୍ଚିତ ପ୍ରଭାବିତ ହେବ। ଏ ପରିପ୍ରେକ୍ଷୀରେ ଭାରତ ପକ୍ଷେ ମୁଣ୍ଡ ନ ନୁଆଁଇ ବିକଳ୍ପ ରାସ୍ତା ଖୋଜିବାକୁ ହେବ। ଆତ୍ମନିର୍ଭର ଭାରତ ମନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବାକୁ ହେବ। ଟ୍ରମ୍ପ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ବା ମାଗା ଜରିଆରେ ଆମେରିକାର ବାଣିଜ୍ୟିକ ଦିଗକୁ ସଶକ୍ତ କରିବାକୁ ଚାହୁଁଛନ୍ତି। ଗୋଟିଏ ପକ୍ଷରେ ଭାରତକୁ ବନ୍ଧୁ ଭାବରେ ସମ୍ବୋଧନ ପୂର୍ବକ ଯେଉଁ ନିଶାଣ କରୁଛନ୍ତି ସେଥିରେ ବାଣିଜ୍ୟିକ ଉଗ୍ରତା ହିଁ ଅଧିକ ପ୍ରକଟିତ। ସୁତରାଂ ଭାରତ ପକ୍ଷେ ଯେତେ ସବୁ ବିକଳ୍ପ ପନ୍ଥା ରହିଛି ତାହା ଆପଣାଇବା ଶ୍ରେୟସ୍କର ହେବ।

# କୁକୁର ଲାଙ୍ଗୁଡ଼

### ଜୟନ୍ତ ପଟ୍ଟନାୟକ

ନେପାଳ ଚଳିତ ୨୦୨୬ ମହାବିପର୍ଯ୍ୟୟ ପାଇଁ ପାଇଁ ଭାରତଠୁଁ କ୍ଷତିପୂରଣ ଦାବି କରିଛି ନିକଟ ଅତୀତରେ,ଏତେ ସହାୟତା ପରେ ମଧ। ଚୀନର ଏହା ଏକ ଷଡ଼ଯନ୍ତ୍ର ହୋଇପାରେ(କିଛି ସମୟପୂର୍ବରୁ ଚୀନ ଏହା ଜଣାଇଦେଇଥିଲେ ଅନ୍ତତଃ କେତେକ ଅମୂଲ୍ୟଜୀବନ ବଞ୍ଚି ଯାଇଥାନ୍ତା)। କିନ୍ତୁ ଚୀନଆଡ଼କୁ ଅଙ୍ଗୁଳି ଦେଖାଇବାର ସତ୍‌ସାହସ ନାହିଁ ବାଲେନ ଶାହଙ୍କର,ଆମେରିକା ଆଡ଼କୁ ଅନାଇବାର ସାହସ ମଧ କରିପାରିବ ନାହିଁ ନେପାଳ। ବାକି ରହିଲା ପଡ଼ୋଶୀ ଭାରତ,ଯିଏ ଉପରେ ପଡ଼ି କଖାରୁ ବଡ଼ି ।ଯେତେବେଳେ କୌଣସି ବାହ୍ୟ ସାହାଯ୍ୟ ନେବନାହିଁ କହିଥିଲା ନେପାଳ,ସେଥିପାଇଁ ସମସ୍ତ ସାହାଯ୍ୟ ଯୋଗାଇବାକୁ କହୁଥିବା ଆମେରିକା ନୀରବ ରହିଲା।

ଆମ ଦେଶ ଉପରେ ପଡ଼ି ସାହାଯ୍ୟ କଲା,ତୁରନ୍ତ 'ଫଳ' ପାଇଲା ।ଭାରତ କ'ଣ ମାନବିକତାର



ଠିକା ନେଇଛି ?ଆମଦେଶଠୁଁ କମ୍‌ରେ ପେଟ୍ରୋଲିୟମ ପଦାର୍ଥ ନେପାଳରେ ମିଳେ,ତାକୁ ଯୋଗାଏ ଭାରତ ।ଏଇ ପ୍ରକୃତି ଜାଣି ବାଲେନ ଶାହ ଚୀନ କୋଳରେ ବସିଛି ।ଯେତେବେଳେ କି ଏଇ ନେପାଳ ସରକାର,କାଳାପାନି,ଲିପୁଲେଖ ଓ ଲିମ୍ପିଅଧୁରା(ସମ୍ପୂର୍ଣ୍ଣଭାରତୀୟ ଅଞ୍ଚଳ)କୁ ନିଜର ବୋଲି ଦାବିକରୁଥିଲା,ଚୀନର ସୁନା ପୁଅ ହେବା ଆବଶ୍ୟକ ନା ! ଚୀନ, ନେପାଳ,ବାଂଲାଦେଶ ମିଶି ଚିକେନ୍ ନେକ(୨୨କିମିର ସିଲିଗୁଡି କରିଡର)କୁ ଚିପି ଉତ୍ତର-ପୂର୍ବରାଜ୍ୟଗୁଡିକୁ ଅଲଗାକରିବାର ମସୁଧା କରୁଥିଲେ,ଏଥର ବୁଦ୍ଧି ଶିଖ। ସେଇ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ

**କିନ୍ତୁ ଚୀନଆଡ଼କୁ ଅଙ୍ଗୁଳି ଦେଖାଇବାର ସତ୍‌ସାହସ ନାହିଁ ବାଲେନ ଶାହଙ୍କର,ଆମେରିକା ଆଡ଼କୁ ଅନାଇ ବାର ସାହସ ମଧ କରିପାରିବ ନାହିଁ ନେପାଳ ।ବାକି ରହିଲା ପଡ଼ୋଶୀ ଭାରତ,ଯିଏ ଉପରେ ପଡ଼ି କଖାରୁ ବଡ଼ି ।ଯେତେବେଳେ କୌଣସି ବାହ୍ୟ ସାହାଯ୍ୟ ନେବନାହିଁ କହିଥିଲା ନେପାଳ,ସେଥିପାଇଁ ସମସ୍ତ ସାହାଯ୍ୟ ଯୋଗାଇବାକୁ କହୁଥିବା ଆମେରିକା ନୀରବ ରହିଲା।**

ରହମାନ। ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଭାରତ ଆଶ୍ରୟ ଦେଇଥିବାରୁ ସମ୍ପ୍ରତି ତାଙ୍କର ଭାରତ ଗସ୍ତ ସ୍ଥଗିତ ରଖିଛନ୍ତି ।ପ୍ରଣିଧାନର ବିଷୟ ବାଂଲାଦେଶର ଏଇ ସରକାର ଆସିବାପରେ କିଛି ଦିନ ସ୍ଥଗିତ ରହିବାପରେ ଅଧୁନା ପୁଣି ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଛି,ନିକଟରେ ଗୋଟିଏ ପରିବାରର ୪ଜଣଙ୍କୁ ବିକ୍ଷୋଭକାରୀ(ଶାସକ ଦଳର ସମର୍ଥକ)ମାନେ ହତ୍ୟା କରିଛନ୍ତି। ୨୦୨୩ରେ ତୁର୍କୀରେ ଘଟିଥିବା ୭.୮ ମାନର ପ୍ରଳୟଙ୍କରୀ ଭୂମିକମ୍ପରେ ପ୍ରଥମ ଦେଶ ଭାବେ ଭାରତ ଅପରେସନ 'ଦୋସ୍ତ' ମାଧ୍ୟମରେ ତୁର୍କୀଭଳି ସାପକୁ କ୍ଷୀର ପିଆଇଲା, ୨୦୨୫ ସିନ୍ଦୂର ଅପରେସନ ପାଇଁ ସିଏ ପାକିସ୍ତାନ ସମର୍ଥନରେ ଭାରତକୁ ଚୋଟ ମାରିଲା ।ଅପରେସନ ସିନ୍ଦୂର ପରେ ଭାରତ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରି ଦେଲା,ଫଳରେ ପାକିସ୍ତାନରେ ପାଣିପାଇଁ ହାହାକାର ଅବସ୍ଥା ଏବେ ଅନ୍ତର୍ଜାତୀୟ ମଧ୍ୟସ୍ଥି/ଆଲୋଚନା ବିଚାରାଳୟ,ଡେନମାର୍କ ପାକିସ୍ତାନ ସପକ୍ଷରେ ରାୟ ଦେଇଛି,ଯାହା ମାନିବାକୁ ଭାରତ ଅସ୍ୱୀକାର କରିଛି ।ପାଶ୍ଚାତ୍ୟ ଗୋଷ୍ଠୀ ସବୁବେଳେ ଆତଙ୍କବାଦୀ ଏନ୍ତୁଡ଼ିଶାଳ ପାକିସ୍ତାନ ସପକ୍ଷରେ ୧୯୪୭ରୁ।୧୯୬୦ରେ ହୋଇଥିବା ସିନ୍ଧୁଜଳ ଚୁକ୍ତି ଏକପାଖିଆ ଥିଲା,ପ୍ରାୟ ପାକିସ୍ତାନ ସପକ୍ଷରେ,ସେଥିରେ ପୁଣି ଭାରତ ତାର ଭାଗରୁ ଅଧିକ ୨୦% ଜଳ ପାକିସ୍ତାନକୁ ଦାନ କରିଥିଲା ଛାଡ, ସିଏ ବହୁତ ଦିନ ତଳର କଥା ତତ୍କାଳୀନ ସରକାରଙ୍କର ।ଏବେ ନେପାଳ ଜାତିସଂଘ ଯିବ କ୍ଷତି ପୂରଣ କଥାରେ,ଜାତିସଂଘ ତ କେବେ ଭାରତ ସପକ୍ଷରେ ଯିବ ନାହିଁ,କାରଣ ଜାତିସଂଘର ନିୟନ୍ତ୍ରକ ସବୁ ପାଶ୍ଚାତ୍ୟ ଦେଶ ସମୂହର ! ତେଣୁ ଏହି ଲେଖକଙ୍କ ବ୍ୟକ୍ତିଗତ ମତ,ଏଇ କ୍ଷୁଦ୍ର ପଡ଼ୋଶୀ ଦେଶଗୁଡ଼ିକର ନେତୃବୃନ୍ଦ ସାହାଯ୍ୟ/ନିମନ୍ତ୍ରଣର ଯୋଗ୍ୟ ନୁହନ୍ତି ଏବଂ ଏମାନେ କୁକୁର ଲାଙ୍ଗୁଡ଼ର ନିଛକ ଉଦାହରଣ ।

ମୋ: ୯୦୯୦୧ ୯୦୦୬୯

# ସମତାଭିତ୍ତିକ ସମାଜ ପ୍ରତିଷ୍ଠା ହେଉ

### ଅଧ୍ୟାପକ ଗୋପବନ୍ଧୁ

**ସଂରକ୍ଷଣ ବ୍ୟବସ୍ଥାର ଦ୍ୱିତୀୟ ମତଟି ହେଉଛି ଜାତି ନିଜେ ଗୋଟିଏ ସଂରକ୍ଷଣ ବ୍ୟବସ୍ଥା। ଭାରତବର୍ଷରେ ଜାତିବ୍ୟବସ୍ଥାର ଜନନୀ ହେଉଛି ବର୍ଣ୍ଣବ୍ୟବସ୍ଥା। ଏହି ବର୍ଣ୍ଣବ୍ୟବସ୍ଥା ଆଉ କିଛି ନୁହେଁ, ଏହା ହେଉଛି କର୍ମ ବିଭାଜନ, ଅର୍ଥାତ୍ ଜାତିଗତ ସଂରକ୍ଷଣ। କେଉଁ ଜାତି କେଉଁ କାମ କରିବ ତାହାର ନିର୍ଦ୍ଧାରଣ ହିଁ ବର୍ଣ୍ଣବ୍ୟବସ୍ଥା। ଏହା ଏକପ୍ରକାର ବାଧ୍ୟତାମୂଳକ ବୃତ୍ତି। ଚାରିବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ହେଉଛି ବଂଶାନୁକ୍ରମିକ ବର୍ଗ। ଚତୁର୍ଥରେ ଥିବା ଶୂଦ୍ର ହେଉଛି ସେବକ ଗୋଷ୍ଠୀ। ସମସ୍ତ ପ୍ରକାର ଉତ୍ପାଦନ ଓ ଉଚ୍ଚ ତିନି ବର୍ଗର ସେବାକରିବା କାର୍ଯ୍ୟ ଏମାନଙ୍କ ଉପରେ ନ୍ୟସ୍ତ। ବର୍ଣ୍ଣବ୍ୟବସ୍ଥା ସମସ୍ତ ଜାତିକୁ ବୃତ୍ତିଗତ ସଂରକ୍ଷଣ ଦେଇଛି। ଏହା ହଜାର ହଜାର ବର୍ଷଧରି ବଂଶାନୁକ୍ରମିକ ଭାବେ ଚାଲି ଆସିଛି। କର୍ମ ଅନୁସାରେ ବର୍ଣ୍ଣ କୁହାଯାଉଥିଲେ ବି ପ୍ରକୃତରେ ବର୍ଣ୍ଣ ଅନୁସାରେ କର୍ମ ଚାଲି ଆସିଛି। ବୃତ୍ତି ପରିବର୍ତ୍ତନର ସମ୍ଭାବନା ଏକ ମିଥ୍ୟା ଉପସ୍ଥାପନ।**

ଭାରତବର୍ଷରେ ଉଭୟ ଜାତି ଓ ସଂରକ୍ଷଣ ବ୍ୟବସ୍ଥା ବିବାଦୀୟ ପ୍ରସଙ୍ଗ। ଏହାକୁ ନେଇ ଭିନ୍ନ ଭିନ୍ନ ଆଭିମୁଖ୍ୟ ରହିଛି। ଦଳେ ଅଛନ୍ତି ଯେଉଁମାନେ ଜାତିବ୍ୟବସ୍ଥାକୁ ବିରୋଧ କରନ୍ତି ଓ ଜାତିବିହୀନ ସମାଜରେ ବିଶ୍ୱାସ କରନ୍ତି। ଏମାନଙ୍କ ଯୁକ୍ତି ଯେ ଜାତିବ୍ୟବସ୍ଥା ଯୋଗୁଁ ସଂରକ୍ଷଣ ବ୍ୟବସ୍ଥାର ସୃଷ୍ଟି ହୋଇଛି। ତେଣୁକରି ଜାତି ହଟିଲେ ଆପଣା ଛାଏଁ ଜାତିଗତ ସଂରକ୍ଷଣ ମଧ୍ୟ ହଟିଯିବ। ଅନ୍ୟ ଏକ ଦଳ ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରନ୍ତି, କିନ୍ତୁ ଜାତିବ୍ୟବସ୍ଥାକୁ ସ୍ୱୀକାର କରନ୍ତି। ଏମାନଙ୍କ ମତରେ ଜାତି ଧର୍ମାନୁମୋଦିତ ସାମାଜିକ ବ୍ୟବସ୍ଥା, ତେଣୁ ଜାତିବ୍ୟବସ୍ଥାକୁ ବଜାୟ ରଖି ଜାତି ଆଧାରିତ ସଂରକ୍ଷଣକୁ ହଟାଇଦେବା ଉଚିତ। ତୃତୀୟ ଗୋଷ୍ଠୀ ଯେଉଁମାନେ ଉଭୟ ଜାତି ଓ ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରନ୍ତି। ଏମାନଙ୍କ ଯୁକ୍ତି ଯେ ଜାତିପ୍ରଥା ପୂର୍ବରୁ ରହିଛି ଏବଂ ସଂରକ୍ଷଣ ହେଉଛି ଅନଗ୍ରସର ଜାତିମାନଙ୍କ ସାମ୍ବିଧାନିକ ଅଧିକାର ଓ ଏହା ଅଗ୍ରସର ଜାତିଙ୍କ ପାଇଁ ଧାର୍ମିକ ଅଧିକାର।

ଏ ବିଷୟକୁ ନେଇ ବିତର୍କ ଲାଗିରହିଛି। ବିରୋଧ ଓ ପ୍ରତିରୋଧ ମଧ୍ୟ ଚାଲିଛି। ଯାହା ଅନେକ ସମୟରେ ସାମାଜିକ ବିଦ୍ୱେଷ ଓ ଅସ୍ଥିରତାର କାରଣ ହେଉଛି। ଗଣତନ୍ତ୍ରରେ ଯାହା ସମସ୍ୟା ତା ଉପରେ ବିତର୍କ ହେବା ଜରୁରୀ। କାରଣ ବିତର୍କ ସମାଧାନର ବାଟ ବାହାର କରେ। କେଉଁଟି ଠିକ୍ ଓ କେଉଁଟି ଭୁଲ ତାହା ନିର୍ଣ୍ଣୟ କରିବାରେ ସହାୟକ ହୁଏ। ସମସ୍ୟା ଉପରେ ଆଲୋଚନା ନ କରି ଆଡ଼େଇବାକୁ ଚେଷ୍ଟା କରିବା ଅର୍ଥ ସମସ୍ୟାକୁ ବଢିବାରେ ସାହାଯ୍ୟ କରିବା। ସକାରାତ୍ମକ ବିତର୍କ ସର୍ବଦା ଉପାଦେୟ। ତେଣୁ ସଂରକ୍ଷଣ ବ୍ୟବସ୍ଥା ତଥା ଜାତିବ୍ୟବସ୍ଥା ଉପରେ ବ୍ୟାପକ ଚର୍ଚ୍ଚା ହେବା ଜରୁରୀ। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଉଚିତ। କାହିଁକି ସମ୍ବିଧାନର ପ୍ରଣେତାମାନେ ଜାତି ଆଧାରିତ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ବୁଝିବାର ଆବଶ୍ୟକତା ରହିଛି। ଏହା ସହିତ ସ୍ୱାଧୀନୋତ୍ତର ଭାରତରେ ଜାତି ବ୍ୟବସ୍ଥାର ଯୁକ୍ତିଯୁକ୍ତତା କେତେ ତାହାର ମଧ୍ୟ ତର୍ଜମା ହେବା ଉଚିତ।

ଜାତିଗତ ସଂରକ୍ଷଣର ପ୍ରାରମ୍ଭକୁ ନେଇ ଦୁଇଟି ମତ ରହିଛି। ଗୋଟିଏ ହେଉଛି ସାମ୍ବିଧାନିକ ସଂରକ୍ଷଣ ଓ ଅନ୍ୟଟି ହେଉଛି ଜାତିବ୍ୟବସ୍ଥା ସହିତ ମୂଳରୁ ସଂଯୁକ୍ତ ହୋଇ ରହିଥିବା ସଂରକ୍ଷଣ। ସମ୍ବିଧାନ ରଚନା କାଳରେ ଅନଗ୍ରସର ଜାତିମାନଙ୍କର ବିକାଶ ପାଇଁ ଯେଉଁ ସଂରକ୍ଷଣ ସୁବିଧାର ବ୍ୟବସ୍ଥା ରହିଛି ତାହା ହେଉଛି ସାମ୍ବିଧାନିକ ସଂରକ୍ଷଣ। ସମ୍ବିଧାନସମ୍ମତ ଭାବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ମହିଳାମାନଙ୍କ ବିକାଶ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏବଂ କେତେକଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦିଆଯାଇଛି। ମହିଳା ସଂରକ୍ଷଣକୁ ଛାଡ଼ି ଏହିପ୍ରକାର ସମସ୍ତ ସଂରକ୍ଷଣର ଯଥାର୍ଥତା ଓ ଆବଶ୍ୟକତା ଉପରେ ସାଧାରଣ ବର୍ଗ ବିରୋଧ ମନୋଭାବ ପୋଷଣ କରି ଆସିଛି। ଏମାନଙ୍କ ମଧ୍ୟରୁ ଅନେକଙ୍କ ମତ ସଂରକ୍ଷଣ ବ୍ୟବସ୍ଥା ଜାତି ଆଧାରରେ ନ ହୋଇ ଆର୍ଥିକ ଆଧାରରେ ଆର୍ଥିକଭାବେ ଦୁର୍ବଳ ଶ୍ରେଣୀକୁ ଦିଆଯିବା ଆବଶ୍ୟକ। ଏହାକୁ ଗ୍ରହଣ କରାଯାଇ ଅଗ୍ରସର ବର୍ଗର ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ)ଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇଛି। ଏମାନେ ଅନ୍ୟ ଏକ ଯୁକ୍ତି ଉପସ୍ଥାପନ କରି କହନ୍ତି ଯେ ଜାତିଭିତ୍ତିକ ସଂରକ୍ଷଣ ଯୋଗୁଁ ଜାତିବାଦ ବଢୁଛି। ଏହା ନ ଥିଲେ ଜାତିବାଦ ଲୋପ ପାଇଥାନ୍ତା। ଏହା ଅମୂଳକ ଯୁକ୍ତି। ସ୍ୱାଧୀନତା ପୂର୍ବରୁ ସାମ୍ବିଧାନିକ ସଂରକ୍ଷଣ ନ ଥିଲା ତଥାପି ତୀବ୍ର ଜାତିବାଦ ଥିଲା।

ସଂରକ୍ଷଣ ବ୍ୟବସ୍ଥାର ଦ୍ୱିତୀୟ ମତଟି ହେଉଛି ଜାତି ନିଜେ ଗୋଟିଏ ସଂରକ୍ଷଣ ବ୍ୟବସ୍ଥା। ଭାରତବର୍ଷରେ ଜାତିବ୍ୟବସ୍ଥାର ଜନନୀ ହେଉଛି ବର୍ଣ୍ଣବ୍ୟବସ୍ଥା। ଏହି ବର୍ଣ୍ଣବ୍ୟବସ୍ଥା ଆଉ କିଛି ନୁହେଁ, ଏହା ହେଉଛି କର୍ମ ବିଭାଜନ, ଅର୍ଥାତ୍ ଜାତିଗତ ସଂରକ୍ଷଣ। କେଉଁ ଜାତି କେଉଁ କାମ କରିବ ତାହାର ନିର୍ଦ୍ଧାରଣ ହିଁ ବର୍ଣ୍ଣବ୍ୟବସ୍ଥା। ଏହା ଏକପ୍ରକାର ବାଧ୍ୟତାମୂଳକ ବୃତ୍ତି। ଚାରିବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ହେଉଛି ବଂଶାନୁକ୍ରମିକ ବର୍ଗ। ଚତୁର୍ଥରେ ଥିବା ଶୂଦ୍ର ହେଉଛି ସେବକ ଗୋଷ୍ଠୀ। ସମସ୍ତ ପ୍ରକାର ଉତ୍ପାଦନ ଓ ଉଚ୍ଚ ତିନି ବର୍ଗର ସେବାକରିବା କାର୍ଯ୍ୟ ଏମାନଙ୍କ ଉପରେ ନ୍ୟସ୍ତ। ବର୍ଣ୍ଣବ୍ୟବସ୍ଥା ସମସ୍ତ ଜାତିକୁ ବୃତ୍ତିଗତ ସଂରକ୍ଷଣ ଦେଇଛି। ଏହା ହଜାର ହଜାର ବର୍ଷଧରି ବଂଶାନୁକ୍ରମିକ ଭାବେ ଚାଲି ଆସିଛି। କର୍ମ ଅନୁସାରେ ବର୍ଣ୍ଣ କୁହାଯାଉଥିଲେ ବି ପ୍ରକୃତରେ ବର୍ଣ୍ଣ ଅନୁସାରେ କର୍ମ ଚାଲି ଆସିଛି। ବୃତ୍ତି ପରିବର୍ତ୍ତନର ସମ୍ଭାବନା ଏକ ମିଥ୍ୟା ଉପସ୍ଥାପନ।

ବ୍ରାହ୍ମଣ ସଂରକ୍ଷଣ ସୁବିଧା ପାଇଛି ପୂଜାପାଠ କରିବାର ଓ ଜ୍ଞାନ ଚର୍ଚ୍ଚା କରିବାର। କ୍ଷତ୍ରୀୟ ସଂରକ୍ଷଣ ସୁବିଧା ପାଇଛି ବ୍ରାହ୍ମଣର ମାର୍ଗଦର୍ଶନ ଅନୁସାରେ ଶାସନ କରିବାର ଓ ରାଜ୍ୟକୁ ସୁରକ୍ଷା ଦେବାର। ବୈଶ୍ୟ ସଂରକ୍ଷଣ ସୁବିଧା ପାଇଛି ବାଣିଜ୍ୟ ବ୍ୟବସାୟ କରିବାର। ଅନ୍ୟ ପକ୍ଷରେ ଶୂଦ୍ର ସମାଜ ଉପରେ ସଂରକ୍ଷଣ ଲଦାଯାଇଛି ସେବା କରିବାର ଓ ସମସ୍ତ ଉତ୍ପାଦନ କାର୍ଯ୍ୟ ସମ୍ପାଦନ କରିବାର। ଏହି ଶୂଦ୍ର ସମାଜକୁ ହଜାର ହଜାର ଜାତିରେ ଭାଗ କରାଯାଇ ବିଭିନ୍ନପ୍ରକାର କାର୍ଯ୍ୟ ତାଙ୍କ ଉପରେ ଲଦାଯାଇଛି।

ବଡ ବିଡ଼ମ୍ବନା ହେଉଛି ଯେଉଁମାନେ ଉତ୍ପାଦକ ଗୋଷ୍ଠୀ ସେମାନେ ସମାଜରେ ନୀଚ ଓ ଘୃଣିତ। ଯେଉଁମାନେ ସଫେଇ କାର୍ଯ୍ୟ କରି ପରିବେଶକୁ ନିର୍ମଳ କରୁଛନ୍ତି ସେମାନେ ଅସ୍ପୃଶ୍ୟ। ସ୍ୱାଧୀନତା ପରେ ଅବସ୍ଥାରେ କିଛିଟା ପରିବର୍ତ୍ତନ ଆସିଛି। ଜାତି ବ୍ୟବସ୍ଥାର କ୍ରୁରତା କ୍ରମେ ହ୍ରାସ ପାଉଛି। ଏହାର କାରଣ ହେଉଛି ଅନଗ୍ରସର ବର୍ଗ ପାଉଥିବା ସାମ୍ବିଧାନିକ ସଂରକ୍ଷଣ। ଏହା ତାଙ୍କ ଆର୍ଥିକ ଓ ଶିକ୍ଷାଗତ ବିକାଶ ସହିତ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଛି।

ବର୍ଣ୍ଣବ୍ୟବସ୍ଥା ପ୍ରଦତ୍ତ ସାମାଜିକ ସଂରକ୍ଷଣ ଏବେବି ବଳବତ୍ତର ରହିଛି। ସାମାଜିକ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ମନ୍ଦିରରେ ପୂଜା ବ୍ରାହ୍ମଣ କରିବ। ବାଳ କାଟିବ ବାରିକ। ଲୁଗା ସଫା କରିବ ଧୋବା। ଏହିପରି ଅନେକ କାର୍ଯ୍ୟ ସଂରକ୍ଷିତ ରଖାଯାଇଛି ବିଭିନ୍ନ ଜାତି ପାଇଁ। ବେଳେ ବେଳେ ଶୂଦ୍ରମାନଙ୍କ ଉପରେ ଲଦାଯାଇଥିବା କାର୍ଯ୍ୟକୁ ମାନିବାକୁ ବାଧ କରାଯାଉଛି। ନ ମାନିଲେ ଅତ୍ୟାଚାର କରାଯାଉଛି। ସବର୍ଣ୍ଣମାନେ ଭାବୁଛନ୍ତି ଆମେ ଯୋଗ୍ୟ ଓ ଶୁଦ୍ରମାନେ ଅଯୋଗ୍ୟ। ଦେଶର ସମସ୍ତ ସୁବିଧା ସୁଯୋଗ ସବର୍ଣ୍ଣମାନେ ପାଇବାକୁ ହକ୍‌ଦାର। ଶୂଦ୍ରମାନେ ଯେମିତି ଥିଲେ ସେହିପରି ରହିବା ଉଚିତ। ଉଚ୍ଚନୀଚ ଭେଦଭାବ ଓ ଘୃଣା-ଦ୍ୱେଷ ଭାବର ସମାହାର ହିଁ ଜାତି। ବର୍ଣ୍ଣବ୍ୟବସ୍ଥାର ସୃଷ୍ଟି କାଳରୁ ଏହା ରହିଛି। ସମ୍ବିଧାନର ପ୍ରଣେତାମାନେ ସମାଜର ଏ ମାନସିକତାକୁ ଠିକ୍‌ଭାବେ ବୁଝିଥିଲେ। ସେମାନେ ଚାହିଁଥିଲେ ସମାଜରେ ସମାନତା ଆଣିବା ପାଇଁ। ତଳେ ପଡିଥିବା ଶୂଦ୍ର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ। ତେଣୁ ସେମାନଙ୍କୁ ଚାକିରି, ଶିକ୍ଷା ଓ ସ୍ଥଳ ବିଶେଷରେ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

ସଂରକ୍ଷଣ ହେଉଛି ନିର୍ମୂଳୀ ଲତା। ଜାତି ବ୍ୟବସ୍ଥା ଉପରେ ଏହା ମାଡିଛି। ଜାତି ହଟିଲେ ସମସ୍ତ ପ୍ରକାର ଜାତିଗତ ସଂରକ୍ଷଣ ମଧ୍ୟ ହଟିବ। ସାମ୍ବିଧାନିକ ସଂରକ୍ଷଣର ମୂଳ ଆଧାର ଜାତି। ସେହିପରି ସାମାଜିକ ସଂରକ୍ଷଣର ମୂଳ ଆଧାର ମଧ ଜାତି। ଜାତି ବ୍ୟବସ୍ଥା ଏକ ବିକଶିତ ଓ ସୁସଭ୍ୟ ସମାଜର ଲକ୍ଷଣ ନୁହେଁ। ଏହା ହଟିଲେ ସମାଜ ଐକ୍ୟବଦ୍ଧ ହେବ। ସମସ୍ତ ପ୍ରକାର ବିଭେଦ ହଟିବ। ସ୍ୱାଧୀନତା ପରେ ଆଉ ସାମାଜିକ ସଂରକ୍ଷଣର କୌଣସି ଆବଶ୍ୟକତା ନାହିଁ। ତେଣୁ ବର୍ଣ୍ଣବ୍ୟବସ୍ଥା ଜନିତ ସଂରକ୍ଷଣକୁ ସମାପ୍ତ କରାଯିବା ଉଚିତ। ଏହା ହଟିଲେ ସାମ୍ବିଧାନିକ ସଂରକ୍ଷଣ ମଧ ଆପେ ହଟିବ। ମୂଳ ନ ଥିଲେ ଶାଖା ପ୍ରଶାଖା କୋଉଠୁ ଆସିବ। ସାମ୍ବିଧାନିକ ସଂରକ୍ଷଣ ସେତେଯାଏଁ ପ୍ରାସଙ୍ଗିକ ହେବ ଯେତେ ଯାଏଁ ସାମାଜିକ ସଂରକ୍ଷଣ (ଜାତିବାଦ) ରହିବ। ଏ ଦିଗରେ ବ୍ୟାପକ ବିତର୍କ ହେଉ ଓ ଭେଦଭାବ ରହିତ ସମତାଭିତ୍ତିକ ସମାଜ ପ୍ରତିଷ୍ଠା ଦିଗରେ ପ୍ରୟାସ ଆରମ୍ଭ ହେଉ।

ବାରିପଦା, ମୟୁରଭଞ୍ଜ,
ମୋ. ୯୪୩୮୨୪୮୮୫୪

# ବିଶ୍ୱ ପାଇଁ ଶାନ୍ତି ଆବଶ୍ୟକ

### ଡ.ଲକ୍ଷ୍ମଣ ସାହୁ

**ଶାନ୍ତି ଅସ୍ତ୍ର ଶସ୍ତ୍ରରୁ ନୁହେଁ, ବରଂ ଏକ ନ୍ୟାୟପୂର୍ଣ୍ଣ ସମାଜ, ଗଣତାନ୍ତ୍ରିକ ଅଂଶଗ୍ରହଣ ଓ ଅହିଂସାର ସଂସ୍କୃତିରୁ ଆସିଥାଏ । ଏହି ଦୃଷ୍ଟିକୋଣରୁ, ଶାନ୍ତି ମନ୍ତ୍ରଣାଳୟର ପ୍ରସ୍ତାବ ଗାନ୍ଧୀବାଦୀ ଚିନ୍ତାଧାରାର ଏକ ସମସାମୟିକ ସଂସ୍ଥାଗତ ପ୍ରସାରଣ ପରି ମନେହୁଏ ।**

ଗତ ଶତାବ୍ଦୀରେ ପୁଞ୍ଜି ଓ ପ୍ରାକୃତିକ ସମ୍ପଦର ଅନୁସନ୍ଧାନ ଦ୍ୱାରା ଯୁଦ୍ଧଗୁଡ଼ିକୁ ଇନ୍ଧନ ଦିଆଯାଇଥିଲା, କିନ୍ତୁ ଏକବିଂଶ ଶତାବ୍ଦୀରେ, କେବଳ ଯୁଦ୍ଧ ପାଇଁ ଯୁଦ୍ଧ କରାଯାଉଛି, ପୁଞ୍ଜି ନୁହେଁ । ଉଦାହରଣ ସ୍ୱରୂପ, ୟୁକ୍ରେନର ନାଟୋ (ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ) ରେ ଯୋଗଦାନ ପାଇଁ ରୁଷ-ୟୁକ୍ରେନ ଯୁଦ୍ଧ ଲଢ଼ାଯାଉଛି । କିମ୍ବା ପଶ୍ଚିମ ଏସିଆ, ବିଶେଷକରି ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣକୁ ପରମାଣୁ ଅସ୍ତ୍ରକୁ ରୋକିବାର ଏକ ମିଥ୍ୟା ପ୍ରୟାସ ଭାବରେ ଦେଖାଯାଉଛି । ଏପରି ପରିସ୍ଥିତିରେ ଯୁଦ୍ଧ-ପ୍ରବର୍ତ୍ତକ ରାଷ୍ଟ୍ରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏକ ଶାନ୍ତି ମନ୍ତ୍ରଣାଳୟ ସୃଷ୍ଟି କରାଯିବା ଉଚିତ୍ ନୁହେଁ କି ?

ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖରେ ବିଶ୍ୱରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ କରାଯାଏ । ଯୁଦ୍ଧ ଓ ହିଂସାରୁ ଊର୍ଦ୍ଧ୍ୱକୁ ଉଠି ଶାନ୍ତି, ଆଲୋଚନା ଓ ସହାବସ୍ଥାନର ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ବିଶ୍ୱ ସମ୍ପ୍ରଦାୟକୁ ଆହ୍ୱାନ କରିବା ଉଦ୍ଦେଶ୍ୟରେ ୧୯୮୧ ମସିହାରେ ଜାତିସଂଘ ଏହାକୁ ଆରମ୍ଭ କରିଥିଲା । ୨୦୦୧ ମସିହାରେ, ଜାତିସଂଘ ସର୍ବସମ୍ମତିକ୍ରମେ ଏହି ଦିନକୁ ବିଶ୍ୱ ଯୁଦ୍ଧବିରତି ଓ ଅହିଂସା ଦିବସ ଭାବରେ ମାନ୍ୟତା ଦେଇଥିଲା । ଦୁର୍ଭାଗ୍ୟବଶତଃ, ଶାନ୍ତି ପାଇଁ ଉତ୍ସର୍ଗୀକୃତ ବିଶ୍ୱରେ, ବର୍ଷ ସାରା ଯୁଦ୍ଧ ପାଇଁ ପ୍ରସ୍ତୁତି ଅଧିକ ବ୍ୟବସ୍ଥିତ ମନେ ହୁଏ ।

ରୁଷ-ୟୁକ୍ରେନ ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିଛି । ଗାଜାରେ ମାନବିକ ସଙ୍କଟ ଗଭୀର ହେଉଛି । ପଶ୍ଚିମ ଏସିଆ ଓ ଆଫ୍ରିକାରେ ଅନେକ ଗୃହଯୁଦ୍ଧ ତଥା ଏସିଆରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ଦର୍ଶାଉଛି ଯେ ଆଧୁନିକ ବିଶ୍ୱ ଏବେ ବି ଅସ୍ତ୍ରଶସ୍ତ୍ରରେ ସୁରକ୍ଷା ଖୋଜୁଛି । ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବେ ବି ହଜାର ହଜାର ସଂଖ୍ୟାରେ ଅଛି । ତେଣୁ ବିଶ୍ୱ ସାମରିକ ବଜେଟ ନିରନ୍ତର ବୃଦ୍ଧି ପାଉଛି । ଅସ୍ତ୍ରଶସ୍ତ୍ରର ସଂଖ୍ୟା ମଧ ବୃଦ୍ଧି ପାଉଛି ।

ବିଶ୍ୱକୁ ସୁରକ୍ଷିତ କରିବା ଦିଗରେ ଗାନ୍ଧୀଜୀ ମନେ ପଡ଼ନ୍ତି । କାରଣ ଗାନ୍ଧୀବାଦୀ ଚିନ୍ତକ ଓ ଲେଖକ ସତୀଶ କୁମାର ଏହି ପ୍ରଶ୍ନକୁ ଏକ ନୂତନ ଦୃଷ୍ଟିକୋଣରୁ ସମାଧାନ କରିଛନ୍ତି । ଗୋଟିଏ ଲେଖାରେ, ସେ ଯୁକ୍ତି ଦେଇଛନ୍ତି ଯେ ପ୍ରାୟ ପ୍ରତ୍ୟେକ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ଥିବା ପରି, ପ୍ରତ୍ୟେକ ଦେଶର ମଧ ଏକ ଶାନ୍ତି ମନ୍ତ୍ରଣାଳୟ ରହିବା ଉଚିତ। ଏପରି ଏକ ମନ୍ତ୍ରଣାଳୟ ସମାଜରେ ଆଲୋଚନା, ମଧ୍ୟସ୍ଥତା, ଶାନ୍ତି ଶିକ୍ଷା, ଅହିଂସା ପ୍ରତିରୋଧ, ସମ୍ପ୍ରଦାୟ ସମାଧାନ ଓ ଆନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିପାରିବ । ଯଦି ସରକାର ଯୁଦ୍ଧ ପ୍ରସ୍ତୁତି ପାଇଁ ବିଶାଳ ସଂସ୍ଥାଗତ ଗଠନ ବିକଶିତ କରିପାରିବେ, ତେବେ ସେହିପରି ଶାନ୍ତି ପାଇଁ ପ୍ରସ୍ତୁତି ପାଇଁ ସଂସ୍ଥାଗତ ବ୍ୟବସ୍ଥା ମଧ ସୃଷ୍ଟି କରାଯିବା ଉଚିତ।

ପ୍ରଥମ ନଜରରେ ଏହି ଧାରଣା ଆଦର୍ଶବାଦୀ ମନେହୁଏ । କିନ୍ତୁ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତାକୁ ଅଣଦେଖା କରାଯାଇପାରିବ ନାହିଁ । ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ପ୍ରତିରକ୍ଷା ମନ୍ତ୍ରଣାଳୟ, ସେନାବାହିନୀ, ଯୁଦ୍ଧ ରଣନୀତି ଓ ଅସ୍ତ୍ର ଆଧୁନିକୀକରଣ ଯୋଜନା ଅଛି । କିନ୍ତୁ ଆଲୋଚନା, ସମାଧାନ, ଦ୍ୱନ୍ଦ୍ୱ ସମାଧାନ ଓ ଶାନ୍ତି ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ଦେଶରେ ଏକ ପୃଥକ୍ ମନ୍ତ୍ରଣାଳୟ ନାହିଁ ।

ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ ୨୦୨୪ ମସିହାରେ ବିଶ୍ୱ ସାମରିକ ଖର୍ଚ୍ଚ ପ୍ରାୟ ୨.୭ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରିଥିଲା। ଏହା ମଧ ରେକର୍ଡ କରାଯାଇଥିଲା ଯାହା ଏପର୍ଯ୍ୟନ୍ତ ସର୍ବାଧିକ ଅଟେ । ଏହା କ୍ରମାଗତ ଦଶମ ବର୍ଷ ଥିଲା ଯେଉଁଥିରେ ବିଶ୍ୱ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଇଛି । ଆମେରିକା, ଚୀନ୍, ରୁଷ, ଜର୍ମାନୀ ଓ ଭାରତ ସର୍ବାଧିକ ପ୍ରତିରକ୍ଷା ଖର୍ଚ୍ଚକାରୀଙ୍କ ମଧ୍ୟରେ ଅଛନ୍ତି । ବିପରୀତରେ ଅନେକ ଜାତିସଂଘ ମାନବିକ ଓ ଶାନ୍ତିରକ୍ଷା ସଂସ୍ଥା ସମ୍ବଳ ସୀମା ସହିତ ସଂଘର୍ଷ ଜାରି ରଖିଛନ୍ତି । ଏହି ବିରୋଧାଭାସ ବିଶ୍ୱ ରାଜନୈତିକ ପ୍ରାଥମିକତାରେ ପରିବର୍ତ୍ତନକୁ ପ୍ରକାଶ କରେ।

ସାଧାରଣ ଲୋକମାନେ ସୈନିକଙ୍କ ଅପେକ୍ଷା ଯୁଦ୍ଧର ସର୍ବାଧିକ ମୂଲ୍ୟ ଦେଶଗୁଡ଼ିକର ବହନ କରନ୍ତି । ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ ଅନୁଯାୟୀ, ଯୁଦ୍ଧ, ହିଂସା ଓ ନିର୍ଯାତନା ଯୋଗୁଁ ବିଶ୍ୱବ୍ୟାପୀ ୧୨୦ ନିୟୁତରୁ ଅଧିକ ଲୋକ ନିଜ ଘର ଛାଡି ପଳାଇବାକୁ ବାଧ ହୋଇଛନ୍ତି । ଗାଜା, ୟୁକ୍ରେନ ଓ ସୁଦାନ ଭଳି ଅଞ୍ଚଳରେ ସ୍କୁଲ,



ହସ୍ପିଟାଲ ଓ ସାଧାରଣ ବସତି ନଷ୍ଟ ହୋଇଯାଇଛି । ଲକ୍ଷ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି । ଅଗଣିତ ପରିବାର ବିସ୍ଥାପିତ ହୋଇ ଜୀବନଯାପନ କରୁଛନ୍ତି । ଆଧୁନିକ ଯୁଦ୍ଧ କେବଳ ସୀମା ନୁହେଁ ବରଂ ସମାଜର ବିଶ୍ୱାସ, ମାନବିକ ମର୍ଯ୍ୟାଦା ଓ ଭବିଷ୍ୟତକୁ ମଧ ନଷ୍ଟ କରିଦିଏ ।

ଯୁଦ୍ଧର ଆଉ ଏକ ବଡ ଦିଗ ହେଉଛି ପରିବେଶ ନଷ୍ଟ । ଆଧୁନିକ ସେନା ପ୍ରଚୁର ପରିମାଣରେ ଜୀବାଶ୍ମ ଇନ୍ଧନ ବ୍ୟବହାର କରେ । ବୋମା ମାଡ଼ ଜଙ୍ଗଲ, କୃଷି ଜମି ଓ ଜଳ ଉତ୍ସକୁ ନଷ୍ଟ କରେ । ଶିଳ୍ପ ପ୍ରତିଷ୍ଠାନ ନଷ୍ଟ କରିବା ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହୁଏ । ସବୁଜଗୃହ ଗ୍ୟାସ ନିର୍ଗମନ ବୃଦ୍ଧି ପାଏ । ସତୀଶ କୁମାର ପ୍ରସ୍ତାବ ଦେଇଛନ୍ତି ଯେ ପ୍ରତିରକ୍ଷା ବଜେଟର ଏକ ଅଂଶ ଶାନ୍ତି ପ୍ରତିଷ୍ଠା ପାଇଁ ଆବଣ୍ଟିତ କରାଯିବା ଉଚିତ। ଶାନ୍ତି ମନ୍ତ୍ରଣାଳୟର କାର୍ଯ୍ୟ କେବଳ ଯୁଦ୍ଧକୁ ରୋକିବା ନୁହେଁ, ବରଂ ଶାନ୍ତି ଶିକ୍ଷା, ଆଲୋଚନା, ମଧ୍ୟସ୍ଥତା, ସମ୍ପ୍ରଦାୟ ସମାଧାନ, ଅହିଂସା ପ୍ରତିରୋଧ, ଦ୍ୱନ୍ଦ୍ୱ ସମାଧାନ ଓ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ଉଚିତ।

ପ୍ରକୃତରେ, ଶାନ୍ତିକୁ ପ୍ରତିଷ୍ଠା କରିବାର ଧାରଣା ନୂଆ ନୁହେଁ । ମହାତ୍ମା ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ହିଂସା ଶେଷରେ ପ୍ରତିହିଂସାକୁ ଜନ୍ମ ଦିଏ । ସ୍ୱାଧୀନତା ଆନ୍ଦୋଳନ ଏହାର ଏକ ପ୍ରମୁଖ ଉଦାହରଣ, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ଅସ୍ତ୍ର ବିନା ଗୋଟିଏ ସାମ୍ରାଜ୍ୟକୁ ପ୍ରତିବାଦ, ବିରୋଧ କରିଥିଲେ । ଗାନ୍ଧୀଙ୍କ ସ୍ୱରାଜ କେବଳ ରାଜନୈତିକ ସ୍ୱାଧୀନତା ନ ଥିଲା , ଏହା ଏକ ସମାଜର ଦୃଷ୍ଟିକୋଣ ଥିଲା ଯେଉଁଠାରେ ଆଲୋଚନା ଓ ନୈତିକ ଶକ୍ତି ମାଧ୍ୟମରେ ଦ୍ୱନ୍ଦ୍ୱର ସମାଧାନ କରାଯାଉଥିଲା ।

ଗାନ୍ଧୀଙ୍କ ଏହି ପରମ୍ପରାକୁ ବିନୋବା ଭାବେ, ଦାଦା ଧର୍ମାଧିକାରୀ, ଜୟପ୍ରକାଶ ନାରାୟଣ ଓ ନାରାୟଣ ଦେଶାଇଙ୍କ ପରି ଅନେକ ଚିନ୍ତକ ଆଗକୁ ବଢ଼ାଉଥିଲେ । ଯେଉଁମାନେ ସାମାଜିକ ଆଲୋଚନା, ଗଠନମୂଳକ କାର୍ଯ୍ୟକ୍ରମ ଓ ଅହିଂସା ସଂଘର୍ଷକୁ ଗଣତନ୍ତ୍ରର ପ୍ରକୃତ ଶକ୍ତି ବୋଲି ବିବେଚନା କରୁଥିଲେ । ସେମାନେ ସମସ୍ତେ ବିଶ୍ୱାସ କରୁଥିଲେ ଯେ ସ୍ଥାୟୀ ସୁରକ୍ଷା ।

ଶାନ୍ତି ଅସ୍ତ୍ର ଶସ୍ତ୍ରରୁ ନୁହେଁ, ବରଂ ଏକ ନ୍ୟାୟପୂର୍ଣ୍ଣ ସମାଜ, ଗଣତାନ୍ତ୍ରିକ ଅଂଶଗ୍ରହଣ ଓ ଅହିଂସାର ସଂସ୍କୃତିରୁ ଆସିଥାଏ । ଏହି ଦୃଷ୍ଟିକୋଣରୁ, ଶାନ୍ତି ମନ୍ତ୍ରଣାଳୟର ପ୍ରସ୍ତାବ ଗାନ୍ଧୀବାଦୀ ଚିନ୍ତାଧାରାର ଏକ ସମସାମୟିକ ସଂସ୍ଥାଗତ ପ୍ରସାରଣ ପରି ମନେହୁଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଓ ଦାର୍ଶନିକ ବର୍ଟ୍ରାଣ୍ଡ ରସେଲ୍ ମାନବତା ପାଇଁ ସମାନ ଚେତାବନୀ ଦେଇଥିଲେ । ୧୯୫୫ ମସିହାରେ ପ୍ରସିଦ୍ଧ ରସେଲ୍-ଆଇନଷ୍ଟାଇନ୍ ଘୋଷଣାପତ୍ରରେ, ସେମାନେ ବିଶ୍ୱ ନେତାମାନଙ୍କୁ ଯୁଦ୍ଧ ଅପେକ୍ଷା ମାନବ ବଞ୍ଚିବା ପାଇଁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ । ଘୋଷଣାପତ୍ରର ସବୁଠାରୁ ପ୍ରସିଦ୍ଧ ବାକ୍ୟ ଆଜି ମଧ ପ୍ରାସଙ୍ଗିକ: 'ତୁମର ମାନବତାକୁ ମନେ ରଖ ଓ ଅନ୍ୟ ସବୁକିଛି ଭୁଲିଯାଅ ।' ଏହି ଧାରଣା ପରବର୍ତ୍ତୀ ସମୟରେ ପରମାଣୁ ନିରସ୍ତ୍ରୀକରଣ ଓ ବିଶ୍ୱ ଶାନ୍ତି ଆନ୍ଦୋଳନକୁ ପ୍ରେରଣା ଦେଇଥିଲା ।

ଜାତିସଂଘ ଏହି ବିଶ୍ୱାସ ସହିତ ପ୍ରତିଷ୍ଠିତ ହୋଇଥିଲା ଯେ ଭବିଷ୍ୟତ ପିଢ଼ି ଯୁଦ୍ଧର କ୍ଷୟକ୍ଷତିରୁ ରକ୍ଷା ପାଇବା ଉଚିତ। ଏହା ଜାତିସଂଘ ଚାର୍ଟରର ପ୍ରସ୍ତାବନାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟ, ସଂଘର୍ଷ ନିବାରଣ, ମଧ୍ୟସ୍ଥତା ଓ ଅନ୍ତର୍ଜାତୀୟ ଶାନ୍ତି ଦିବସ ଭଳି ପଦକ୍ଷେପ ମାଧ୍ୟମରେ ପ୍ରୟାସ ଜାରି ରଖିଛି । ତଥାପି, ମହାଶକ୍ତିର ରାଜନୈତିକ ସ୍ୱାର୍ଥ ଓ ଭିଟୋ ବ୍ୟବସ୍ଥା ପ୍ରାୟତଃ ଏହି ପ୍ରୟାସଗୁଡ଼ିକୁ ସୀମିତ କରିଥାଏ ।

ଏହି ବିତର୍କ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଗାନ୍ଧୀଙ୍କ 'ଅହିଂସା ପରମୋ ଧର୍ମ,' 'ବସୁଧୈବ କୁଟୁମ୍ବକମ୍,' ଓ 'ସତ୍ୟଗ୍ରହ' ନୀତି କେବଳ ଆଦର୍ଶ ନୁହେଁ ବରଂ ବିଶ୍ୱ ରାଜନୀତି ପାଇଁ ବିକଳ୍ପ ମୂଲ୍ୟବୋଧ ମଧ । ଭାରତ ନିଜର ସୁରକ୍ଷା ଆବଶ୍ୟକତା ସହିତ ଆପତ୍ତି ନକରି ଶାନ୍ତି ଶିକ୍ଷା, ଦ୍ୱନ୍ଦ୍ୱ ସମାଧାନ, ମାନବୀୟ କୂଟନୀତି ଓ ଅନ୍ତର୍ଜାତୀୟ ମଧ୍ୟସ୍ଥତା କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରିବ । ଯଦି ଭାରତ ବିଶ୍ୱ ସମ୍ପ୍ରଦାୟକୁ 'ଏକ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ବାର୍ତ୍ତା ଦେଇପାରେ, ତେବେ ଏହା ଶାନ୍ତିକୁ ସାର୍ବଜନୀନ ନୀତିର ବିଷୟ କରିବା ଉପରେ ବିତର୍କକୁ ମଧ ଆଗେଇ ନେଇପାରିବ।

କଟକ-୪ , ମୋ: ୯୦୪୦ ୧୫୧୪୭୫

## ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧୀ ଅଭିଯାନ ଜାରି, ୬ ଅଟକ

ପାରଳାଖେମୁଣ୍ଡି,(ନିପ୍ର): ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଉପଦ୍ରବ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର ଅଂଶସ୍ୱରୂପ। ପାରଳାଖେମୁଣ୍ଡି ପୋଲିସର ପାଟ୍ରୋଲିଂ ଟିମ୍ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ପାଟ୍ରୋଲିଂ ସମୟରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ୧. ସାଇ ଶଙ୍କର ପାତ୍ର (୨୪), ୨. ରାହୁଲ (୨୧), ୩. ଦିପୁନ ସାହୁ (୨୨), ୪.



ହରିଶ ବେହେରା (୩୨), ୫. ମୁନା ପଲାଇ (୩୨) ଏବଂ ୬. ଗୋରାନି କ୍ରିଷ୍ଣା (୪୬) ଙ୍କୁ ଠାବ କରାଯାଇଥିଲା। ସମସ୍ତ ୬ ଜଣଙ୍କୁ ପାରଳାଖେମୁଣ୍ଡି ପୋଲିସ ଥାନାକୁ ଅଣାଯାଇ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ଉପଦ୍ରବ ଏବଂ ଜନଶାନ୍ତି ଭଙ୍ଗ କରୁଥିବା କାର୍ଯ୍ୟ ବିରୋଧରେ ଗଜପତି ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଯାଞ୍ଚ ଅଭିଯାନ ଆହୁରି ଜୋରଦାର କରାଯିବ। ସର୍ବସାଧାରଣ ସ୍ଥାନରେ ମଦ୍ୟପାନରୁ ବିରତ ରହିବା ସହ ସହରରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ବଜାୟ ରଖିବାରେ ପୋଲିସକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

## ବିଜେଡି କର୍ପୋରେଟର ଗିରଫ

କଟକ,(ନିପ୍ର): କୋଟିଏରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ କଟକର ୨୫ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ସତ୍ୟରାମ ସାହୁଙ୍କୁ ଗିରଫ କରିଛି ପୁରୀଘାଟ ଥାନା ପୁଲିସ। ଜମି କିଣି ଦେବା ନାଁରେ ସେ କଟକ ନିମସାହି ଅଂଚଳର ଗୁରୁ ପ୍ରସାଦ ମହାରଣା ନାମକ ଜଣେ ବ୍ୟକ୍ତିଙ୍କ ଠାରୁ କୋଟିଏ ୨୫ ଲକ୍ଷ ନେଇ ଆଉ ଫେରାଇ ନଥିବା ଅଭିଯୋଗ ହୋଇଛି।

## ଲ୍ୟାମ୍ପ୍ସ ମାଧ୍ୟମରେ ଧାନ କ୍ରୟ ଦାବି

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହକାରୀ ନିବନ୍ଧକ(ଏଆରସିଏସ)ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧିନ ବାଉରୀଗୋଡାରେ ନୂତନ ଭାବେ ପରିଚାଳିତ ହେଉଥିବା ଲ୍ୟାମ୍ପ ସମିତି ମାଧ୍ୟମରେ ୨୦୨୬/୨୭ ଖରିଫ ଧାନ କ୍ରୟ ପାଇଁ ଚାଷୀମାନେ ସରକାରଙ୍କୁ ଦାବି କରିଛନ୍ତି। ପ୍ରତିବର୍ଷ ବାଉରୀଗୋଡାରେ ଏସଏଚଜି ମାଧ୍ୟମରେ ଧାନ କ୍ରୟ ହେଉଥିବା ବେଳେ ଏଥିରେ ବିଭିନ୍ନ ତ୍ରୁଟି ବିଚ୍ୟୁତି ସାଙ୍ଗକୁ ଦଲାଲଙ୍କ ହସ୍ତକ୍ଷେପ ଯୋଗୁଁ ଚାଷୀମାନେ ତାଙ୍କ କଷ୍ଟୋପାର୍ଜିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଚାଷୀ ମାନେ କଟନୀ ଛଟନୀ ସାଙ୍ଗକୁ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଏହାର ସମାଧାନ ଦିଗରେ କୌଣସି ବିହିତ ପଦକ୍ଷେପ ନିଆ ନଯିବାର ଅନେକ ଉଦାହରଣ ରହିଥିବା କୁହାଯାଇଛି। ଦୀର୍ଘ ଏକ ବର୍ଷ ହେବ କୁଚିଣ୍ଡା ବ୍ଲକର ପାରୁଆଭାଡି ଲ୍ୟାମ୍ପ୍ସରୁ ବିଭାଜନ ହୋଇ ବାଉରୀଗୋଡାରେ ନୂତନ ଭାବେ ଏକ ଲ୍ୟାମ୍ପ୍ସ ଖୋଲାଯାଇଛି। ଫଳରେ ବାଉରୀଗୋଡା ଓ ଅର୍ଡବାହାଲ ଦୁଇଟି ପଞ୍ଚାୟତର ଚାଷୀ ମାନେ ସୁବିଧାରେ କୃଷି ଋଣ, ରାସାୟନିକ ସାର ଓ ବିହନ ସୁବିଧାରେ ପାଇ ପାରୁଛନ୍ତି। ଚଳିତ ଖରିଫ ଧାନ ବିକ୍ରୀ ପାଇଁ ବାଉରୀଗୋଡା ଲ୍ୟାମ୍ପ୍ସରେ ଚାଷୀଙ୍କ ଧାନ ବିକ୍ରୀ ପଞ୍ଜିକରଣ ସୁବିଧାରେ ହୋଇଥିବା ବେଳେ ପୂର୍ବରୁ ଧାନ କ୍ରୟ ପାଇଁ ନିୟୋଜିତ ଥିବା ବାଉରୀଗୋଡା ଏସଏଚଜିକୁ ବାଦ ଦିଆଯାଇ ଲ୍ୟାମ୍ପ୍ସକୁ ଦାୟିତ୍ୱ ଦେବାକୁ ଉଭୟ ପଞ୍ଚାୟତର ସରପଞ୍ଚଙ୍କ ସମେତ ଶତାଧିକ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, କୃଷିମନ୍ତ୍ରୀ, ସମବାୟ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ,ଖାଦ୍ୟ ଯୋଗାଣ, ସମବାୟ ପ୍ରମୁଖ ସଚିବ, ରାଜ୍ୟ ସମବାୟ ନିବନ୍ଧକ, ସମ୍ବଲପୁର ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଉପନିବନ୍ଧକ, କୁଚିଣ୍ଡା ଉପଜିଲ୍ଲାପାଳ, କୁଚିଣ୍ଡା ସହକାରୀ ନିବନ୍ଧକ ପ୍ରମୁଖଙ୍କୁ ପତ୍ରାଳାପ କରାଯାଇଛି।

## ପାରିବାରିକ କଳହକୁ ନେଇ ଯୁବକର ଆତ୍ମହତ୍ୟା

ଭାପୁର,(ନିପ୍ର): ପରିବାର ମଧ୍ୟରେ ପାଟିତୁଣ୍ଡକୁ ନେଇ ଜଣେ ଯୁବକ ଚାଉଳ ପୋକମରା ଔଷଧ ଖାଇ ଆତ୍ମହତ୍ୟା କରିଥିବା ଭଳି ଦୁଃଖଦ ଘଟଣା ଫତେଗଡ଼ ଥାନା ଅଞ୍ଚଳରେ ଘଟିଯାଇଛି। ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗ୍ରାମର ମାୟାଧର ବଳବନ୍ତରାୟଙ୍କ ବଡ଼ପୁଅ ଅଚ୍ୟୁତ ବଳବନ୍ତରାୟ (୨୨)ରାଜମିସ୍ତ୍ରୀ ରୂପେ କାର୍ଯ୍ୟ କରୁଥିବାବେଳେ କୌଣସି କାରଣକୁ ନେଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ଅଚ୍ୟୁତ ମର୍ମାହତ ହୋଇ ଘରେ ରହିଥିବା ଚାଉଳରେ ପଡୁଥିବା ପୋକମରା ଔଷଧ ଖାଇଦେଇଥିଲେ। ପରିବାର ପକ୍ଷରୁ ତାଙ୍କୁ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ, ସେତେବେଳକୁ ଅଚ୍ୟୁତଙ୍କର ମୃତ୍ୟୁ ଘଟି ସାରିଥିଲା।

## ହସ୍ତାକ୍ଷର ଲିଖନ ପାଇଁ ଖାତା କଲମ ବଣ୍ଟନ

ଜଟଣୀ,(ନିପ୍ର): ଜଟଣୀରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଭରସା ପକ୍ଷରୁ ପୌରାଞ୍ଚଳର ୧୬ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଓଡିଆ ହସ୍ତାକ୍ଷର ଖାତା ଓ କଲମ ବଣ୍ଟନ କରାଯାଇଛି । ମାତୃଭାଷା ଓଡ଼ିଆ ପ୍ରତି ମମତା ବଢ଼େଇବା ଓ ହସ୍ତାକ୍ଷର ଲିଖନ ପାଇଁ ଆଗ୍ରହ ସୃଷ୍ଟି କରିବା ଖାତା କଲମ ବାଣ୍ଟିବାର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି । ଗତବର୍ଷ ମଧ୍ୟ ପୌରାଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା ।

### ଆଦିବାସୀଙ୍କ ଧାରଣା ତୃତୀୟ ଦିନରେ

# ୨୦୨୧ରୁ ପଟ୍ଟା ପାଇଁ ଅଟକିଛି ୮୪ ଆବେଦନ

### ||||||||||||||| ଗୁହାରି ଶୁଣିବାକୁ ଆସିଲେନି ଅଧିକାରୀ ! |||||||||||||||

ପାରଳାଖେମୁଣ୍ଡି,(ନିପ୍ର): ୨୦୨୧ରେ ଆବେଦନ ଓ ତଦନ୍ତ ପ୍ରକ୍ରିୟା ଶେଷ। ଜିପିଏସ୍ ମ୍ୟାପ୍‌ରେ ଜମିର ଅବସ୍ଥିତି ଓ ସୀମା ବି ଚିହ୍ନଟ ହୋଇଛି ଏହା ସତ୍ତ୍ୱେ ଜମି ପଟ୍ଟା ପାଇବାରୁ ସେମାନେ ବଞ୍ଚିତ । ଏଣୁ, ପଟ୍ଟା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ରାୟଗଡ଼ ବ୍ଲକ୍ ଲାଇଲାଇ ପଞ୍ଚାୟତ ସାନଲୋବା ଗ୍ରାମର ୮୫ ଆଦିବାସୀ ପରିବାର ମର୍ମାହତ ଗତ ଦୁଇ ଦିନ ଠାରୁ ଆରମ୍ଭ ହୋଇଥିବା ସେମାନଙ୍କ ଅନଶନ ଓ ଧାରଣା ତୃତୀୟ ଦିନରେ ପହଞ୍ଚିଛି । ତଥାପି, ସେମାନଙ୍କ ସମସ୍ୟା ଶୁଣିବାକୁ ଜିଲ୍ଲାପାଳ କିମ୍ବା ପ୍ରଶାସନର କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜଙ୍ଗଲ ଜମି ପଟ୍ଟା ପାଇଁ ୨୦୨୧ରେ ସାନଲୋବା ଗ୍ରାମରୁ ୮୪ଟି ଆବେଦନ ଦାଖଲ ହୋଇଥିଲା ଜିପିଏସ୍ ମ୍ୟାପ୍ ଜରିଆରେ ଦାବି କରାଯାଇଥିବା ଜମିର ଅବସ୍ଥିତି ଓ ସୀମା ଚିହ୍ନଟ କରାଯାଇଥିଲା ସ୍ଥାନୀୟ ତହସିଲଦାର, ଉପଜିଲ୍ଲାପାଳ, ବନ ବିଭାଗ ଓ ପିଏ ଆଇ ଆଇଟିଡିଏ ପକ୍ଷରୁ ଆବଶ୍ୟକ ତଦନ୍ତ ଓ ପ୍ରକ୍ରିୟା ଶେଷ ହେବା ପରେ ଫାଇଲ୍‌ଗୁଡ଼ିକୁ ଜିଲ୍ଲାସ୍ତରୀୟ କମିଟି (ଡିଏଲସି)ରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବା କଥା ହେଲେ, ଫାଇଲ୍‌ଗୁଡ଼ିକ ଡିଏଲସିରେ ଉପସ୍ଥାପନ ପୂର୍ବରୁ ଡିଏଫ୍‌ଓ ଆପତ୍ତି ଉଠାଇ ପୁନଃତଦନ୍ତ ପାଇଁ ବନ ବିଭାଗକୁ ଫେରାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଯଦି ତଦନ୍ତ ଓ ଆବଶ୍ୟକ ପ୍ରକ୍ରିୟା ଶେଷ ହୋଇଥିଲା, ତେବେ ପୁଣି ତଦନ୍ତର ଆବଶ୍ୟକତା କାହିଁକି ପଡ଼ିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୫ ବର୍ଷ ଧରି ଆବେଦନ ଓ ପ୍ରଶାସନିକ ପ୍ରକ୍ରିୟା ଚାଲିବା ସତ୍ତ୍ୱେ ଅଧିକାର ପ୍ରଦାନରେ ବିଳମ୍ବକୁ ନେଇ ଶତାଧିକ ଲୋକ ଦୁଇଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ହେଲେ, ସେମାନଙ୍କ ସହ ଆଲୋଚନା ପାଇଁ ଜଣେ ବି ଅଧିକାରୀ ନ ଆସିବାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଜଙ୍ଗଲ ବିଭାଗ ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ହେଉ ଅବା ଫାଇଲ୍ ପ୍ରକ୍ରିୟାରେ ସମସ୍ୟା କାରଣରୁ ହେଉ, ଆବେଦନକାରୀ ଅବହେଳାର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ଉଠିଛି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଓ ଧାରଣାରୁ ଓହରିବେ ନାହିଁ ବୋଲି ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଧାରଣା ଦେଇଥିବା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କାକଟପୁର ପ୍ରେସ କ୍ଲବର ସମୀକ୍ଷା ବୈଠକ
## ବାର୍ଷିକ ଉତ୍ସବର ସଫଳତା ନେଇ ଡାକ୍ତରଙ୍କ ପ୍ରଶଂସା

କାକଟପୁର,(ନିପ୍ର): କାକଟପୁରର ଅଗ୍ରଣୀ ସାମ୍ବାଦିକ ଅନୁଷ୍ଠାନ କାକଟପୁର ପ୍ରେସ କ୍ଲବର ଏକ ସମୀକ୍ଷା ବୈଠକ ସ୍ଥାନୀୟ ଖୁଣ୍ଟିଆ କନଭେନ୍ସନ ଠାରେ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପ୍ରତି ସେପ୍ଟେମ୍ବର ୨ ତାରିଖରେ ଅନୁଷ୍ଠିତ କ୍ଲବର ୨ୟ ବାର୍ଷିକ ଉତ୍ସବର ସଫଳତା, ଆୟୋଜନର ବିଭିନ୍ନ ଦିଗ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବୈଠକରେ ଗଭୀର ଆଲୋଚନା କରାଯାଇଥିଲା। ବୈଠକରେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ବିଶିଷ୍ଟ ହୃଦ୍‌ରୋଗ ବିଶେସଂଜ୍ଞ ଡାକ୍ତର ପ୍ରଭାତ କୁମାର ଦାସ ମଞ୍ଚକୁ ଆହୁରି ଗୌରବାନ୍ୱିତ କରିଥିଲା ବେଳେ ବିଧାୟକ, ସାଂସଦ, ବ୍ଲକ ଅଧକ୍ଷ୍ୟ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ଶ୍ରୀ ଦାସଙ୍କ ଯୋଗଦାନ କ୍ଲବର ସମସ୍ତ ସଦସ୍ୟଙ୍କ ମନକୁ ଆହୁରି ଆନନ୍ଦିତ କରିଥିଲା।



ବୈଠକରେ ବାର୍ଷିକ ଉତ୍ସବର ଆୟବ୍ୟୟର ସମ୍ପୂର୍ଣ୍ଣ ହିସାବ ଉପସ୍ଥାପନ କରାଯାଇ ତାହାର ସମୀକ୍ଷା କରାଯାଇଥିଲା। କ୍ଲବର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼, ସ୍ୱଚ୍ଛ ଓ ସୁସଂଗଠିତ କରିବା ସହ ସାମ୍ବାଦିକମାନଙ୍କ ଏକତା ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ମଜଭୁତ କରିବା ଉପରେ ସଦସ୍ୟମାନେ ମତ ରଖିଥିଲେ। ବୈଠକ ପରେ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଭାଇଚାରା ଓ ଆତ୍ମୀୟତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ନୈଶ୍ୟ ଭୋଜିର ମଧ ଆୟୋଜନ କରାଯାଇଥିଲା। ବୈଠକରେ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ସହ-ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, କୋଷାଧକ୍ଷ ଭାଗବତ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ପ୍ରଭାସ କୁମାର ପୃଷ୍ଟି, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଲାଇବ୍ରେରୀ ସମ୍ପାଦକ ମାନସ କୁମାର ଦୀକ୍ଷିତଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ନୃସିଂହ ବେହେରା, ମହମ୍ମଦ ସାମସୁଲ ଆରିଫିନ, ସଞ୍ଜୟ ପତି, ନିରଞ୍ଜନ ଦାସ, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଶାନ୍ତ ଜେନା, ଲୋକନାଥ ସ୍ୱାଇଁ, ଅଭୟ କୁମାର ପୃଷ୍ଟି, ପ୍ରକାଶ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇଥିଲେ।

## ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା, ପରମାନନ୍ଦ ମାଝୀ ହେଲେ ସଭାପତି

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବ ସମ୍ମତି କ୍ରମେ ସଂଘର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବରେ ପରମାନନ୍ଦ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଉପସଭାପତି ଭାବରେ ବିଦ୍ୟାଧର ଶବର, ପଦ୍ମଲୋଚନ ମାଝୀ, ଚୂଡ଼ାମଣି ମାଝୀ, ଗଙ୍ଗାଧର ଶବର, ସନ୍ତୁ କୁମାର ନାଏକ, ଦ୍ରୋଣାଚାର୍ଯ୍ୟ ମାଝୀ, ନିରାକାର ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବରେ ଶେଷଦେବ ମାଝୀ, ସମ୍ପାଦକ ଭାବରେ ସଞ୍ଜୟ ଶବର, କୋଷାଧ୍ୟକ୍ଷ ଭାବରେ ଦୁଷ୍ମନ୍ତ ମାଝୀ, ମହିଳା ସଭାନେତ୍ରୀ ଭାବରେ ରୁକ୍ମଣୀ ମାଝୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ବ୍ଲକ ସଭାପତି ଭାବରେ ପିତାମ୍ବର ଶବର (ଭବାନୀପାଟଣା), ସାଧୁରାମ ମାଝୀ (କେସିଙ୍ଗା), ଶ୍ୟାମଚନ୍ଦ୍ର ଭୋଇ (କର୍ଲାମୁଣ୍ଡା), ଗୌରଚନ୍ଦ୍ର ମାଝୀ (ମ.ରାମପୁର), ମଧୁସୂଦନ ମାଝୀ (ନର୍ଲା), ସୁଶାନ୍ତ ମାଝୀ (ଲାଞ୍ଜିଗଡ), ରାମଚନ୍ଦ୍ର ମାଝୀ (ଥୁଆମୂଳ ରାମପୁର), ମୀନକେତନ ମାଝୀ (କଲମପୁର), ଡମ୍ବରୁଧର ନାଏକ (ଜୟପାଟଣା), ଭରତଚନ୍ଦ୍ର ଜାନୀ (କୋକସରା), ବନମାଳୀ ଭୋଇ (ଧର୍ମଗଡ଼), ବଳରାମ ଦଳପତି (ଜୁନାଗଡ) ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ଚନ୍ଦ୍ରଶେଖର ଶବର, ରବି ମାଝୀ, ରୁକୁରାମ ଶବର, କୁମୁଦକାନ୍ତ ମାଝୀ, ତରୁଣ ମାଝୀ, ବବ୍ରୁବାହନ ପାତ୍ର, କାମଦେବ ଧଙ୍ଗଡାମାଝୀ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ କୁମରମଣି ଶବର, ବୈଦ୍ୟରାଜ ପବିତ୍ର ଶବର, ନରେନ୍ଦ୍ର ମାଝୀ, ନୀଳାମ୍ବର ପାତ୍ର, ଧନସିଂ ମାଝୀ, ପଦ୍ମସିଂ ମାଝୀଙ୍କୁ ମନୋନୟନ କରାଯାଇଛି।



## କୁଣ୍ଢେଇ ବଜାରରେ ଜବରଦଖଲ ଉଚ୍ଛେଦ

କାକଟପୁର,(ନିପ୍ର): କାକଟପୁର ଅଞ୍ଚଳର କୁଣ୍ଢେଇ ବଜାରରେ ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା ଦୁଇଟି କ୍ୟାବିନ୍ ଏବଂ ଘର ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ରହିଥିଲା। ସୂଚନାନୁସାରେ, ନରେନ୍ଦ୍ରପୁର ଗ୍ରାମର ଶରତ ନାଥଙ୍କ ପୁଅ ଦିଲୀପ ନାଥ ଏବଂ ଛୋଟରାୟପୁର ଗ୍ରାମର ପବିତ୍ର ସେଣଙ୍କ ପୁଅ ଆଶିଷ ସେଣଙ୍କ ଦ୍ୱାରା ସରକାରୀ ଜମିରେ ଉକ୍ତ କ୍ୟାବିନ୍ ଏବଂ ଘର ନିର୍ମାଣ କରାଯାଇଥିବା ପ୍ରଶାସନ ପକ୍ଷରୁ ଜଣାପଡ଼ିଥିଲା। ସେଠାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## କେନ୍ଦ୍ରାପଡ଼ାରେ ଶାନ୍ତିଶୃଙ୍ଖଳାରେ ଗଣେଶ ଭସାଣି

କେନ୍ଦ୍ରାପଡ଼ା,(ନିପ୍ର): ପୋଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କେନ୍ଦ୍ରାପଡ଼ା ସହରରେ ଗଣେଶ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। ସହରର ପୁରୁଣା ମୋଟର ଷ୍ଟାଣ୍ଡସ୍ଥିତ ମେଲଣ ପଡ଼ିଆରେ ୨୯ଟି ମେଢ଼ ଓ ଦୁଇଟି ଗ୍ରୁପ୍‌ର ମେଲଣ ଅନୁଷ୍ଠିତ ହୋଇଥିଲା। ମେଢ଼ଗୁଡ଼ିକ ମେଲଣ ପଡ଼ିଆରେ ଭୋଗ ଖାଇବା ପରେ ନିଜ ନିଜ ଅଞ୍ଚଳକୁ ଯାଇ ବିସର୍ଜନ ହୋଇଥିଲେ। ମେଲଣ ଦେଖିବା ପାଇଁ କେନ୍ଦ୍ରାପଡ଼ା ସହରର ୨୧ଟି ୱାର୍ଡ ସମେତ ନିକଟସ୍ଥ ଗୁଲନଗର, କପାଳେଶ୍ୱର, ଜମଧର, କଂସାର, ଶ୍ୟାମସୁନ୍ଦରପୁର, ଭରତପୁର ଆଦି ଅଞ୍ଚଳରୁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ଏହାକୁ ନେଇ ସହରରେ ପାର୍ବଣର ମାହୋଲ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ଏନଏସି ପକ୍ଷରୁ ଏକ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ସ୍ଥାନୀୟ ଏମ୍ ସି ସି ଠାରେ ହୋଇଥିଲା। ସ୍ଥାନୀୟ ନିୟୁ ଏରା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦେଇ ବର୍ଜ୍ୟବସ୍ତୁ ବିଭାଗୀକରଣ, ଡଷ୍ଟବିନର ବ୍ୟବହାର, ବିଷୟରେ ଜାଣିବାକୁ ପାଇଥିଲେ। ବୁଗୁଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ସାନିଟେଶନ ସୁପର ଭାଇଜର ରାଜେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବର୍ଜ୍ୟବସ୍ତୁରୁ କିପରି ଜୈବିକ ଖତ ପ୍ରସ୍ତୁତ ହେଉଛି ଦେଖାଇବା ସହ ଆବର୍ଜନାର ବିଭାଗୀକରଣ, ପୁନଃ ବ୍ୟବହାର ଯୋଗ୍ୟ କିପରି କରିବା, ଇ- ଆବର୍ଜନାର ପୃଥକିକରଣ ଓ କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ।

## 'ସ୍ୱେଚ୍ଛାସେବୀ ସହଯୋଗ କଲେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷିତ ରହିପାରିବ'

ବେତନଟୀ,(ନିପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ତଥା ବେତନଟୀ ପଞ୍ଚାୟତ ସମିତି ଓ ଫୋର୍ଡ ସ୍ୱେଚ୍ଛାସେବୀ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାୟତ ଅଧିକାରିଣୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପି. କେ. ହିତାଂଶୁ ଜେନା ଅତିରିକ୍ତ ତହସିଲଦାର ବେତନଟୀ, ସ୍ୱତନ୍ତ୍ର ଅତିଥି ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ ବକ୍ତା ସୁବାଶ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ବୈଶିଙ୍ଗା ମହାବିଦ୍ୟାଳୟ, ସମ୍ମାନନୀୟ ଅତିଥି ତିଲୋକେଶ୍ୱର ଦୂର୍ଗା ସମ୍ପାଦକ ବନ୍ୟା ଆଶ୍ରୟସ୍ଥଳୀ ଯୋଗ ଦେଇଥିଲେ । ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ମାଷ୍ଟର ଟ୍ରେନର କବିତା ଘଡେଇ, ଜୁଲିମଣି ବେହେରା ଓ ମାନସୀ ମିଶ୍ର ଥିଓରୀ ଓ ପ୍ରାକ୍ଟିକାଲ କରିବା ସହିତ ବିଭିନ୍ନ ପ୍ରଶ୍ନୋତ୍ତର ଓ ଖେଳ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।



ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ସମୟରେ ସହଯୋଗ କଲେ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସାମାନ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀମାନଙ୍କୁ ପରୀକ୍ଷା କରାଯାଇ ଅତିଥିବୃନ୍ଦ ୩ ଜଣଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିବା ସହିତ କେତେକ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୭ ଦିନ ଧରି ତାଲିମ ଚାଲିଥିଲା । ଅତିଥି ବୃନ୍ଦ ସମସ୍ତଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅତିଥିଙ୍କ ଦ୍ୱାରା ବନ୍ୟା ଆଶ୍ରୟସ୍ଥଳୀ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା । ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟମାନେ ସହଯୋଗ କରିଥିଲେ । ଫୋର୍ଡର ଯୁଗ୍ମ ସମ୍ପାଦକ ଅଶୋକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧରେ ଜିଲ୍ଲାସ୍ତରୀୟ ବ୍ୟାଙ୍କିଂ ସମୀକ୍ଷା

## ଜିଲ୍ଲାର ଦ୍ରୁତ ପ୍ରଗତି ପାଇଁ ବ୍ୟାଙ୍କ ସହଯୋଗ ଉପରେ ଗୁରୁତ୍ୱ

ବୌଦ୍ଧ,(ନି.ପ୍ର) : ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରାମର୍ଶଦାତା କମିଟି ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ଡନ୍ ବାସ୍କୋ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସେ ଜିଲ୍ଲାର ବ୍ୟାଙ୍କିଙ୍ଗ୍ ସ୍ଥିତି ଉପରେ ତଥ୍ୟ ଉପସ୍ଥାପନ କରି ଜଣାଇଥିଲେ ଯେ ଜିଲ୍ଲାରେ ମୋଟ ୨୩ଟି ବ୍ୟାଙ୍କର ୫୭ଟି ଶାଖା କାର୍ଯ୍ୟ କରୁଛି। ଏଥିମଧ୍ୟରେ ୩୦ଟି ଜାତୀୟକରଣ ବ୍ୟାଙ୍କ ଶାଖା ଏବଂ ୫ଟି ସମବାୟ ବ୍ୟାଙ୍କ ଶାଖା ଅନ୍ତର୍ଭୁକ୍ତ। ଏହାସହ ସମଗ୍ର ଜିଲ୍ଲାରେ ମୋଟ ୫୧ଟି ଏଟିଏମ୍ କାର୍ଯ୍ୟକ୍ଷମ ରହିଛି। ଗତ ଜୁନ୍ ୩୦ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ଜମା ୨୪୨୫ କୋଟି ଟଙ୍କା, ମୋଟ ଅଗ୍ରିମ (ଋଣ) ୨୧୭୫ କୋଟି ଟଙ୍କା ଏବଂ ସର୍ବମୋଟ ବ୍ୟବସାୟ ୪୬୦୦ କୋଟି ଟଙ୍କାରେ ପହଞ୍ଚିଛି। ଜିଲ୍ଲାପାଳ ଶ୍ରୀ ନାୟକ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟର ଗତି ବୃଦ୍ଧି କରିବାକୁ ସମସ୍ତ ବ୍ୟାଙ୍କ ପ୍ରବନ୍ଧକମାନଙ୍କୁ ପରାମର୍ଶ ଦେଇଥିଲେ। ନୂତନ ଉଦ୍ୟୋଗ, କଳ କାରଖାନା ଏବଂ ବ୍ୟବସାୟ ପାଇଁ ଆବଶ୍ୟକ ସହଯୋଗ ପୂର୍ବକ ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ ସମସ୍ତ ବ୍ୟାଙ୍କ୍ ଆଗେଇ ଆସିବାକୁ ସେ କହିଥିଲେ । ଏଣିକି ପ୍ରତି ଡିସିସି ବୈଠକରେ ଅଣ-ପ୍ରାଥମିକ କ୍ଷେତ୍ରର କାର୍ଯ୍ୟଦକ୍ଷତା , ଏମ୍ ଏସ ଏମ୍ ଇ ସେକ୍ଟର କାର୍ଯ୍ୟଧାରା ଉପରେ କଡ଼ା ନଜର ରଖାଯିବା ସହ ସମୀକ୍ଷା କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ସମସ୍ତ ବ୍ୟାଙ୍କ ସର୍ବନିମ୍ନ ୭୫ ପ୍ରତିଶତ ସିଡି ରେସିଓ ହାସଲ କରିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ପାଳନ, ପ୍ରାଣୀ ସମ୍ପଦ ଏବଂ ଅନୁଷଙ୍ଗିକ କ୍ଷେତ୍ରରେ ଜିଲ୍ଲାର ପ୍ରଗତି ନିମନ୍ତେ ଜିଲ୍ଲା ପ୍ରଶାସନ ସହ ସହଯୋଗ କରିବାକୁ ସମସ୍ତ ଅଗ୍ରଣୀ ବ୍ୟାଙ୍କଗୁଡ଼ିକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## 'ଇକୋ-ଆର୍ଟ ଓ କ୍ରାଫ୍ଟ' ତାଲିମ ଶିବିର ଉଦ୍‌ଯାପିତ

ଭବାନୀପାଟଣା,(ନି.ପ୍ର): ପରିବେଶ ସୁରକ୍ଷା ସହ ସମ୍ବଲପୁରୀ ସାଜ ଓ ଝୋଟ କଳାର ପ୍ରଶିକ୍ଷଣ ନେଲେ ଶିକ୍ଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଭବାନୀପାଟଣା, ୧୯ ସେପ୍ଟେମ୍ବର , ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର 'ପରିବେଶ ଶିକ୍ଷା କାର୍ଯ୍ୟକ୍ରମ' ଅନ୍ତର୍ଗତ, ଓଡ଼ିଶା ସରକାରଙ୍କ ପରିବେଶ ଅଧ୍ୟୟନ କେନ୍ଦ୍ର ଏବଂ 'କଳାହାଣ୍ଡି କଲେଜ୍ ଅଫ୍




ଆର୍ଟ ଆଣ୍ଡ୍ ରିସର୍ଚ୍ଚ' (ଭବାନୀପାଟଣା)ର ଯୁଗ୍ମ ଆନୁକୂଲ୍ୟରେ ଏକ ଦିନିକିଆ 'ଇକୋ-ଆର୍ଟ ଏବଂ କ୍ରାଫ୍ଟ' କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଭର୍ନମେଣ୍ଟ ଆର୍ଟ ଆଣ୍ଡ୍ କ୍ରାଫ୍ଟ କଲେଜ, ଖଲ୍ଲିକୋଟର ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ କୁମାର ଦାସ ମୁଖ୍ୟ ସଂଯୋଜକ ଭାବରେ ଯୋଗଦେଇ ଶିବିରର ସମସ୍ତ କାର୍ଯ୍ୟପନ୍ଥା ପରିଚାଳନା କରିଥିଲେ। ଏଥିସହିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା 'ପ୍ରକୃତି ବନ୍ଧୁ' ପୁରସ୍କାରପ୍ରାପ୍ତ ରବି ପଟ୍ଟନାୟକ ବିଶେଷ ଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ଓ କଳାର ମନୋରମ ସମନ୍ୱୟ ବିଷୟରେ ଆଲୋକପାତ କରିଥିଲେ।ଶିବିରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ-ଶିକ୍ଷୟିତ୍ରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଆର୍ଟ କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଇ ପରିବେଶ-ଅନୁକୂଳ କଳା ଶିକ୍ଷା ଗ୍ରହଣ କରିଥିଲେ।

## ବିଜେପି ରାଜ୍ୟ ସଭାପତିଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ ନେଇ ପ୍ରସ୍ତୁତି

ଭବାନୀପାଟଣା,(ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତକୁ ନେଇ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଅଛି। ଆସନ୍ତା ୨୬ ତାରିଖରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଏବଂ ୨୭ ତାରିଖରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଜିଲ୍ଲା ପ୍ରଭାରୀ ଶିବାଜି ମହାନ୍ତି , ଧର୍ମଗଡ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସୁଧିର ରଞ୍ଜନ ପଟ୍ଟଯୋଶୀ ଜିଲ୍ଲା ପଦାଧିକାରିଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି।

## ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଆସିକା,(ନିପ୍ର): ଆସିକା ସମବାୟ ଚିନିଶିଳ୍ପ ଅସ୍ଥାୟୀ କର୍ମଚାରୀ ୩ଦଫା ଦାବି ନେଇ ଦୀର୍ଘ ୧୦ଦିନ ଧରି ଚିନି ଶିଳ୍ପ ମୁଖ୍ୟ ଫାଟକ ଠାରେ ଚାଲିଥିବା ଆନ୍ଦୋଳନ ଆଜି ଦାବି ପୂରଣ ସଫଳ ପରେ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଥାଉକି ଆସିକା ସମବାୟ ଚିନି ଶିଳ୍ପ ଠାରେ ୨୦୧୦ ଏବଂ ୧୯୯୯ ମସିହାର ଅସ୍ଥାୟୀ କର୍ମଚାରୀଭାବେ ଦୀର୍ଘ ଦିନ ଧରି କାମ କରି ଆସୁଥିଲେ ମଧ୍ୟ ସେମାନଙ୍କ ସ୍ଥାୟୀ ମାନ୍ୟତା ଦିଆଯାଇନଥିଲା। ଏହି ଅସ୍ଥାୟୀ କର୍ମଚାରୀ ମାନେ ଗତବର୍ଷ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ କରିଥିଲେ। ସେତେବେଳେ ଏହି ଆନ୍ଦୋଳନ ପାଇଁ ଅସ୍ଥାୟୀ ଶ୍ରମିକ ସଙ୍ଘ କର୍ମକର୍ତା ସହ ଚିନିଶିଳ୍ପ ପରିଚାଳନା ପରିଷଦ, ଶ୍ରମବିଭାଗ କେ. ଫର୍ମରେ ତ୍ରିପାକ୍ଷିକ ଚୁକ୍ତି ଗତ ୨୭/୧୦/୨୦୨୫ ହୋଇଥିଲା। ଏହି ଚୁକ୍ତିକୁ ମଧ୍ୟ ଚିନିଶିଳ୍ପ ପରିଚାଳନା ପରିଷଦ ଶ୍ରମିକମାନଙ୍କ ଦାବିକୁ କାର୍ଯ୍ୟ କରିନଥିଲା ଶେଷରେ ଅସ୍ଥାୟୀ ଶ୍ରମିକ ସଙ୍ଘ ଶ୍ରମିକ ଆନ୍ଦୋଳନ ପାଇଁ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରି ଗତ ୧୦/୦୯/୨୦୨୬ ଠାରୁ ସମସ୍ତ ଏନ ଆମ ଆର କର୍ମଚାରୀ ମାନେ ଆସିକା ସମବାୟ ଚିନି ଶିଳ୍ପ ଠାରେ ଦୀର୍ଘ ୧୦ଦିନ ବ୍ୟାପି ଆନ୍ଦୋଳନ ପରେ ଗତ ୧୭/୦୯/୨୦୨୬ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ଅଧିକାରୀ ଓ ପରିଷଦର ବରିଷ୍ଠ ସଭ୍ୟ ସାଙ୍ଗକୁ ଶ୍ରମିକ ସଙ୍ଘର ନେତା ଶ୍ରମ ବିଭାଗ ଉପସ୍ଥିତିରେ ଆଲୋଚନା ପରେ ୩ଦଫା ଅର୍ଥାତ ୯୯ ଅସ୍ଥାୟୀ କର୍ମଚାରୀଙ୍କ ୬୦ଦିନ ମଧ୍ୟରେ ସ୍ଥାୟୀ କର୍ମଚାରୀ ମାନ୍ୟତା ୪ବର୍ଷର ବକେୟା ବୋନସ,ପଦୋନ୍ନତି ପାଇଁ ଚିନି ଶିଳ୍ପ ପ୍ରଶାସନ ପକ୍ଷରୁ ଏକ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା।

## ଦେଶୀ ମଦ ଓ ପୋଚ ନଷ୍ଟ କଲା ଅବକାରୀ ବିଭାଗ

ତିଗିରିଆ,(ନିପ୍ର): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧୀକ୍ଷକ ଏବଂ ଆଠଗଡ ଅବକାରୀ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଗରପଡ଼ା ଓ ପାଇକସାହି), ବାଲିପୁଟ, ହରିଡାପଶି ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲ । କାନପୁର ଥାନା ଅନ୍ତର୍ଗତ ବାଗଧରିଆ ଛକ ନିକଟରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା ଏବଂ ନରସିଂହପୁର ଅବକାରୀ ଥାନା ସହିତ ଅନେକ ସ୍ଥାନରେ ମିଳିତ ଚଢାଉ କରାଯାଇ ଥିଲା। ଉକ୍ତ ଚଢାଉରେ ସର୍ବମୋଟ ୨୧୨୩ ଲିଟର ଦେଶୀ ମଦ, ୧୦୬୦୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ଏକ ମାରୁତି ସୁଜୁକି ସ୍ୱିଫ୍ଟ କାର ଓ ସାଣ୍ଟ୍ କାର ମଧ୍ୟ ଜବତ କରାଯାଇଛି। ଏଥିସହିତ ୬ ଗୋଟି ମାମଲା ରୁଜୁ କରାଯାଇ ୨ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ସର୍ବୋଚ୍ଚ ନ୍ୟାୟାଳୟରୁ ଜାମିନ୍ ପାଇଲେ ବିଜେଡ଼ି ନେତା

ନିମାପଡ଼ା,(ନି.ପ୍ର.): ନିମାପଡ଼ା ବିଜୁ ଜନତା ଦଳ ନେତା ତଥା ଗତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ନାୟକ ୧ ବର୍ଷ କାରାଗାରରେ ରହି ଗତ ୧୭ ତାରିଖ ଦିନ ଜାମିନ୍‌ରେ ଆସିଛନ୍ତି। ଏକ ମନି ଲଣ୍ଡରିଂ ମକଦ୍ଦମାରେ ସେ ଛନ୍ଦି ହୋଇ ଇଓଡ଼ବ୍ଲ୍ୟୁ ଦ୍ୱାରା ଗିରଫ ହୋଇଥିଲେ। ଚେକ୍ ବାଉନ୍ସ ମାମଲା ଥିଲା ବୋଲି ଶୁଣିବାକୁ ମିଳିଛି। ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଜାମିନ୍ ନାମଞ୍ଜୁର ହେବାରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କୁ ଜାମିନ୍ ଦେବା ପରେ ନିମାପଡ଼ା ରାଜନୀତି ଚଳ ଚଂଚଳ ହୋଇପଡ଼ିଥିଲେ। ପଂଚାୟତ, ପୌର ନିର୍ବାଚନ ନେଇ ନେତୃବର୍ଗ ଓ କର୍ମୀ ମହଲରେ ଆଗ୍ରହ ବୃଦ୍ଧି ପାଇଛି। ଶ୍ରୀ ନାୟକ ଗତ ସାଧାରଣ ନିର୍ବାଚନରେ ୯୧ ହଜାର ଭୋଟ ପାଇ ବିଜେପି ପ୍ରାର୍ଥୀ ଶ୍ରୀମତି ପ୍ରଭାତି ପରିଡ଼ାଙ୍କ ଠାରୁ ୪୪୫୮ ଭୋଟରେ ପରାସ୍ତ ହୋଇଥିଲେ।

CMYK



## ଜୟଶଙ୍କର, ସିବିଆଇ ନିର୍ଦ୍ଦେଶକ ଓ ପୂର୍ବତନ ସେନାମୁଖ୍ୟଙ୍କୁ ଏସ୍ଆଇଆର ନୋଟିସ୍

ନୂଆଦିଲ୍ଲୀ,୨୦।୯: ଦିଲ୍ଲୀ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅଧୀନରେ ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍ ଏବଂ ପୂର୍ବତନ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସମେତ ଅନେକ ଅତି ବିଶିଷ୍ଟ ବ୍ୟକ୍ତିଙ୍କୁ ନିର୍ବାଚନ କମିସନ ନୋଟିସ ଜାରି କରିଛନ୍ତି। ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଏହି ଯାଞ୍ଚ ପ୍ରକ୍ରିୟାରେ ତଥ୍ୟ ମେଳ ନଖାଇବା ଏବଂ ଅନ୍-ମ୍ୟାପଡ ନାମ ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ରମନ୍ତ୍ରୀ ଜୟଶଙ୍କର ଏବଂ ତାଙ୍କ ପତ୍ନୀ କ୍ୟୋକୋ ଏସ୍ ଜୟଶଙ୍କରଙ୍କୁ 'ଗତ ଏସ୍ଆଇଆର୍ ସହ ଅନ୍-



ମ୍ୟାପ୍ଡ୍' ଶ୍ରେଣୀରେ ରଖାଯାଇଛି। ଏହା ଦର୍ଶାଉଛି ଯେ ସେମାନଙ୍କ ବର୍ତ୍ତମାନର ଭୋଟର ତଥ୍ୟ ୨୦୦୨ର ପୂର୍ବ ସଂଶୋଧନ ତାଲିକା ସହ ଯୋଡ଼ି ହୋଇପାରି ନାହିଁ। ନୂଆଦିଲ୍ଲୀ ବିଧାନସଭା ମଣ୍ଡଳୀର ସୁନ୍ଦର ବାଗ୍ ଅଞ୍ଚଳରେ ଜୟଶଙ୍କର ଓ ତାଙ୍କ ପତ୍ନୀ ଭୋଟର ଭାବେ ପଞ୍ଜୀକୃତ ଅଛନ୍ତି। ସେହିପରି ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍, ତାଙ୍କ ପତ୍ନୀ ବନିତା ସୁଦ୍ ଏବଂ ମା' କମଳେଶ ସୁଦ୍ଙ୍କୁ ମଧ୍ୟ ନୋଟିସ ପଠାଯାଇଛି। ଏହି ତିନି ଜଣଙ୍କୁ ମଧ୍ୟ 'ଗତ ଏସ୍ଆଇଆର ସହ ଅନ୍-ମ୍ୟାପ୍ଡ୍' ଶ୍ରେଣୀରେ ଦର୍ଶାଯାଇଛି। ଏହି ସମାନ ଶ୍ରେଣୀ ଅଧୀନରେ ପୂର୍ବତନ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ତାଙ୍କ ପତ୍ନୀ ସୁନିତା ଦ୍ୱିବେଦୀଙ୍କୁ ମଧ୍ୟ ନୋଟିସ ମିଳିଛି। ସେମାନେ ମଧ୍ୟ ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ଭାବେ ପଞ୍ଜୀକୃତ ରହିଛନ୍ତି। ଅନ୍ୟପଟେ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ଙ୍କ ପତ୍ନୀ ଶେବା ବ୍ରିଟାସ୍ ଏବଂ ପୁଅ ଆନନ୍ଦ ବ୍ରିଟାସ୍ଙ୍କୁ ମିଳିଥିବା ନୋଟିସରେ ଭିନ୍ନ ତ୍ରୁଟି ଦର୍ଶାଯାଇଛି। ଶେବାଙ୍କ କ୍ଷେତ୍ରରେ 'ନିଜ ନାମ ମେଳ ନଖାଇବା' ତ୍ରୁଟି ରହିଥିବା ବେଳେ ଆନନ୍ଦଙ୍କ ନୋଟିସରେ 'ପିତାମାତାଙ୍କ ନାମ ମେଳ ନଖାଇବା' ଦର୍ଶାଯାଇଛି।

## ଇମ୍ରାନ ଖାନଙ୍କ ଭଉଣୀ ଗିରଫ



ନୂଆଦିଲ୍ଲୀ,୨୦।୯: ପାକିସ୍ତାନରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଭଉଣୀ ଅଲିମା ଖାନ ଗିରଫ । ତାଙ୍କୁ ପୁଲିସ ଲାହୋରସ୍ଥିତ ତାଙ୍କ ବାସଭବନରୁ ଗିରଫ କରି ନେଇଛି । ରଏଟର୍ସର ରିପୋର୍ଟ ଅନୁସାରେ, ପାକିସ୍ତାନ ତେହରିକ-ଏ-ଇନସାଫର ଜଣେ ମୁଖପାତ୍ର ଏହି ସୂଚନା ଦେଇଛନ୍ତି । ସେପଟ୍ମେର ୨୭ ତାରିଖରେ ହେବାକୁ ଥିବା ଦଳର ବଡ଼ ବିରୋଧ ପ୍ରଦର୍ଶନର ଠିକ୍ ପୂର୍ବରୁ ଏହି ଗିରଫଦାରୀ ହୋଇଛି। ଉଲ୍ଲେଖନୀୟ ଯେ, ପିଟିଆଇ ଇମ୍ରାନ ଖାନଙ୍କ ମୁକ୍ତି ଦାବିରେ ସାରା ଦେଶରେ ପ୍ରଦର୍ଶନ କରିବାକୁ ପ୍ରସ୍ତୁତି ଚଳାଇଛି । ଇମ୍ରାନ ଖାନ ଦଳର ପ୍ରତିଷ୍ଠାତା ତଥା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ । ସେ ଅଗଷ୍ଟ ୨୦୨୩ ରୁ ଜେଲରେ ବନ୍ଦୀ ଅଛନ୍ତି । ତାଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦଳ ଦାବି କରୁଛି। ପୁଲିସର କହିବା ଅନୁସାରେ, ପ୍ରଦର୍ଶନ ପୂର୍ବରୁ ଅନେକ କାର୍ଯ୍ୟକର୍ତ୍ତାଙ୍କୁ ହାଜତକୁ ନିଆଯାଇଛି ।

## ୨୦ ବର୍ଷ ଧରି ଫେରାର୍ ଟିଏସପିସି କମାଣ୍ଡର ବ୍ରଜେଶ ଗଞ୍ଜୁ ଏନକାଉଣ୍ଟରରେ ନିହତ

ବାରାଣସୀ,୨୦।୯: ପ୍ରାୟ ୨୦ ବର୍ଷ ଧରି ପୋଲିସକୁ ଚକମା ଦେଇ ଫେରାର୍ ଥିବା ଝାଡ଼ଖଣ୍ଡର ନିଷିଦ୍ଧ ନକ୍ସଲ ସଂଗଠନ ତୃତୀୟ ସମ୍ମିଳନ ପ୍ରସ୍ତୁତି କମିଟି (ଟିଏସପିସି)ର ଶୀର୍ଷ କମାଣ୍ଡର ବ୍ରଜେଶ ଗଞ୍ଜୁ ଓରଫ୍ ଗୋପାଳ ସିଂହ ଭୋକ୍ତା ରବିବାର ଉତ୍ତରପ୍ରଦେଶର ବାରାଣସୀରେ ଏନକାଉଣ୍ଟରରେ ନିହତ ହୋଇଛି। ତା' ବିରୋଧରେ ହତ୍ୟା, ଅପହରଣ, ବଟି ଆଦାୟ, ପୁଲିସ ଉପରେ ଆକ୍ରମଣ ଏବଂ ବେଆଇନ ଅସ୍ତ୍ର ଓ ବିସ୍ଫୋରକ ରଖିବା ଭଳି ୫୦ରୁ ଅଧିକ ମାମଲା ଥିଲା। ତା' ମୁଣ୍ଡ ଉପରେ ମୋଟ ୩୦ ଲକ୍ଷ ଟଙ୍କା ପୁରସ୍କାର ଥିଲା। ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)କୁ ବ୍ରଜେଶ ବାରାଣସୀରେ ଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ରବିବାର ଭୋର ପ୍ରାୟ ୫ଟାରେ ରାମନଗର ଅଞ୍ଚଳରେ ଏଟିଏସ୍ ତାକୁ ଧରିବାକୁ ଉଦ୍ୟମ କରିଥିଲା। ପୋଲିସର କହିବା ଅନୁସାରେ, ବ୍ରଜେଶ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିବାରୁ ଏଟିଏସ୍ ପାଲଟା ଗୁଳି ଚଳାଇଥିଲା।

## ମୋଦି ସରକାରଙ୍କ ନିଷ୍ପତ୍ତି ଯୋଗୁଁ ଆରାବଳୀ ପ୍ରତି ବିପଦ: ଜୟରାମ ରମେଶ

ନୂଆଦିଲ୍ଲୀ,୨୦।୯: ମୋଦି ସରକାରଙ୍କ ଆରାବଳୀ ପର୍ବତମାଳାର ପୁନଃ ପରିଭାଷିତ ନିଷ୍ପତ୍ତି ଯୋଗୁଁ ଏହା ବର୍ତ୍ତମାନ ସବୁଠାରୁ ଗମ୍ଭୀର ବିପଦର ସମ୍ମୁଖୀନ ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପରିବେଶ ମନ୍ତ୍ରୀ ଜୟରାମ ରମେଶ ରବିବାର ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଖନନ, ରିଅଲ ଇଷ୍ଟେଟ୍ ଏବଂ ଅନ୍ୟାନ୍ୟ ପ୍ରକଳ୍ପକୁ ଅନୁମତି ଦେବା ପାଇଁ ମୋଦି ସରକାର ଆରାବଳୀର ସଂଜ୍ଞା ବଦଳାଇବାକୁ ଜିଦ୍ ଧରିଛନ୍ତି ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଅଭିଯୋଗ କରିଛନ୍ତି। ଆରାବଳୀରେ ଖନନର ପରିବେଶଗତ ପ୍ରଭାବ ଉପରେ କେତେକ ରିପୋର୍ଟକୁ ନେଇ ସେ ଏହି ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିକୁ ନିଜର ରିପୋର୍ଟ ଦାଖଲ କରିବା ପାଇଁ ୨୦୨୬ ନଭେମ୍ବର ୩୦ ତାରିଖ ସମୟସୀମା ଦିଆଯାଇଛି। ଏହି କମିଟି ମୋଦି ସରକାରଙ୍କ ପଦକ୍ଷେପକୁ ନାକଚ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଦଶନ୍ଧି ଧରି ଚାଲିଥିବା ଚୂନାପଥର ଓ ମାର୍ବଲ ଭଳି ପଥରର ଖନନ ଯୋଗୁଁ ନଦୀଶଯ୍ୟା ଏବଂ ଜଳାଶୟ ନିକଟରେ ଅନେକ ପଥର ଖାଦାନ ଓ କ୍ରସର ଗଢ଼ିଉଠିଛି। ଏହା ଆରାବଳୀ ଯୋଗାଉଥିବା ଜଳ ନିରାପତ୍ତାକୁ ବିପନ୍ନ କରିଛି।

# ଆକାଶରେ ତେଜସ ଉଡ଼ାଇଲେ ଭାରତୀୟ ଏବଂ ଜାପାନୀ ବାୟୁସେନା ମୁଖ୍ୟ

## ପ୍ରତିରକ୍ଷା ଭାଗିଦାରୀ ପାଇଁ ଏହା ଏକ ମାଇଲଖୁଣ୍ଟ :ରାଜନାଥ ସିଂହ



ନୂଆଦିଲ୍ଲୀ,୨୦।୯: ଭାରତୀୟ ବାୟୁସେନା ମୁଖ୍ୟ ଏବଂ ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ ମୁଖ୍ୟ ଏକ ତେଜସ୍ ଯୁଦ୍ଧ ବିମାନରେ ଉଡ଼ାଣ କରିଥିବାବେଳେ ରବିବାର ଦିନ ଯୋଧପୁରରେ ଚାଲିଥିବା ବିମାନ ଅଭ୍ୟାସ 'ବୀର ଗାର୍ଡିଆନ୍' ସମୟରେ ଏକ ସୁଖୋଇ-୩୦ ଏମକେଆଇ ମଧ୍ୟ ଆକାଶକୁ ଉଡ଼ାଣ କରିଥିଲା। ଭାରତ-ଜାପାନ ପାଇଁ ଏହି ବିମାନ ମୁହୂର୍ତ୍ତ ବାୟୁ ଶକ୍ତି ଏବଂ ରଣନୈତିକ ଭାଗିଦାରୀର ଚମତ୍କାର ପ୍ରଦର୍ଶନରେ ଯୋଡି ହୋଇଥିଲା। ଏହି ଉଡ଼ାଣ ଭାରତ ଏବଂ ଜାପାନ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଏବଂ ପରିଚାଳନାଗତ ସମ୍ପର୍କକୁ ଦର୍ଶାଉଛି। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂ ଏବଂ ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ (ଜେଏଏସଡିଏଫ)ର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ୍ ତାକେହିରୋ ମୋରିତା ଯୋଧପୁର ବାୟୁସେନା ଷ୍ଟେସନରେ ବୀର ଗାର୍ଡିଆନ୍ ଅଭ୍ୟାସ ସମୟରେ ହାଲୁକା ଯୁଦ୍ଧ ବିମାନ (ଏଲସିଏ) ତେଜସ୍ ମାର୍କ-୧ ରେ ପୃଥକ ଭାବରେ ଉଡ଼ାଣ କରିଥିଲେ। ଅଭ୍ୟାସର ଏକ ଅଂଶ ଭାବରେ ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ଦୁଇ ବାୟୁସେନା ମୁଖ୍ୟ ନିଜ ନିଜ ବିମାନ ଆଡ଼କୁ ଅଗ୍ରସର ହୋଇଥିଲେ। ସେପ୍ଟେମ୍ବର ୯ ତାରିଖରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା 'ବୀର ଗାର୍ଡିଆନ' ଅଭ୍ୟାସ ସେପଟ୍ମେର ୨୨ ପର୍ଯ୍ୟନ୍ତ ଚାଲିବ। ଏହି ଦ୍ୱିପାକ୍ଷିକ ଅଭ୍ୟାସରେ ଭାରତର ତେଜସ୍, ସୁଖୋଇ-୩୦ଏମକେଆଇ, ରାଫେଲ ଜେଟ୍ ଏବଂ ଜାପାନର ଏଫ୍-୨ଏ ଯୁଦ୍ଧ ବିମାନ ସମେତ ଉଭୟ ଦେଶର ଆଗଧାଡ଼ିର ଯୁଦ୍ଧ ବିମାନ ସାମିଲ ରହିଛି। ଏହି ସମରାଭ୍ୟାସର ଉଦ୍ଦେଶ୍ୟ ଆନ୍ତଃ କାର୍ଯ୍ୟକାରିତା ଏବଂ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା। ଏହି ଦ୍ୱିପାକ୍ଷିକ ବାୟୁସେନା ଅଭ୍ୟାସ ଏପରି ଏକ ସମୟରେ ଆୟୋଜିତ ହେଉଛି, ଯେତେବେଳେ ସେପଟ୍ମେର ୧୦ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ବୀର ଗାର୍ଜିଆନ୍' ଅଭ୍ୟାସରେ ଅଂଶଗ୍ରହଣ ପାଇଁ ଟୋକିଓକୁ ନିଜର ଯୁଦ୍ଧବିମାନ ପଠାଇବାକୁ ଭାରତ-ଜାପାନ ପ୍ରତିରକ୍ଷା ଭାଗିଦାରିତା ପାଇଁ ଏକ 'ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ' ବୋଲି କହିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଜାପାନ ଏୟାର ସେଲ୍ଫ-ଡିଫେନ୍ସ ଫୋର୍ସର ଯୁଦ୍ଧବିମାନର ଭାରତ ଗସ୍ତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ବଢୁଥିବା ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଗତ ମାସରେ ନୂଆଦିଲ୍ଲୀରେ ନିଜର ଜାପାନୀ ପ୍ରତିପକ୍ଷଙ୍କ ସହ ହୋଇଥିବା ଆଲୋଚନାକୁ ମନେ ପକାଇ ସେ କହିଥିଲେ ଯେ, 'ବୀର ଗାର୍ଜିଆନ୍' ଭଳି ଅଭ୍ୟାସ ପାଇଁ ପାରସ୍ପରିକ ଗସ୍ତର ଆଦାନପ୍ରଦାନ ଏହି ସମନ୍ୱୟକୁ ଆହୁରି ମଜବୁତ କରିବ।

### କଂଗ୍ରେସକୁ ପେଣ୍ଟାଗନର ସୂଚନା

## ଇରାନ ଯୁଦ୍ଧରେ ଆମେରିକାର ଖର୍ଚ୍ଚ ୪୫.୧ ବିଲିୟନ ଡଲାର

ୱାସିଂଟନ୍,୨୦।୯: ଇରାନ ବିରୋଧରେ ଚାଲିଥିବା ଯୁଦ୍ଧରେ ଆମେରିକାର ଖର୍ଚ୍ଚ ୪୫.୧ ବିଲିୟନ ଡଲାରରେ ପହଞ୍ଚିଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ କଂଗ୍ରେସକୁ ଏହି ତଥ୍ୟ ଦେଇଥିବା ରିପୋର୍ଟ ହୋଇଛି। ସିଏନ୍ଏନ୍ ଦୁଇଜଣ ସମ୍ପୃକ୍ତ ଅଧିକାରୀଙ୍କ ସୂଚନା ଆଧାରରେ ଏହି ଖବର ପ୍ରକାଶ କରିଛି। ସେପଟ୍ମେର ୩ ସୁଦ୍ଧା ଯୁଦ୍ଧ ସମ୍ପର୍କିତ ଖର୍ଚ୍ଚ ୪୩.୬ ବିଲିୟନ ଡଲାର ଥିବା ବେଳେ ଅତିରିକ୍ତ ଇନ୍ଧନ କିଣିବା ପାଇଁ ଆଉ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଏହାକୁ ମିଶାଇ ମୋଟ ଖର୍ଚ୍ଚ ୪୫.୧ ବିଲିୟନ ଡଲାର ହୋଇଛି। ତେବେ ଏହି ୪୫.୧ ବିଲିୟନ ଡଲାର ଯୁଦ୍ଧର ସମ୍ପୂର୍ଣ୍ଣ ଆର୍ଥିକ ଖର୍ଚ୍ଚ ନୁହେଁ। ପେଣ୍ଟାଗନର ଏହି ଆକଳନରେ ଯୁଦ୍ଧରେ କ୍ଷତିଗ୍ରସ୍ତ ଆମେରିକାର ସାମରିକ ଘାଟି ଓ କୋଠାଗୁଡ଼ିକର ମରାମତି ଖର୍ଚ୍ଚ ସାମିଲ ହୋଇନାହିଁ। ଏଥିସହ ସାମରିକ ଅଭିଯାନର ପରୋକ୍ଷ ଖର୍ଚ୍ଚର ବିସ୍ତୃତ ହିସାବ ମଧ୍ୟ କଂଗ୍ରେସକୁ ଦିଆଯାଇନାହିଁ। ତେଣୁ ଯୁଦ୍ଧର ପ୍ରକୃତ ଖର୍ଚ୍ଚ ଆହୁରି ଅଧିକ ହୋଇପାରେ। ନୂଆ ଆକଳନ ପେଣ୍ଟାଗନର ଜୁଲାଇ ମାସର ଆକଳନଠାରୁ ମଧ୍ୟ ବହୁତ ଅଧିକ। ଜୁଲାଇରେ ପେଣ୍ଟାଗନ୍ ଯୁଦ୍ଧର ଖର୍ଚ୍ଚ ୩୭.୫ ବିଲିୟନ ଡଲାର ବୋଲି ଆକଳନ କରିଥିଲା। ଅନ୍ୟପକ୍ଷରେ, କଂଗ୍ରେସର ବଜେଟ୍ କାର୍ଯ୍ୟାଳୟ (ସିବିଓ) ଅଗଷ୍ଟ ୧ ସୁଦ୍ଧା ଯୁଦ୍ଧରେ ପ୍ରାୟ ୩୮ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ଆକଳନ କରିଥିଲା। ଏହି ହିସାବରେ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧରେ ବ୍ୟବହୃତ ସାମରିକ ସାମଗ୍ରୀର ପୁନଃଯୋଗାଣ, ଅଧିକ ବିମାନ ଉଡ଼ାଣ, ଅନ୍ୟ ସାମରିକ କାର୍ଯ୍ୟ ଏବଂ ଅଧିକ ଇନ୍ଧନ ଖର୍ଚ୍ଚ ରହିଛି। ସିବିଓ ଆକଳନ କରିଛି ଯେ ଅଗଷ୍ଟ ୧ ପରେ ମଧ୍ୟ ଯୁଦ୍ଧ ଚାଲିଲେ ଆମେରିକାର ପ୍ରତିମାସରେ ପ୍ରାୟ ୨ରୁ ୩ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ। ଯୁଦ୍ଧ ତୀବ୍ର ହେଲେ ଏହି ଖର୍ଚ୍ଚ ଆହୁରି ବଢ଼ିପାରେ। ଯୁଦ୍ଧର ପ୍ରଭାବ କେବଳ ପ୍ରତିରକ୍ଷା ବଜେଟରେ ସୀମିତ ନଥାଇ ତେଲ ଓ ପ୍ରାକୃତିକ ଗ୍ୟାସ ପରିବହନ ଏବଂ ବିଶ୍ୱ ଶକ୍ତି ବଜାର ଉପରେ ମଧ୍ୟ ପଡ଼ିଛି। ହର୍ମୁଜ୍ ପ୍ରଣାଳୀ ଓ ଲୋହିତ ସାଗରରେ ପରିବହନ ବାଧାପ୍ରାପ୍ତ ହେବାରୁ ଶକ୍ତି ମୂଲ୍ୟ ବଢ଼ିବା ଏବଂ ଆମେରିକାରେ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ରହିଛି। ସିବିଓ ଅନୁସାରେ, ୨୦୨୭ର ପ୍ରଥମ ତ୍ରିମାସୀରେ ମୁଦ୍ରାସ୍ଫୀତି ପୂର୍ବ ଆକଳନଠାରୁ ୦.୫ ପ୍ରତିଶତ ଅଧିକ ହୋଇପାରେ।

## କେଦାରନାଥ ଗର୍ଭଗୃହର ଭିଡିଓ ଭାଇରାଲ୍ ତଦନ୍ତ ଆରମ୍ଭ କଲା ମନ୍ଦିର କମିଟି



ନୂଆଦିଲ୍ଲୀ,୨୦।୯: ଉତ୍ତରାଖଣ୍ଡର କେଦାରନାଥ ଧାମରୁ ସାମ୍ନାକୁ ଆସିଥିବା ଏକ ଭାଇରାଲ୍ ଭିଡିଓକୁ ନେଇ ହଇଚଇ ସୃଷ୍ଟି ହୋଇଛି। ମନ୍ଦିରର ଗର୍ଭଗୃହ ଭିତରର କଥିତ ରିଲ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ବଦ୍ରି-କେଦାର ମନ୍ଦିର କମିଟି ଏହାକୁ ଗୁରୁତ୍ୱର ସହ ନେଇଛି । ଭିଡିଓ ତିଆରି କରିଥିବା ଏବଂ ଏହାକୁ ସୋସିଆଲ୍ ମିଡିଆରେ ପ୍ରସାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । କେଦାରନାଥ ଧାମରେ ବର୍ତ୍ତମାନ ତୀର୍ଥଯାତ୍ରା ଚରମରେ ରହିଛି । ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ବାବା କେଦାରଙ୍କ ଦର୍ଶନ ପାଇଁ ପହଞ୍ଚୁଛନ୍ତି । ଏହି ସମୟରେ ଗର୍ଭଗୃହ ସହ ଜଡ଼ିତ କିଛି ଭିଡିଓ ଓ ରିଲ୍ ସୋସିଆଲ୍ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେବା ମନ୍ଦିରର ଧାର୍ମିକ ମର୍ଯ୍ୟାଦା ଓ ନିୟମକୁ ନେଇ ପ୍ରଶ୍ନ ଉଠାଇଛି। 'ହର୍ଷିତ କିଚରା' ନାମକ ଏକ ଇନ୍ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍ରୁ ଗର୍ଭଗୃହର ଏହି ଭିଡିଓ ପୋଷ୍ଟ କରାଯାଇଥିବା ଜଣାପଡ଼ିଛି । ପରେ ଭିଡିଓଟି ବହୁ ସଂଖ୍ୟକ ଲୋକଙ୍କ ନଜରକୁ ଆସିବା ସହ ଶେୟାର ହେବାରେ ଲାଗିଥିଲା । ଘଟଣା ସାମ୍ନାକୁ ଆସିବା ପରେ ବଦ୍ରୀ-କେଦାର ମନ୍ଦିର କମିଟି ଏହାର ଯାଞ୍ଚ ଆରମ୍ଭ କରିଛି । କମିଟି ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀଙ୍କ ଅନୁସାରେ, ଗର୍ଭଗୃହ ସମ୍ପର୍କିତ ଭିଡିଓ ତିଆରି କରି ସୋସିଆଲ୍ ମିଡିଆରେ ପ୍ରସାର କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି। ଭାଇରାଲ୍ ହେଉଥିବା ଭିଡିଓଗୁଡ଼ିକ ଉପରେ ମଧ୍ୟ ନଜର ରଖାଯାଉଛି । ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ଯେ, ଏହି ଘଟଣାର ଆଇନଗତ ଓ ଧାର୍ମିକ ଦିଗରୁ ଯାଞ୍ଚ କରାଯାଉଛି । ତଦନ୍ତରେ ମନ୍ଦିର ନିୟମର ଉଲ୍ଲଂଘନ ହୋଇଥିବା ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ବରିଷ୍ଠ ସାମ୍ବାଦିକା ପାୟଲ ମେହେଟ୍ଟାଙ୍କ ପରଲୋକ



ମୁମ୍ବାଇ,୨୦।୯: ରବିବାର ଦିନ ହଠାତ୍ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ବରିଷ୍ଠ ସାମ୍ବାଦିକା ପାୟଲ ମେହେଟ୍ଟାଙ୍କ ମୁମ୍ବାଇରେ ପରଲୋକ ଘଟିଛି। ତାଙ୍କୁ ୪୬ ବର୍ଷ ବୟସ ହୋଇଥିଲା। ସୂଚନା ଅନୁଯାୟୀ, CNN-News18 (Network18) ରେ ସହକାରୀ ସମ୍ପାଦିକା ଭାବେ କାର୍ଯ୍ୟରତ ମେହେଟା ଶନିବାର ବିଳମ୍ବିତ ରାତିରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ରାତି ପ୍ରାୟ ୨ଟା ସମୟରେ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ସେଠାରେ ଡାକ୍ତରମାନେ ତାଙ୍କର ନାଡ଼ି ସ୍ପନ୍ଦନ ପାଇନଥିଲେ। ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଶ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ସାମ୍ବାଦିକତା ପ୍ରତି ତାଙ୍କର ନିଷ୍ଠା, ମାଟି ସହ ଯୋଡ଼ି ହୋଇ ରହି ରିପୋର୍ଟିଂ କରିବାର ଶୈଳୀ ଏବଂ ଜାତୀୟ ପ୍ରସଙ୍ଗ ଉପରେ ତାଙ୍କର ଗଭୀର ବୁଝାମଣାକୁ ମନେ ପକାଇଛନ୍ତି। ଏକ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ମେହେଟାଙ୍କୁ ଜଣେ 'କଠିନ ପରିଶ୍ରମୀ ସାମ୍ବାଦିକା' ବୋଲି ବର୍ଣ୍ଣନା କରିଛନ୍ତି, ଯିଏ ସର୍ବଦା ମାଟି ସହ ଦୃଢ଼ ଭାବେ ଜଡ଼ିତ ଥିଲେ। ସେ କହିଛନ୍ତି ଯେ ତାଙ୍କ ରିପୋର୍ଟିଂରେ ଜାତୀୟ ପ୍ରସଙ୍ଗଗୁଡ଼ିକର ଗଭୀର ବୁଝାମଣା ପ୍ରତିଫଳିତ ହେଉଥିଲା ଏବଂ ଏହା ତାଙ୍କ ବୃତ୍ତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଥିଲା।

## ହମିଦ ଅନସାରୀଙ୍କ ହିନ୍ଦୁ ଉଗ୍ରବାଦ ମନ୍ତବ୍ୟକୁ ମୁସଲିମ୍ ଧର୍ମଗୁରୁଙ୍କ ସମାଲୋଚନା

ନୂଆଦିଲ୍ଲୀ,୨୦।୯: ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନସାରୀଙ୍କ 'ହିନ୍ଦୁ ଉଗ୍ରବାଦ' ଓ ଆରଏସ୍ଏସ୍ ବିରୋଧୀ ମନ୍ତବ୍ୟକୁ ନେଇ କେତେକ ମୁସଲିମ୍ ଧର୍ମଗୁରୁ ସମାଲୋଚନା କରିଛନ୍ତି। ଏଭଳି ମନ୍ତବ୍ୟ ଦେଶରେ ସାମାଜିକ ବିଭେଦ ବଢ଼ାଇପାରେ ବୋଲି ସେମାନେ ଚିନ୍ତା ପ୍ରକାଶ କରିବା ସହ ଧାର୍ମିକ ସଦ୍ଭାବ ଓ ଜାତୀୟ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଅଲ୍ ଇଣ୍ଡିଆ ଇମାମ୍ ଆସୋସିଏସନର ସଭାପତି ମୌଲାନା ସାଜିଦ ରଶିଦି କହିଛନ୍ତି ଯେ ଭାରତରେ ମୁସଲିମମାନଙ୍କୁ ନିଜ ଦେଶରେ ବାହାର ଲୋକ ଭଳି ଅନୁଭବ କରାଇବା ଉଚିତ ନୁହେଁ। ଏକଦା ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି ସମସ୍ତ ବର୍ଗଙ୍କ ପ୍ରତିନିଧିତ୍ୱ କରିବା ଆଶା କରାଯାଏ। ଉପରାଷ୍ଟ୍ରପତି ଥିବା ସମୟରେ ଅନସାରୀ ମୁସଲିମ ମାନଙ୍କ ସପକ୍ଷରେ ମନ୍ତବ୍ୟ ଦେଇନଥିଲେ, କିନ୍ତୁ ପଦ ଛାଡ଼ିବା ପରେ ଏଭଳି ପ୍ରସଙ୍ଗରେ ଅଧିକ କହୁଛନ୍ତି ବୋଲି ରଶିଦି କହିଛନ୍ତି। ଭାରତରେ ରହିବାକୁ ନେଇ ମୁସଲିମମାନେ ଗର୍ବିତ ବୋଲି ରଶିଦି କହିବା ସହ ବିଭାଜନ ସମୟରେ ଭାରତରେ ରହିଥିବା ମୁସଲିମମାନଙ୍କ ଅବଦାନର କଥା ଉଲ୍ଲେଖ କରିଛନ୍ତି। ଏଥିସହ କୌଣସି ସମ୍ପ୍ରଦାୟକୁ ନେଇ ଉତ୍ତେଜନା ସୃଷ୍ଟି କରୁଥିବା ମନ୍ତବ୍ୟ ବିରୋଧରେ ରାଜନୈତିକ ଓ ଧାର୍ମିକ ନେତାମାନେ ପଦକ୍ଷେପ ନେବା ଉଚିତ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ଅଲ୍ ଇଣ୍ଡିଆ ଇମାମ୍ ଅର୍ଗାନାଇଜେସନର ମୁଖ୍ୟ ଇମାମ୍ ଉମର ଅହମଦ ଇଲିଆସି ମଧ୍ୟ ଅନସାରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଏଭଳି ମନ୍ତବ୍ୟ ମୁସଲିମ୍ମାନଙ୍କୁ ଉତ୍ତେଜିତ କରିବା ସହ ଦେଶର ସାମାଜିକ ପରିବେଶକୁ ପ୍ରଭାବିତ କରିପାରେ। ଅନସାରୀ ମୁସଲିମ୍ମାନଙ୍କ ମଧ୍ୟରେ ନିଜ ଛବି ପୁଣି ସୁଧାରିବା ପାଇଁ ଏଭଳି ମନ୍ତବ୍ୟ ଦେଇଥିବା ଇଲିଆସି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ହମିଦ ଅନସାରୀ ସେପ୍ଟେମ୍ବର ୧୮ରେ ଏଜି ନୁରାନିଙ୍କୁ ସ୍ମରଣ କରି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତରେ ହିନ୍ଦୁ ଦକ୍ଷିଣପନ୍ଥୀ ସାମ୍ପ୍ରଦାୟିକତା ଓ ସାଂସ୍କୃତିକ ଜାତୀୟତାବାଦକୁ ନେଇ ମତ ରଖିଥିଲେ।

## 'ପ୍ରାର୍ଥୀ ଜିତିଲେ ୧୦ହଜାର ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ଚାକିରି'

ପାଟନା, ୨୦।୯: ଜନ ସୁରାଜ ପାର୍ଟି ର ପ୍ରତିଷ୍ଠାତା ତଥା ବାଙ୍କିପୁର ବିଧାୟକ ପ୍ରଶାନ୍ତ କିଶୋର ରବିବାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆଗାମୀ ବିହାର ବିଧାନ ପରିଷଦ ନିର୍ବାଚନରେ ତାଙ୍କ ଦଳର ପ୍ରାର୍ଥୀମାନେ ଯେଉଁ ନିର୍ବାଚନ ମଣ୍ଡଳୀରେ ବିଜୟୀ ହେବେ, ସେଠାରେ ଅତିକମ୍ରେ ୧୦,୦୦୦ ଶିକ୍ଷିତ ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା କରାଯିବ।ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କିଶୋର କହିଛନ୍ତି ଯେ, ଜନ ସୁରାଜ ପାର୍ଟି ଦ୍ୱାରା ଜିତାଯାଇଥିବା ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଅତିକମ୍ରେ ୧୦,୦୦୦ ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବାର ଦାୟିତ୍ୱ ମିଳିତ ଭାବେ ଦଳ, ସେ ନିଜେ ଏବଂ ସମ୍ପୃକ୍ତ ବିଜୟୀ ପ୍ରାର୍ଥୀଙ୍କ ଉପରେ ନ୍ୟସ୍ତ ରହିବ।ସେ କହିଛନ୍ତି, 'ମୁଁ ଆପଣମାନଙ୍କୁ ନିଶ୍ଚିତ କରୁଛି ଯେ ବାଙ୍କିପୁରର ଶିକ୍ଷିତ ବେକାର ଯୁବକଯୁବତୀଙ୍କ ପାଇଁ ୧୦,୦୦୦ ଚାକିରି ସମ୍ବନ୍ଧରେ ମୁଁ ଯେଉଁ ଘୋଷଣା କରିଥିଲି, ତାହା ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକରେ ପୂରଣ କରାଯିବ ଯେଉଁଠାରେ ଭୋଟରମାନେ ଜନ ସୁରାଜ ପ୍ରାର୍ଥୀଙ୍କୁ ସମର୍ଥନ କରିବେ। ସେହି ନିର୍ବାଚନ ମଣ୍ଡଳୀର ଅତିକମରେ ୧୦,୦୦୦ ବେକାର ଯୁବକଯୁବତୀଙ୍କୁ ଚାକିରି ଯୋଗାଇବାର ଦାୟିତ୍ୱ ଜନ ସୁରାଜ, ପ୍ରଶାନ୍ତ କିଶୋର ଏବଂ ଆମର ବିଜୟୀ ପ୍ରାର୍ଥୀଙ୍କର ରହିବ।'

## ଆଗାମୀ ୨୨ରେ ୭୨ତମ ଜାତୀୟ ଚଳଚ୍ଚିତ୍ର ସମାରୋହ

ନୂଆଦିଲ୍ଲୀ,୨୦।୯(ପିଆଇବି):'ଆସନ୍ତା ୨୨ ତାରିଖ, ମଙ୍ଗଳବାର ଗୁଜରାଟର ଏକତା ନଗର, କେଓ୍ୱଡ଼ିଆ ଠାରେ ୨୦୨୪ ବର୍ଷ ଲାଗି ୭୨ତମ ଜାତୀୟ ଚଳଚ୍ଚିତ୍ର ସମାରୋହ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗତ ୧୮ ଜୁଲାଇ ୨୦୨୬ରେ ଘୋଷଣା ହୋଇଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାମାନଙ୍କୁ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିବେ ।ଭାରତୀୟ ସିନେମା ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ସମ୍ମାନ ଜଣାଇବା ଲାଗି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥାଏ। ଏହା ଦେଶର ସବୁଠୁ ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଉଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଶୁଭାରମ୍ଭ ୧୯୫୪ ମସିହାରେ ହୋଇଥିଲା। ସାତ ଦଶନ୍ଧିରୁ ଅଧିକ ସମୟ ଧରି ଏହା ଭାରତୀୟ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଏବଂ ବୈଷୟିକ ସଫଳତାକୁ ମାନ୍ୟତା ପ୍ରଦାନ କରିଆସୁଛି । ଫିଚର ଫିଲ୍ମ, ଅଣଫିଚର ଫିଲ୍ମ ଏବଂ ଚଳଚ୍ଚିତ୍ର ରଚନା ଭଳି ତିନୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ସେହିପରି ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ ଦାଦାସାହେବ ଫାଲକେ ପୁରସ୍କାର ମଧ୍ୟ ଏହି ଅବସରରେ ପ୍ରଦାନ କରାଯାଇଥାଏ । ଫିଚର ଫିଲ୍ମ ବର୍ଗରେ ୨୬ଟି ପୁରସ୍କାର ପ୍ରଦାନ କରାଯାଏ । ପୁରସ୍କାର ସ୍ୱରୂପ ସ୍ୱର୍ଣ୍ଣ କମଳ, ରଜତ କମଳ ସହିତ ୨ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ଦିଆଯାଏ। ସେହିପରି ଫିଚର ଫିଲ୍ମ ବର୍ଗରେ ୧୬ଟି ପୁରସ୍କାର ଦିଆଯାଏ ଏବଂ ଏଥିରେ ମଧ୍ୟ ସମ୍ମାନ ଓ ପୁରସ୍କାର ରାଶି ଫିଚର ଫିଲ୍ମ ଭଳି ଦିଆଯାଏ । ଚଳଚ୍ଚିତ୍ର ରଚନା କ୍ଷେତ୍ରରେ ପୁସ୍ତକ ଏବଂ ଚଳଚ୍ଚିତ୍ର ସମାଲୋଚକଙ୍କୁ ସ୍ୱର୍ଣ୍ଣ କମଳ ସହିତ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଏ । ଦାଦା ସାହେବ ଫାଲକେ ପୁରସ୍କାର ବିଜେତାଙ୍କୁ ସ୍ୱର୍ଣ୍ଣ କମଳ ସହିତ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଏ । ବିଶେଷଜ୍ଞ ବିଚାରକ ମଣ୍ଡଳୀ ପୁରସ୍କାର ବିଜେତାମାନଙ୍କର ନାମ ଚୟନ କରିଥା'ନ୍ତି ।

## ଜୀବନ୍ତ ଜଳିଗଲେ ନ୍ୟୁରୋ ସର୍ଜନ ଡାକ୍ତର

ନୂଆଦିଲ୍ଲୀ,୨୦।୯: ତେଲେଙ୍ଗାନାରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି, ଯେଉଁଥିରେ ଖ୍ୟାତିନାମା ନ୍ୟୁରୋସର୍ଜନ ଡକ୍ଟର କେ. ଜଗଦୀଶ ବାବୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ରବିବାର ସକାଳେ, ସେ ତାଙ୍କ ପରିବାରକୁ ଭେଟିବା ପାଇଁ ଖମ୍ମମ୍ରୁ ହାଇଦ୍ରାବାଦ ଯାଉଥିବା ବେଳେ ଜାତୀୟ ରାଜପଥରେ ତାଙ୍କ କାର ଏକ ଡିଭାଇଡରରେ ଧକ୍କା ଦେଇ ହଠାତ ନିଆଁ ଲାଗିଯାଇଥିଲା। କେହି କିଛି ବୁଝିବା ପୂର୍ବରୁ, ଭୟଙ୍କର ନିଆଁ ଗାଡ଼ି ଭିତରେ ଡାକ୍ତରଙ୍କୁ ଜୀବନ୍ତ ଗ୍ରାସ କରିଦେଇଥିଲା। ସୂର୍ଯ୍ୟପେଟ୍ ଜିଲ୍ଲାର ପିଲ୍ଲାମାରି ନିକଟରେ ଏହି ଦୁର୍ଘଟଣା ଘଟିଥିଲା।

## ରୁଷ ଉପରେ ୟୁକ୍ରେନର ହଜାରେ ଡ୍ରୋନ୍ ମାଡ:୨ ମୃତ



ମସ୍କୋ,୨୦।୯: ରୁଷ ଉପରେ ୟୁକ୍ରେନର ସବୁଠାରୁ ବଡ ଆକ୍ରମଣ। ଏଥିରେ ୧୦୦୦ ରୁ ଅଧିକ ଡ୍ରୋନ୍ ହମଲା କରାଯାଇଥିବାର ଜଣାପଡିଛି। ଅଲଜଜିରା ରିପୋର୍ଟ ଅନୁସାରେ, ରୁଷରେ ସଂସଦୀୟ ନିର୍ବାଚନର ଶେଷ ଦିନ ରାଜଧାନୀ ମସ୍କୋର ବହୁ ଅଞ୍ଚଳରେ ହୋଇଥିଲା ଡ୍ରୋନ୍ ମାଡ। ୟୁକ୍ରେନ୍ ଏହି ଆକ୍ରମଣରେ ରୁଷର ୨ ଜଣ ନାଗରିକଙ୍କ ମୃତ୍ୟୁ ହୋଇଥିବାର ଖବର ମିଳିଛି। ଏହା ସହ ବଡ଼ ରିଫାଇନାରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମସ୍କୋର ମେୟର ସର୍ଗେଇ ସୋବୟାନିନ୍ କହିଛନ୍ତି ଯେ ୧୬୦୦ ରୁ ଅଧିକ ଡ୍ରୋନକୁ ଅଟକାଯାଇଛି, ଯେଉଁଥିରେ ୪୫୦ ଟି ଡ୍ରୋନ୍ ରାଜଧାନୀ ଆଡକୁ ଆସୁଥିଲା। ଅନ୍ୟପକ୍ଷେ ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ କିଭ ଉପରେ ରାତିସାରା ହୋଇଥିବା ଆକ୍ରମଣରେ ରୁଷର ତିନି ଜଣ ଶିଶୁ ସମେତ ଅତି କମରେ ୪ ଜଣ ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି ଯେତେବେଳେ ରୁଷ ଏବଂ ୟୁକ୍ରେନ ପରସ୍ପର ବିରୋଧରେ ଦୂରଗାମୀ ଆକ୍ରମଣକୁ ତୀବ୍ର କରୁଛନ୍ତି। ମସ୍କୋର ଗର୍ଭନର ଆଣ୍ଡ୍ରେ ଭୋରୋବୟୋଭ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହି ଆକ୍ରମଣକୁ ତାଙ୍କ ଦ୍ୱାରା ଦେଖାଯାଇଥିବା ସବୁଠାରୁ ବଡ ଆକ୍ରମଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନରେ ଦୁଇଟି ପୃଥକ ଆକ୍ରମଣରେ ଜଣେ ୪୪ ବର୍ଷୀୟା ମହିଳା ଏବଂ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି।

CMYK

### ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡି ବସିଲା ଭିଜିଲାନ୍ସ

# ଆଇସିଡିଏସ ସୁପରଭାଇଜର ଓ କନିଷ୍ଠ ରାଜସ୍ୱ ସହାୟକ ଗିରଫ

ହିଞ୍ଜିଳିକାଟୁ(ନିପ୍ର): ୧୧ ମାସର ଘରଭଡା ବାବଦକୁ ଅର୍ଥ ମଞ୍ଜୁର କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡି ବସିଲା ଭିଜିଲାନ୍ସ । ଲାଞ୍ଚ ଟଙ୍କା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍ । ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ସିଡ଼ିପିଓ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଗିରଫ ୨ ଜଣ ହେଲେ ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଇସିଡିଏସ ସୁପରଭାଇଜର ବି. ଉମା ପାତ୍ର ଓ କନିଷ୍ଠ ରାଜସ୍ୱ ସହାୟକ ନରସିଂହ ବେହେରା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କେସ ନଂ ୧୦ ରେ ଏକ ମାମଲା ରୁଜୁ କରାଯିବା ସହ ଗିରଫ ୨ ଜଣଙ୍କ ବାସଭବନରେ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି । ପ୍ରକାଶ ଯେ, ହିଞ୍ଜିଳିକାଟୁ ଅଞ୍ଚଳର ଏକ ଅଙ୍ଗନବାଡ଼ି କେନ୍ଦ୍ରର ୧୧ ମାସର ଭଡା ବାବଦକୁ ଟଙ୍କା ରିଲିଜ୍ କରିବା ପାଇଁ ସଂପୃକ୍ତ କେନ୍ଦ୍ରର ଅଙ୍ଗନବାଡି କର୍ମୀ ହିଞ୍ଜିଳିକାଟୁ ସିଡ଼ିପିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଇସିଡିଏସ ସୁପରଭାଇଜର ଓ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ଘରଭଡା ବାବଦକୁ ଅର୍ଥ ମଞ୍ଜୁର କରିବା ପାଇଁ ଦୁହେଁ ସଂପୃକ୍ତ ଅଙ୍ଗନବାଡି କର୍ମୀଙ୍କୁ ୩୦ ହଜାର ଟଙ୍କା ଉତ୍କୋଚ ଦାବି କରିଥିଲେ । ଏଥି ସହିତ ଆଗାମୀ ଦିନରେ ମଧ୍ୟ ଘରଭଡା ବାବଦକୁ ଅର୍ଥ ମଞ୍ଜୁର କରାଯିବ ନାହିଁ ବୋଲି ୨ କର୍ମଚାରୀ ସଂପୃକ୍ତ ଅଙ୍ଗନବାଡି କର୍ମୀଙ୍କୁ ଚେତାବନୀ ଦେଇଥିଲେ । ନିରୁପାୟ ହୋଇ ଅଙ୍ଗନବାଡି କର୍ମୀ ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଶନିବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ସିଡ଼ିପିଓ କାର୍ଯ୍ୟାଳୟରେ ଅଙ୍ଗନବାଡି କର୍ମୀଙ୍କ ଠାରୁ ଆଇସିଡିଏସ ସୁପରଭାଇଜର ଓ କନିଷ୍ଠ ରାଜସ୍ୱ ସହାୟକ ୩୦ ହଜାର ଟଙ୍କା ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ କାବୁ କରିଥିଲେ । ଲାଞ୍ଚ ଟଙ୍କା ଜବତ କରିବା ସହ ଉଭୟ ଆଇସିଡିଏସ ସୁପରଭାଇଜର ବି. ଉମା ଓ କନିଷ୍ଠ ରାଜସ୍ୱ ସହାୟକ ନରସିଂହଙ୍କୁ ଗିରଫ କରାଯାଇଥିଲା । ଦୀର୍ଘ ବର୍ଷର ବ୍ୟବଧାନ ପରେ ହିଞ୍ଜିଳିକାଟୁ ଅଞ୍ଚଳରେ ଭିଜିଲାନ୍ସ ବିଭାଗର ପଞ୍ଝା ପଡିବା ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ମଧ୍ୟରେ ଛନକା ପଶିଛି । ତେବେ ସଂପୃକ୍ତ କାର୍ଯ୍ୟାଳୟର ବଡ ଅଧିକାରୀ ଖସି ଯାଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

### ଟଙ୍କା ଦେଇ ପେଟ୍ରୋଲ ଢ଼ାଳି ପୋଡ଼ି ମାରିଦେଲେ

# ମୁଖ୍ୟ ଅଭିଯୁକ୍ତ ଫେରାର, ସହଯୋଗୀ ଶଳା ବନ୍ଧାହେଲା

ଭୁବନେଶ୍ୱର(ନି.ପ୍ର): ରାଜଧାନୀରେ ଘର ଦେବାକୁ କହି ଜଣେ କେୟାରଟେକରଙ୍କ ଠାରୁ ୧୭ ଲକ୍ଷ ଟଙ୍କା ଚଞ୍ଚକତା କରି ଲୁଟିଲେ, ପରେ ଘର ଦେବା ତ ଦୂର କଥା ଟଙ୍କା ମଧ୍ୟ ଫେରସ୍ତ କଲେ ନାହିଁ । ଆଉ ଟଙ୍କା ମାଗିବାରୁ କେୟାର ଟେକରଙ୍କୁ ପେଟ୍ରୋଲ ଢ଼ାଳି ହତ୍ୟା କରିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଅଭିଯୁକ୍ତ ଶଳା ପ୍ରଭାସ ପଣ୍ଡା ଓରଫ ଜୁବଲିକୁ ଗିରଫ କରିଛି । ଏନେଇ ମନୋଜ ତାଣ୍ଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ମନୋଜ କୁମାର ତାଣ୍ଡିଆ, ମହାବୀର ବସ୍ତି, ରେ ନଂ-୪୯ ରେ ରୁହନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ଭାଇ ଅଶ୍ୱିନୀ କୁମାର ତାଣ୍ଡିଆ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବାନେଇ ସେ ପୋଲିସ ନିକଟରୁ ଜାଣିବାକୁ ପାଇଥିଲେ । ଏହାପରେ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ । ସେଠାରେ ଡାକ୍ତର ଜଣାଇଥିଲେ ଯେ, ତାଙ୍କ ଭାଇଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସେମାନେ କଟକ ହସ୍ପିଟାଲରେ ପହଞ୍ଚି ଦେଖିଥିଲେ ଯେ, ତାଙ୍କ ଭାଇଙ୍କ ଶରୀରର ଅଧିକାଂଶ ଅଂଶ ପୋଡ଼ି ଯାଇଛି ଏବଂ ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା । ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ମଧ୍ୟ ତାଙ୍କର ଚିକିତ୍ସା ଚାଲିଥିଲା । ଗତକାଲି ବିଳମ୍ବିତ ରାତି ପ୍ରାୟ ୧.୩୦ ଘଟିକା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗକାରୀ ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ, କମଳା ପ୍ଲାଜାରେ ରହୁଥିବା ଆଶିଷ କୁମାର ଦାସ ତାଙ୍କ ଭାଇଙ୍କ ଠାରୁ ସୁଧରେ ୧୭ ଲକ୍ଷ ଟଙ୍କା ନେଇଥିଲେ ଏବଂ ଟଙ୍କା ଫେରସ୍ତ କରୁନଥିଲେ । ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୯ ତାରିଖ ଅପରାହ୍ନ ପ୍ରାୟ ୩ଟା୩୦ ରୁ ୪ଟା ମଧ୍ୟରେ ଆଶିଷ କୁମାର ଦାସ ତାଙ୍କ ଭାଇଙ୍କୁ ଟଙ୍କା ଫେରସ୍ତ କରିବ ନାହିଁ ବୋଲି କହି ତାଙ୍କ ଶରୀର ଉପରେ କୌଣସି ତରଳ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ । ଆଶିଷ କୁମାର ଦାସ ଓ ତାଙ୍କ ସହଯୋଗୀମାନେ ତାଙ୍କ ଭାଇଙ୍କୁ ମାନସିକ ଭାବେ ହଇରାଣ କରିବା ଫଳରେ ତାଙ୍କ ଭାଇଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ଜଣା ପଡ଼ିଥିଲା ଯେ, ମୃତକ ଅଶ୍ୱିନୀ କୁମାର ପ୍ରାୟ ଦୁଇବର୍ଷ ପୂର୍ବେ କମଳା ପ୍ଲାଜାରେ କେୟାରଟେକର ଭାବେ କାମ କରୁଥିଲେ । ସେହି ସମୟରେ ତାଙ୍କର ଅଭିଯୁକ୍ତ ଆଶିଷ ଦାସଙ୍କ ସହ ପରିଚୟ ହୋଇଥିଲା । ଅଭିଯୁକ୍ତ ତାଙ୍କୁ ଘର ଯୋଗାଇ ଦେବାକୁ କହି ମୃତକଙ୍କ ବିଶ୍ୱାସ ହାସଲ କରିଥିଲେ । ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ମୃତକ ଘର ଯୋଗାଇ ଦେବା ପାଇଁ ତାଙ୍କୁ ପ୍ରାୟ ୧୭ ଲକ୍ଷ ଟଙ୍କା ଦେଇଥିଲେ । ପରେ କେୟାରଟେକର କାମ ଛାଡ଼ି ଟଙ୍କା ଓ ଘର ସମ୍ପର୍କରେ ବାରମ୍ବାର ପଚାରିଥିଲେ ମଧ୍ୟ ଅଭିଯୁକ୍ତ ଟଙ୍କା ଫେରସ୍ତ ନକରି ବିଭିନ୍ନ ଆଶ୍ୱାସନ ଦେଇ ଏଡ଼ାଇ ଯାଉଥିଲେ । ଏହା ଫଳରେ ମୃତକ ମାନସିକ ଚାପରେ ଥିଲେ । ଭୋର ପ୍ରାୟ ୩.୩୦ରୁ ୪.୦୦ ମଧ୍ୟରେ ମୃତକ କମଳା ପ୍ଲାଜା ନିକଟରେ ନିଜ ଶରୀରରେ ନିଆଁ ଲଗାଇ ଦେଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସ ଭୁବନେଶ୍ୱରକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧.୩୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ଆଶିଷ ଦାସଙ୍କ ଶଳା ପ୍ରଭାସ ପଣ୍ଡା ଓରଫ ଯୁବଲି ନାମକ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ, ସେ ଏହି ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି ।

### ଟାଙ୍ଗରକରଲେରେ ଅଧରାତିରେ ପୋଲିସର ଚଢ଼ାଉ

# ୬ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ



ସୋନପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ରାମ୍‌ପୁର ଥାନା ଅନ୍ତର୍ଗତ ଟାଙ୍ଗରକରଲେ ଗ୍ରାମରେ ଗତ ମଧ୍ୟରାତ୍ରିରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ଏହି ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ମଧ୍ୟରାତ୍ରିରେ ରାମ୍‌ପୁର ପୋଲିସ ନିଜ ଇଲାକାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇଥିଲା । ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଟାଙ୍ଗରକରଲେ ଗ୍ରାମର ରାମ ବରାତଙ୍କ ପୁଅ କଳାକାହ୍ନୁ ବରାଦ ନିଜ ଘରେ ବେଆଇନ ଭାବେ ଗଞ୍ଜେଇ ଗଚ୍ଛିତ ରଖିଛନ୍ତି । ଏହି ସୂଚନା ଆଧାରରେ ରାମ୍‌ପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଉକ୍ତ ଘରେ ଅତର୍କିତ ଚଢ଼ାଉ କରିଥିଲା । ଘରୁ ବିପୁଳ ପରିମାଣର ଗଞ୍ଜେଇ ଠାବ କରାଯିବା ସହ ପୋଲିସ ଅଭିଯୁକ୍ତ କଳାକାହ୍ନୁଙ୍କୁ ନିଜ ହେପାଜତକୁ ନେଇଥିଲା । ପରବର୍ତ୍ତୀ ସମୟରେ ନିୟମ ଅନୁଯାୟୀ ରାମ୍‌ପୁର ତହସିଲଦାରଙ୍କ ଉପସ୍ଥିତିରେ ଜବତ ହୋଇଥିବା ଗଞ୍ଜେଇର ଓଜନ କରାଯାଇଥିଲା । ଏହାର ସମୁଦାୟ ଓଜନ ୬ କେଜି ୧୧୦ ଗ୍ରାମ ରହିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି ଘଟଣାରେ ରାମ୍‌ପୁର ପୋଲିସ ପକ୍ଷରୁ କେସ୍ ନମ୍ବର ୨୦୭/୨୬ରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ସୂଚନା ମିଳିଛି ।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି



ବାସୁଦେବପୁର: ମନ୍ଦିରରୁ ଅଳଙ୍କାର ଚୋରି । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଡୁଆଁ ପଂଚାୟତ ନନ୍ଦପୁର ଗାଁର ମା ତାରିଣୀ ଓ ଶିବ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି । ରବିବାର ସକାଳେ ଭକ୍ତ ମାନେ ପ୍ରତିଦିନ ଭଳି ମନ୍ଦିରକୁ ପୂଜକ ସହ ଆସିଥିଲେ । ଏହି ସମୟରେ ମନ୍ଦିରରେ ଫାଟକ ଭଙ୍ଗାଯାଇଥିବା ଦେଖିଥିଲେ । ଏନେଇ ପୂଜକ ଗ୍ରାମବାସୀଙ୍କୁ ଜଣାଇଥିଲେ । ଦୁର୍ବୃତ୍ତମାନେ ତାରିଣୀଙ୍କ ଦୁଇଟି ରୁପା ମୁକୁଟ, ସୁନା ଅଳଙ୍କାର, ରୁପା ଥାଳି ସମେତ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିଥିବା ଜଣାପଡିଛି । ଏ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଘଟଣାକୁ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚୋରିରେ କେତେଜଣ ସମ୍ପୃକ୍ତ ଥିଲେ ଏବଂ ସେମାନେ କେଉଁ ଦିଗକୁ ଯାଇଛନ୍ତି, ସେନେଇ ପୋଲିସ ତଦନ୍ତ କରୁଛି । ମନ୍ଦିର ଓ ଆଖପାଖ ଅଞ୍ଚଳରେ ଥିବା ସମ୍ଭାବ୍ୟ ପ୍ରମାଣ ଆଧାରରେ ଚୋରଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚାଲିଛି ।ମନ୍ଦିର ଓ ଆଖପାଖ ଅଞ୍ଚଳରେ ଥିବା ସମ୍ଭାବ୍ୟ ପ୍ରମାଣ ଆଧାରରେ ଚୋରଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚାଲିଛି ।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ମହୁଲପାଲି ଥାନା ଖୋଲବିଲୁଙ୍ଗ ଗ୍ରାମରେ ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି । ସେ ହେଲେ ପ୍ରଫୁଲ୍ଲ ଭଇଁଷାଙ୍କ ପୁଅ ଦେବେନ୍ଦ୍ର ଭଇଁଷା (୧୮) । ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ଶନିବାର ସନ୍ଧ୍ୟାରେ ଜରାବଗା ଅଞ୍ଚଳରେ ଝଡବର୍ଷା ହୋଇଥିଲା । ବର୍ଷା ସମୟରେ ଘଡଘଡି ମଧ୍ୟ ହୋଇଥିଲା । ପ୍ରଫୁଲ୍ଲଙ୍କ ଏକ କୁକୁଡ଼ା ଫାର୍ମ ରହିଛି । ବର୍ଷା ସମୟରେ ଦେବେନ୍ଦ୍ର କୁକୁଡ଼ା ଫାର୍ମର ଝରକା କବାଟ ବନ୍ଦ କରୁଥିଲେ । ଠିକ୍ ସେତେବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା ।

# ଟ୍ରେଲରକୁ ପଛପଟୁ ଧକ୍କା ଦେଲା ଟ୍ରକ୍: ୨ ମୃତ

ଖୋର୍ଦ୍ଧା: ଟ୍ରେଲରକୁ ପଛପଟୁ ଧକ୍କା ଦେଲା ଟ୍ରକ୍ । ଘଟଣାସ୍ଥଳରେ ଦୁଇ ମୃତ । ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ୧୬ ନମ୍ବର ଜାତୀୟ ରାଜପଥରେ । ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଏବଂ ହେଲପରଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ତୋଟାପଡା ଛକ ରେଳବାଇ ଓଭର ବ୍ରିଜ୍ ନିକଟରେ ଏକ ମାଲ ବୋଝେଇ ଟ୍ରକ୍ ଟ୍ରେଲରକୁ ପଛପଟୁ ଧକ୍କା ଦେଇଛି । ଫଳରେ ଡ୍ରାଇଭର ଓ ହେଲପରଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ଖବର ପାଇ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣଙ୍କ ମୃତଦେହ ଜବତ କରି ମେଡିକାଲ ପଠାଇଛି । ଜାତୀୟ ରାଜପଥରେ ଦୁର୍ଘଟଣା ଗସ୍ତ ଟ୍ରକ୍ ପଡ଼ି ରହିଛି । ଆଜି ଭୋରରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

# ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଜଣ ଗୁରୁତର

ଯୋଡ଼ା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ବୈତରଣୀ ପୋଲ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା । ଜଣେ ମୃତ, ଦୁଇଜଣ ଗୁରୁତର । ସୂଚନା ଅନୁସାରେ ରିମିଳିରୁ ଜୟନ୍ତଗଡକୁ ଯାଉଥିବା ପ୍ରତାପପଶି ଅଞ୍ଚଳର ଦିବ୍ୟ ରଞ୍ଜନ ପାତ୍ର ଓ ଚନ୍ଦନ ମହାନ୍ତ ବୈତରଣୀ ପୋଲ ନିକଟରେ ଝାଡ଼ଖଣ୍ଡ ପଟୁ ଆସୁଥିବା ବାଇକ୍ କୁ ମୁହାଁମୁହିଁ ଧକ୍କା ଦେଇଥିଲେ । ଫଳରେ ଝାଡ଼ଖଣ୍ଡ ପଟୁ ଆସୁଥିବା ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଏହି ସମୟରେ ରାସ୍ତାରେ ଆସୁଥିବା ଟ୍ରଲର ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ଝାଡ଼ଖଣ୍ଡ ଟାଟା ନଗରର ସଞ୍ଜୟ କୁମାର ବୋଲି ଜଣାପଡିଛି । ଘଟଣାରେ ଦିବ୍ୟ ରଞ୍ଜନ ପାତ୍ର ଓ ଚନ୍ଦନ ମହାନ୍ତ ଆହତ ହୋଇଛନ୍ତି । ଉଭୟଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରଲର ଓ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

# ସ୍ତ୍ରୀକୁ ହତ୍ୟାପରେ ସ୍ୱାମୀର ଆତ୍ମହତ୍ୟା

ପରଜଙ୍ଗ: ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଦଦରାଘାଟି ଫାଣ୍ଡି ଅଞ୍ଚଳର ଆଖୁଆପାଳ ପଞ୍ଚାୟତ ଅନ୍ତର୍ଗତ ୩ ନମ୍ବର କଲୋନୀରେ ପାରିବାରିକ କଳହକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା କରିବା ପରେ ସ୍ୱାମୀ ମଧ୍ୟ ଆତ୍ମହତ୍ୟା କରିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ପ୍ରାଥମିକ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ କୌଣସି ଏକ କଥାକୁ ନେଇ ସ୍ୱାମୀ ରତ୍ନାକର ନାଏକ ଓ ସ୍ତ୍ରୀ ରଶ୍ମିତା ନାଏକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାପରେ ରତ୍ନାକରଙ୍କ ଆକ୍ରମଣରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ପରେ ରତ୍ନାକର ଘର ଭିତରେ ନିଜ ପିଲାମାନଙ୍କୁ ରଖି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଖବର ପାଇ ପରଜଙ୍ଗ ପୋଲିସ ସହ କାମାକ୍ଷାନଗର ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା ଓ ଥାନା ଅଧିକାରୀ ସୁବ୍ରତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଜିଲା ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ତେବେ ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ଦିନକ ପରେ ବିଧାନସଭାର ମୌସୁମୀ ଅଧିବେସନ

# ସୁରକ୍ଷା ବ୍ୟବସ୍ଥାରେ ୩୬ ପ୍ଲାଟୁନ ଫୋର୍ସ

### ସୁରକ୍ଷା ଯାଞ୍ଚ କଲେ ଡିଜିପି, ପୋଲିସ କମିଶନର ଓ ଗୁଇନ୍ଦା ମୁଖ୍ୟ

ଭୁବନେଶ୍ୱର(ନି.ପ୍ର): ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ମଙ୍ଗଳବାର ଠାରୁ ଆରମ୍ଭ ହେବ । ଅକ୍ଟୋବର ୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୋମବାର ଅପରାହ୍ନରେ ପୋଲିସ ଡିଜି ବିନୟତୋଷ ମିଶ୍ର ବିଧାନସଭାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି । ଅଧିବେଶନ ପାଇଁ ୩୬ ପ୍ଲାଟୁନ୍ ଫୋର୍ସ ବ୍ୟବସ୍ଥା କରାଯାଇଛି । ଏଥିସହ ସବୁଥର ଭଳି ଏଥର ମଧ୍ୟ ବିଧାନସଭାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି । ସୁରକ୍ଷା ଦାୟିତ୍ୱରେ ୨ଡିସିପି, ୬ଅତିରିକ୍ତ ଡିସିପି, ୨୪ଏସିପି, ଇନ୍ସପେକ୍ଟର, ଏସଆଇ, ଏଏସଆଇ ଓ ଡବ୍ଲୁସି ମିଶାଇ ୧୩୪ଜଣ ଅଧିକାରୀ ନିଯୁକ୍ତି ହୋଇଛନ୍ତି । ଡିଜିପିଙ୍କ ସହ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ କମିଶନର ନରସିଂହ ଭୋଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୋଟ ୧୧ଟି କୁଇକ୍ ରେସପନ୍ସ ଟିମ୍ (କ୍ୟୁଆରଟି) ନିୟୋଜିତ କରାଯାଇଛି । ସେଥିରୁ ବିଧାନସଭା ଭିତରେ ୭ଟି ଟିମ୍ ମୋବାଇଲ କ୍ୟୁଆରଟି ନିୟୋଜିତ ହୋଇଥିଲା ବେଳେ ବିଧାନସଭା ଚାରିପଟେ ୨ଟି ମୋବାଇଲ ଟିମ୍, ଟ୍ରାଫିକ ଥାନା ୧, ଲୋକ ସେବା ଭବନ ପାଖରେ ଗୋଟିଏ କ୍ୟୁଆରଟି ଟିମ୍ ରହିବ । ତିନୋଟି ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି, ଯେଉଁଥିରେ ଗୋଟିଏ ବିଧାନସଭାର ଉତ୍ତର ଗେଟ୍ ନିକଟରେ, ଦ୍ୱିତୀୟଟି ୟୁନିଫାଏଡ୍ କଣ୍ଟ୍ରୋଲ ରୁମ୍, ଏମ୍‌ଜି ମାର୍ଗରେ ଏବଂ ଅନ୍ୟଟି ନିର୍ଦ୍ଧାରିତ ଧାରଣା ସ୍ଥଳରେ ରହିଛି । ଯାହା ୨୪ ଘଣ୍ଟା କାର୍ଯ୍ୟ କରୁଛି । ଆତ୍ମାହୁତି ଉଦ୍ୟମକୁ ରୋକିବା ପାଇଁ ସାଦା ପୋଷାକରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଏହାକୁ କ୍ୟାପିଟାଲ ଥାନା ଆଇଆଇସି ତଦାରଖ କରିବେ । ବିଧାନସଭା, କୌଶଳଗତ ସ୍ଥାନ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଯେକୌଣସି ଅପ୍ରତ୍ୟାଶିତ ଘଟଣାର ମୁକାବିଲା ପାଇଁ ଛାତ ଉପରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଗୋଟିଏ ବୋମା ନିଷ୍କ୍ରିୟକାରୀ ୟୁନିଟ୍ ମୁତୟନ କରାଯାଇଛି । ଭିଡ ଗତିବିଧି ଉପରେ ନଜର ରଖିବା ଏବଂ ପରିସ୍ଥିତି ସଚେତନତା ବୃଦ୍ଧି କରିବା ପାଇଁ ଆବଶ୍ୟକ ଅନୁସାରେ ଡ୍ରୋନ୍ ନିୟୋଜନ କରାଯିବ । ଗୋଟିଏ ସ୍ୱତନ୍ତ୍ର ଅଗ୍ନିଶମ ୟୁନିଟ୍ ନିୟୋଜିତ କରାଯାଇଛି । ବିଧାନସଭାରେ ଗୋଟିଏ ମେଡିକାଲ ରେସପନ୍ସ ଟିମ୍ ପ୍ରସ୍ତୁତ ରଖାଯାଇଛି । ରସି, ପିଏ-ସିଷ୍ଟମ ଲାଗିଥିବା ଗାଡି, କମ୍ବଳ, ପିଇବା ପାଣି, ସର୍ଚଲାଇଟ୍, ସିସିଟିଭି ଏବଂ ଫଟୋଗ୍ରାଫର ସମେତ ଆବଶ୍ୟକ ଲଜିଷ୍ଟିକ୍ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ବିଧାନସଭା ପରିସର ଭିତରେ ଯାନ ପାର୍କିଂ ଏବଂ ବାହାର ଟ୍ରାଫିକ ନିୟନ୍ତ୍ରଣ କରି ଭିଡ ଏଡାଇବା ପାଇଁ ଡିସିପି ଟ୍ରାଫିକ ତଦାରଖ କରିବେ । ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଇଁ ଆରଓ, ଭୁବନେଶ୍ୱର ୟୁପିଡିରେ ଏକ ଅସ୍ଥାୟୀ ହାଜତ କାର୍ଯ୍ୟ କରିବ । ନିୟୋଜିତ କର୍ମଚାରୀ ଏବଂ ପରିଦର୍ଶକଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି ବ୍ୟବସ୍ଥା କରାଯାଇଛି । ଗୁଇନ୍ଦା ଅଧିକାରୀଙ୍କ ସମେତ ଦାୟିତ୍ୱରେ ଥିବା ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଡିଜିପି ଆଲୋଚନା କରିଥିଲେ । ଗୁଇନ୍ଦା ବିଭାଗର ବହୁ ଅଫିସର ସାଦା ପୋଷାକ ପରିଧାନ କରି ସ୍ଥିତି ଉପରେ ନଜର ରଖିବେ । ଧାରଣାସ୍ଥଳ ମହାତ୍ମା ଗାନ୍ଧୀ ମାର୍ଗକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖାଯାଇଥିବା ବେଳେ ଆନ୍ଦୋଳନକାରୀଙ୍କ ପାଇଁ ବହୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଧାନସଭା ପରିସର ଏବଂ ପିଏମଜି ଛକ ଆଦି ସ୍ଥାନକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି । ଏହାସହ ସମଗ୍ର ଅଞ୍ଚଳକୁ ସନ୍ଧାନୀ କୁକୁର ଏବଂ ବମ୍ ସ୍କ୍ୱାର୍ଡ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା । ଏନେଇ ପୋଲିସ ଡିଜି ମିଶ୍ର କହିଛନ୍ତି, ବିଧାନସଭାକୁ ଲାଗି ଥିବା ରାସ୍ତାରେ ବାରିକେଡ ବ୍ୟବସ୍ଥା କରାଯାଇଛି । ତେବେ ଯାହାର ପାସ ଥିବ ତାକୁ ଛଡାଯିବ । ମନ୍ତ୍ରୀ ଓ ବିଧାୟକ ମାନଙ୍କ ଗୋଟିଏ ଗେଟ୍ ରହିଛି । ଅଫିସମାନଙ୍କ ପାଇଁ ଆଉ ଏକ ଗେଟ୍ ରହିଛି । ସେହିପରି ବାଚସ୍ପତିଙ୍କ ଆସିବାର ମଧ୍ୟ ଅଲଗା ଗେଟ୍ ରହିଛି ।

# ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋଚ ନଷ୍ଟ

### ୨ ଆସାମୀ ଗିରଫ ସହ କୋର୍ଟ ଚାଲାଣ: ୬ଟି ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି.ଏଚ ତିରୁପଥୀ ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା (ଗରପଡ଼ା ଓ ପାଇକ ସାହି), ବାଲିପୁଟ, ହରିଡ଼ାପଶି ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲ କାନପୁର ଥାନା ଅନ୍ତର୍ଗତ ବାଗଧରିଆ ଛକ ନିକଟରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା ଏବଂ ନରସିଂହପୁର ଅବକାରୀ ଥାନା ସହିତ ଅନେକ ସ୍ଥାନରେ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢାଉରେ ସର୍ବମୋଟ ୨୧୨୩ ଲିଟର ଦେଶୀମଦ ସହ ୧୦୬୦୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ଏକ ମାରୁତି ଡିଜାୟାର ଓ ଏକ ସାଣ୍ଟ୍ରୋ କାର୍ ମଧ୍ୟ ଜବତ କରାଯାଇଛି । ଏଥିସହ ୬ଟି ମାମଲା ରୁଜୁ କରାଯାଇ ୨ଜଣ ଆସାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ଶ୍ରୀ ତିରୁପଥୀ, ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଆଠଗଡ଼ ଅବକାରୀ ଥାନା ଓଆଇସି ତରୁଣ କୁମାର ପାତ୍ର, ବାଙ୍କୀ ଅବକାରୀ ଥାନା ଓଆଇସି ବାପି ସାହୁ, ନରସିଂହପୁର ଅବକାରୀ ଅବକାରୀ ଥାନା ଓଆଇସି ରାଜକିଶୋର ନାୟକ ଏବଂ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ ।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓକୁ ଭାଇରାଲ କରି ଯୁବକ ଗିରଫ



ପାରଳାଖେମୁଣ୍ଡି(ନିପ୍ର): ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରି ଅପମାନିତ କରିବା ଏବଂ ଧମକ ଦେବା ଅଭିଯୋଗରେ ପାରଳାଖେମୁଣ୍ଡି ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନା ପୁଲିସ ବାଲେଶ୍ୱର ଜିଲ୍ଲାରୁ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସୋର ଥାନା ଅନ୍ତର୍ଗତ ନୂଆପୁର ଗ୍ରାମର ଭରତ କୁମାର ମହାରଣା (୩୪) । ପୁଲିସ ସୂଚନା ଅନୁସାରେ, ରାମଗିରି ଥାନା ଅଞ୍ଚଳର ୨୨ ବର୍ଷୀୟା ଯୁବତୀ ୨୦୨୩ରେ ଜୀବିକା ପାଇଁ ଚେନ୍ନାଇ ଯାଇଥିଲେ । ସେଠାରେ ଏକ ସପିଂ ମଲ୍‌ରେ କାମ କରୁଥିବା ବେଳେ ଭରତଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା । ପ୍ରାୟ ଦୁଇବର୍ଷ ଚେନ୍ନାଇରେ ରହି କାମ କରିବା ପରେ ଯୁବତୀ ନଭେମ୍ବର ୨୦୨୫ରେ ନିଜ ଗାଁକୁ ଫେରିଥିଲେ । ଭରତ ତାଙ୍କୁ ପୁଣି ଚେନ୍ନାଇ ଯିବାକୁ କହିଥିଲେ । ସେ ମନା କରିବା ପରେ ଫୋନ୍‌ରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ଏଥିସହ ଯୁବତୀଙ୍କ ଫଟୋ ଓ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି । ଏଥିରେ ବ୍ୟବହୃତ ଅଭିଯୁକ୍ତଙ୍କଠାରୁ ଗୋଟିଏ ଗୋଟିଏ ମୋବାଇଲ୍ ଜବତ କରିଛି । ତଦନ୍ତରେ ପ୍ରାଥମିକ ପ୍ରମାଣ ମିଳିବା ପରେ ଭରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଇବର ଥାନା ଅଧିକାରୀ ଟୁନା ଶବର ସୂଚନା ପ୍ରଦାନ କରିଛନ୍ତି ।

# ଖଣି ବିଭାଗର ଚଢ଼ାଉ: ୨ ଖଣିଜ ବୋଝେଇ ଟ୍ରକ୍ ଜବତ, ୭ ଗିରଫ




ଯୋଡ଼ା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟସ୍ଥ ଏକ ଗଚ୍ଛିତ ଖଣିଜ ଷ୍ଟକରୁ ଚୋରାରେ ଖଣିଜ ବୋଝେଇ କରି ପରିବହନ କରୁଥିବା ବେଳେ ଖଣି ବିଭାଗ ଓ ପୋଲିସ ବିଭାଗକୁ ଗଠିତ ଟାସ୍କ ଫୋର୍ସ ଚଢ଼ାଉ କରି ଦୁଇଟି ଟ୍ରକ୍, ଗୋଟିଏ ଜେସିବି ମେସିନ୍ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସରେ ଜିମା ଦେଇଛି । ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ସେଠୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଖଣିଜ ଚୋରମାନେ ମେସିନ୍ ଲଗାଇ ଉକ୍ତ ଖଣିଜ ଗଦାରୁ ଖଣିଜ ବୋଝେଇ କରି ଚୋରା ଚାଲାଣ କରୁଥିବା ନେଇ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଖଣି ଟାସ୍କଫୋର୍ସ ଅତର୍କିତ ଚଢ଼ାଉ କରିଥିଲେ । ଚଢ଼ାଉ ଫଳରେ ଦୁଇଟି ଖଣିଜ ବୋଝେଇ ଟ୍ରକ୍ ନଂ ଜେଏଚ-୦୨ଏକ୍ୟୁ-୩୯୨୮, ଜେଏଚ୍-୧୨ଏନ୍-୬୮୪୨ ଓ ଏକ ଜେସିବି ମେସିନକୁ ଜବତ କରାଯିବା ସହିତ ଏହି ଟ୍ରକ୍, ମେସିନର ଡ୍ରାଇଭର, ଅପରେଟର, ହେଲ୍ପରଙ୍କୁ ମିଶାଇ ୭ ଜଣଙ୍କୁ ଅଟକ ରଖି ବାମେବାରି ଥାନାରେ ଜିମା ଦିଆ ଯାଇଥିଲା । ଅଭିଯୁକ୍ତ ମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସଢ଼େଇକଳା ଜିଲ୍ଲା ରାଜନଗର ଥାନା ଓଟାଡିହି ଅଞ୍ଚଳର ରାଜ କୁମାର ମାହାତୋ, ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମସିଂଭୁମ୍ ଜିଲ୍ଲା ଦାନାଉଲି ଅଞ୍ଚଳର ଅବିନାଶ ଗୌଡ, ବିକାଶ ଗୌଡ଼, ରତନ ସୋରେନ, ଚମ୍ପୁଆ ଅଞ୍ଚଳର କାମାରାନ୍ ରାଜା ,ଏମ୍ ଡି ଆରିଫ,ଏମଡି ଆମରାନ । ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୪୨.୬୦୦ ମେଟ୍ରିକ୍ ଟନ୍ ଖଣିଜ ବୋଝେଇ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଏ ନେଇ ଯୋଡ଼ା ଖଣି ବିଭାଗ ପକ୍ଷରୁ ଏକ ଲିଖିତ ଅଭିଯୋଗ ହେବା ପରେ ବାମେବାରୀ ଥାନାରେ କେସ ନଂ ୨୨୪/୨୦୨୬ ଦଫା ୩୦୩(୨)/୩(୫) ବି ଏନ୍ ଏସ /୨୧ ଏମ୍ ଏମ୍ ଡି ଆର ଆକ୍ଟ/୧୮ ଓଏମପିଟିଏସ ରୁଲ ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ଆଇଆଇସି ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଅନଲାଇନ୍ ବେଟିଂ ଆପ୍ ରାକେଟର ପର୍ଦ୍ଦାଫାସ୍: ୩ ଗିରଫ

ଛତ୍ରପୁର: ଅନଲାଇନ୍ ବେଟିଂ ଜରିଆରେ ଅଧିକ ଟଙ୍କା ପାଇବାର ଲୋଭ ଦେଖାଇ ଲୋକଙ୍କୁ ଠକୁଥିବା ରାକେଟ୍ ପର୍ଦ୍ଦାଫାସ୍ କରିଛି ଗଞ୍ଜାମ ସାଇବର ପୋଲିସ । ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ଶତ୍ରୁଘ୍ନ କୁମାର ପାଣ୍ଡେ, ଛତିଶଗଡ଼ର ଧର୍ମଦାସ ମାଣିକପୁରୀ ଏବଂ ଜଗଦୀଶ ସେଠୀ । ପୋଲିସ ସେମାନଙ୍କ ନିକଟରୁ ୨ଟି ଲାପଟପ୍, ୭୮ଟି ଏଟିଏମ୍ କାର୍ଡ, ୧୬ଟି ବ୍ୟାଙ୍କ ପାସ୍ ବୁକ୍ , ୧୪ଟି ସ୍ମାର୍ଟଫୋନ୍, ୮୬ ସିମ୍ କାର୍ଡ ଏବଂ ଗୋଟିଏ ବାଇକ୍ ଜବତ କରିଛି । ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ଗଜପତିନଗରରେ କିଛି ବାହାର ରାଜ୍ୟର ଯୁବକ ଭଡ଼ା ଘରେ ରହି ଅନଲାଇନ୍ ବେଟିଂ ଆପ୍ କାରବାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ସାଇବର ଥାନା ପୋଲିସ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲେ । ସେମାନଙ୍କ ନିକଟରୁ ବିପୁଳ ଏଟିଏମ କାର୍ଡ ଜବତ କରିଛି । ଅଭିଯୁକ୍ତମାନଙ୍କ ମୋବାଇଲ୍ରୁ ବିଭିନ୍ନ ବ୍ୟକ୍ତିଙ୍କ ପାନ୍ କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ଓ ଅନ୍ୟାନ୍ୟ ପରିଚୟପତ୍ର ମିଳିଥିବା ପୋଲିସ କହିଛି । ଏଥିସହ ବିଭିନ୍ନ ଅନଲାଇନ୍ ଗେମିଂ/ବେଟିଂ ପ୍ଲାଟଫର୍ମ ସହ ଜଡ଼ିତ ୟୁଜର୍ ଆଇଡି, ପାସୱାର୍ଡ ଏବଂ ଟଙ୍କା ଜମା-ଉଠାଣ ସମ୍ପର୍କିତ ରେକର୍ଡ ମଧ୍ୟ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଗଞ୍ଜାମ ଏସପି କହିଛନ୍ତି ।

# ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




କଟକ,୨୦।୯: ରବିବାର କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ଏକ ଉତ୍ସାହପୂର୍ଣ୍ଣ ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି'ର ଶୁଭାରମ୍ଭ କରିଥିଲେ। କ୍ରିକେଟ୍ ପ୍ରଶଂସକମାନେ ଏଠାରେ ଖେଳ ଏବଂ ଚିତ୍ତାକର୍ଷକ ମନୋରଞ୍ଜନର ଏକ ସୁନ୍ଦର ସମାହାର ଦେଖିବାକୁ ପାଇଥିଲେ। ଆଶାୟୀ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଭାରତର ପୂର୍ବତନ କ୍ରିକେଟ୍ ତାରକା ସୁରେଶ ରାଇନା ଏବଂ ଦେବାଶିଷ ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଫିସିଆଲ୍ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଯୋଗ ଦେଇଥିଲେ। ଐତିହାସିକ ଦୃଷ୍ଟିକୋଣରୁ, ବାରବାଟୀ ଷ୍ଟାଡିୟମ୍ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ପ୍ରିୟ ସ୍ଥାନ ହୋଇ ରହିଆସିଛି ଏବଂ ଦଶନ୍ଧି ଧରି ଏଠାରେ ଅନେକ ସ୍ମରଣୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ, ଏହା ନିଜର ଦକ୍ଷତା ପ୍ରମାଣ କରିବାକୁ ଆଗ୍ରହୀ ଥିବା ଘରୋଇ ପ୍ରତିଭାମାନଙ୍କ ପାଇଁ ଏକ ପ୍ରତିଯୋଗିତାମୂଳକ ମଞ୍ଚ ପାଲଟିଛି। ଉଦଘାଟନୀ ଉତ୍ସବ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଶ୍ରୀ ରାଇନା ଓ ଶ୍ରୀ ମହାନ୍ତିଙ୍କ ସମେତ ପ୍ରତିଯୋଗିତାରେ ଭାଗ ନେଉଥିବା ଛଅଟି ଫ୍ରାଞ୍ଚାଇଜ୍‌ର ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଇନା ସ୍ଥାନୀୟ ଖେଳାଳିମାନଙ୍କୁ ସମ୍ବୋଧିତ କରି ନିଷ୍ଠା ଓ ସଚ୍ଚୋଟତାର ସହ ଖେଳିବାକୁ ପରାମର୍ଶ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ମଞ୍ଚ ଖେଳାଳିମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ନିଜର ବୃତ୍ତିଗତ ସ୍ତରକୁ ଉନ୍ନତ କରିବାର ଏକ ଉତ୍ତମ ସୁଯୋଗ ପ୍ରଦାନ କରେ। ଯୁବ ବିକାଶ ସମ୍ପର୍କରେ ମହାନ୍ତି ମଧ୍ୟ ସମାନ ମତ ପୋଷଣ କରିଥିଲେ। ସେ କହିଥିଲେ ଯେ ଏକ ବୃତ୍ତିଗତ ବାତାବରଣରେ ପ୍ରତିଯୋଗିତା କରିବା ଦ୍ୱାରା ଉଦୀୟମାନ ଖେଳାଳିମାନଙ୍କ ମଧ୍ୟରେ ଆବଶ୍ୟକ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଥିଲେ ଦୁଇଜଣ ଅଭିଜ୍ଞ କ୍ରିକେଟରଙ୍କ ଉପସ୍ଥିତି ସ୍ଥାନୀୟ ଅଂଶଗ୍ରହଣକାରୀଙ୍କୁ ବହୁ ଭାବରେ ଉତ୍ସାହିତ କରିଛି।

## ଚାଷଜମିରେ ହାତୀ ଉପଦ୍ରବ, ଆନ୍ଦୋଳନ ଚେତାବନୀ

**ନିରାକାରପୁର,୨୦/୯(ନିପ୍ର):** ଖୋରଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଚାଷୀଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା 'ହାତୀ ସୁରକ୍ଷା ଜୀବନରେଖା' ଯୋଜନାରେ ଅନିୟମିତତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪/୨୫ ମସିହାରେ ଏହି ଯୋଜନା ଅଧୀନରେ ଆବେଦନ ମଞ୍ଜୁର ହେବା ପରେ, ଚାଷୀମାନେ ନିଜର ୧୦% ଅଂଶଧନ ଦାଖଲ କରିଥିଲେ। ଏହାପରେ ସମ୍ପୃକ୍ତ କଣ୍ଟ୍ରାକ୍ଟର ସୋଲାର ବାଡ଼ କାମ ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାନ୍ତି। ନିମ୍ନମାନର କାର୍ଯ୍ୟ ଓ ଅଧାପନ୍ତରିଆ ଭାବେ କାମ ଛାଡ଼ି ଦିଆଯାଇଥିବା ନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରେଞ୍ଜର ଓ ଫରେଷ୍ଟର ଘଟଣାସ୍ଥଳ ତଦାରଖ କରି କଣ୍ଟ୍ରାକ୍ଟରଙ୍କୁ ତୁରନ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସିନାହିଁ। ସୋଲାର ବାଡ଼ ଅକାମୀ ହୋଇ ପଡ଼ିରହିଥିବାରୁ ଗାଁ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଆସି ଚାଷଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏହାଦ୍ୱାରା କ୍ଷତିଗ୍ରସ୍ତ ଚାଷୀମାନେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟାର ତୁରନ୍ତ ପ୍ରତିକାର ଦାବି କରି କ୍ଷତିଗ୍ରସ୍ତ ଚାଷୀମାନେ ବନବିଭାଗ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆସନ୍ତା ୨୪/୦୯/୨୦୨୬ ତାରିଖ (ଗୁରୁବାର) ସକାଳ ୧୦ଟା ସୁଦ୍ଧା ସମସ୍ୟାର ସମାଧାନ ନହେଲେ, ଚାଷୀମାନେ ନିରାକାରପୁର ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ରାଜରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଓଡ଼ିଶା କ୍ରାଫ୍ଟ ଓଡିସି ପକ୍ଷରୁ ଦ୍ୱିଭାଷୀ ପୁସ୍ତକ 'ଚାନ୍ଦୁଆ: କାନୋପିଜ୍ ଅଫ୍ ଲେବରର'ପ୍ରକାଶିତ



ଭୁବନେଶ୍ୱର,୨୦।୯ ଓଡ଼ିଶାର ଜୀବନ୍ତ ଚାନ୍ଦୁଆ ପରମ୍ପରା, କାରିଗରଙ୍କ ଜ୍ଞାନ, ଶ୍ରମ ଓ ଜୀବନଧାରାକୁ ନେଇ ଓଡ଼ିଶା କ୍ରାଫ୍ଟ ଓଡିସି ପକ୍ଷରୁ ଦ୍ୱିଭାଷୀ ପୁସ୍ତକ 'ଚାନ୍ଦୁଆ: କାନୋପିଜ୍ ଅଫ୍ ଲେବର' ପ୍ରକାଶିତ ହୋଇଛି। ଭୁବନେଶ୍ୱର ଓଡ଼ିଶା ରିସର୍ଚ୍ଚ ସେଣ୍ଟର୍ ଅଡିଟୋରିୟମରେ ଆୟୋଜିତ ଓସିଓ ସିମ୍ପୋସିୟମ୍-୨୦୨୬ର ସମାପନୀ ଅଧିବେଶନରେ ଏହି ପୁସ୍ତକ ଉନ୍ମୋଚିତ ହୋଇଛି। ବିଶାଳ କୁମାର ଦେବ ଓ ପଦ୍ମ ଭୂଷଣ ସମ୍ମାନପ୍ରାପ୍ତ ଡିଜାଇନର୍ ରାଜୀବ ସେଠୀଙ୍କ ଉପସ୍ଥିତିରେ ପ୍ରକାଶନର ଉନ୍ମୋଚନ ହୋଇଥିଲା। ଚାନ୍ଦୁଆ ପରମ୍ପରାକୁ ନେଇ ୪୫ଟି କାରିଗରୀ ପୁଞ୍ଜରେ ୯ ମାସ ଧରି ଗବେଷଣା କରାଯାଇଥିବା ବେଳେ ୨୫୫ରୁ ଅଧିକ କାରିଗରଙ୍କ ସହ ତଥ୍ୟ ସଂଗ୍ରହ କରାଯାଇଛି। କ୍ଷେତ୍ରସ୍ତରୀୟ ଗବେଷଣା, ଅଭିଲେଖୀୟ ତଥ୍ୟ, ଭିଜୁଆଲ୍ ଡକ୍ୟୁମେଣ୍ଟେସନ୍ ଓ କାରିଗରଙ୍କ ଜୀବନୀକୁ ଆଧାର କରି ପୁସ୍ତକଟି ପ୍ରସ୍ତୁତ ହୋଇଛି। ଏଥିରେ ଚାନ୍ଦୁଆର ସାମଗ୍ରୀ, ନିର୍ମାଣ କୌଶଳ, ଶବ୍ଦାବଳୀ, ସାଂସ୍କୃତିକ ପରିପ୍ରେକ୍ଷିତ ଓ ସମୟ ସହ ବଦଳୁଥିବା କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ତଥ୍ୟ ରହିଛି। ପୁସ୍ତକର ସମ୍ପାଦନା ପ୍ରେମଝୀଶ୍ ଆଚାରୀ ଓ ଶିବଦାସ ସେନ୍ଗୁପ୍ତ କରିଥିବା ବେଳେ ଓଡ଼ିଆ ଓ ଇଂରାଜୀ ଦୁଇଟି ଭାଷାରେ ଏହା ପ୍ରକାଶ ପାଇଛି। ଏହି ଅବସରରେ 'ମ୍ୟାପିଂ ଟ୍ରାଞ୍ଜିସନ୍ସ, ଆର୍ଟ, କ୍ରାଫ୍ଟ ଆଣ୍ଡ୍ ଦି ଏଥ୍ନୋଗ୍ରାଫିକ୍ ଟର୍ଣ୍ଣ' ଶୀର୍ଷକ ସିମ୍ପୋସିୟମ୍‌ରେ କଳା, କାରିଗରୀ, ଗବେଷଣା ଓ ନୃତତ୍ତ୍ୱ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କ ନେଇ କଳାକାର, ଗବେଷକ, ଡିଜାଇନର୍ ଓ ସାଂସ୍କୃତିକ କର୍ମୀମାନେ ଆଲୋଚନା କରିଥିଲେ।

## ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଉପନିର୍ଦ୍ଦେଶକ

**ଭୁବନେଶ୍ୱର,୨୦।୯(ନିପ୍ର):** ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନହିତକର ପଦକ୍ଷେପର ପ୍ରଭାବଶାଳୀ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ସାମାଜିକ ଗଣମାଧ୍ୟମର ସଠିକ୍ ବ୍ୟବହାର ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ସେ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଶ୍ରୀ ପାଇକରାୟ ବିଭିନ୍ନ ରେଜିଷ୍ଟର, ନଥି ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ କାର୍ଯ୍ୟାଳୟର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସରକାରୀ କାର୍ଯ୍ୟକ୍ରମର ସଠିକ୍ ଓ ପ୍ରଭାବଶାଳୀ ପ୍ରଚାର-ପ୍ରସାର ନିଶ୍ଚିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ● ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ପ୍ରଥମ ତୀର୍ଥଯାତ୍ରା ଆରମ୍ଭ

## ପୁରୀ ଅଭିମୁଖେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରର ୯୧୦ ବରିଷ୍ଠ ନାଗରିକ

**ଭୁବନେଶ୍ୱର, ୨୦।୯(ନିପ୍ର):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରା ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରୁ ମୋଟ ୯୧୦ ଜଣ ବରିଷ୍ଠ ନାଗରିକ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏଥିରେ ମାଲକାନଗିରିରୁ ୪୯୦, କୋରାପୁଟରୁ ୨୧୦ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ଉଦଘାଟନୀ ଅଭିଭାଷଣରେ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନର ସୁଯୋଗ ଦେବା ପାଇଁ ସରକାର ଏହି ବ୍ୟବସ୍ଥା କରିଛନ୍ତି। ତୀର୍ଥଯାତ୍ରୀମାନଙ୍କ ପାଇଁ ପୁରୀର 'ବୃନ୍ଦାବତୀ ନିବାସ'ରେ ରହଣି ସହ ସୁରକ୍ଷିତ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଓ ସ୍ୱତନ୍ତ୍ର ଦର୍ଶନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବସ୍‌ରେ ୩୫ ଜଣ ତୀର୍ଥଯାତ୍ରୀଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଓ ଜଣେ ପାରାମେଡିକାଲ୍ କର୍ମଚାରୀ ରହି ଯାତ୍ରୀମାନଙ୍କ ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି। ସୂଚନା ଅନୁଯାୟୀ, ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କୁ ପୁରୀ ଦର୍ଶନ କରାଇବାର ବ୍ୟବସ୍ଥା ହୋଇଛି। ସମଗ୍ର ଯୋଜନା ମାଧ୍ୟମରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଚଳିତ ବର୍ଷ ୩୦ ହଜାର ଯୋଗ୍ୟ ହିତାଧିକାରୀ ଏହି ସୁବିଧା ପାଇବେ।






ନୟାପଲ୍ଲୀ ଗଡ଼ସାହିରେ ଯୁବତୀମାନଙ୍କ ଦ୍ୱାରା ଖୁଦୁରୁକୁଣୀ ପୂଜା ଆୟୋଜିତ (ଫଟୋ-ଦିନଲିପି)

## ୨୩ରୁ ସାହାଣୀ କପ୍ ଫୁଟବଲ୍ ଲିଗ୍

ସୋନପୁର, ୨୦/୯(ନିପ୍ର): ସୁବର୍ଣ୍ଣପୁରରେ ପ୍ରଥମ ଥର ପାଇଁ ୬୫ତମ ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଲିଗ୍ (୨୦୨୬-୨୭) ଆୟୋଜିତ ହେବ। ଆସନ୍ତା ୨୩ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଏନେଇ ରବିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ତତ୍ତ୍ୱାବଧାନରେ ରାଜ୍ୟର ୪ଟି ଜୋନ୍‌ରେ ଏକକାଳୀନ ମ୍ୟାଚ୍ ଖେଳାଯିବ। ସୁବର୍ଣ୍ଣପୁର ଜୋନ୍‌ରେ ୯ଟି ଦଳ ଅଂଶଗ୍ରହଣ କରିବେ। 'ଏ' ଓ 'ବି' ଗ୍ରୁପରେ ପ୍ରତିଦିନ ୨ଟି ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ୧୮୦ ଖେଳାଳି ଓ ୨୦ ଅଫିସିଆଲଙ୍କ ପାଇଁ ୧୨ ଦିନ ଧରି ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ ହୋଇଥିବା ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ ସୂଚନା ଦେଇଛନ୍ତି। ସମ୍ପାଦକ ପୀୟୂଷ ପଣ୍ଡାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବଟି ଆଦାୟକୁ ନେଇ ଗୋଷ୍ଠୀ ସଂଘର୍ଷ

**ଘଟଗାଁ, ୨୦।୯(ନିପ୍ର):** ଦାଦନ ଶ୍ରମିକ ପରିବହନ କରୁଥିବା ବସ୍‌ରୁ ବଟି ଆଦାୟକୁ ବିରୋଧ କରିବାକୁ ନେଇ ହରିଚନ୍ଦନପୁର ଥାନା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ ଜଣ ଯୁବକ ଆହତ ହୋଇଥିବାବେଳେ ଘଟଣା ସମ୍ପର୍କରେ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶ୍ରମିକଙ୍କୁ କେରଳ ନେଉଥିବା ବସ୍‌ଗୁଡ଼ିକ ହରିଚନ୍ଦନପୁର ବାଇପାସ୍ ନିକଟରେ ରହିଥାଏ। କିଛି ଯୁବକ ନିଜକୁ ଶାସକ ଦଳର କର୍ମୀ ବୋଲି ପରିଚୟ ଦେଇ 'ଥାନା ଓ ଲେବର ଅଫିସ୍ ଖର୍ଚ୍ଚ' ନାମରେ ଶ୍ରମିକ ପିଛା ୨୦୦ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଗତ ୧୭ ତାରିଖରେ ପୁନର୍ବାର ଟଙ୍କା ମାଗିବାରୁ ବସ୍ ମାଲିକ ମନା କରିଥିଲେ। ଏହାକୁ ନେଇ ତାଙ୍କୁ ଗାଳିଗୁଲଜ ଓ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିଥିବା ବରଗୋଡ଼ା ଗାଁର ନନ୍ଦ କିଶୋର ମହାରଣା, ଶଙ୍କର ନାଏକ, ପ୍ରଶାନ୍ତ ସାହୁ, ଚିନ୍ମୟ ସାହୁ ଓ ସିପୁନ ସାହୁ ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ବସ୍ ମାଲିକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୨୦/୯(ନିପ୍ର):** ଯାତ୍ରୀ ଓ ରେଳ କର୍ମଚାରୀମାନଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ରେଳ ଷ୍ଟେସନ ଓ ରେଳ କଲୋନୀଗୁଡ଼ିକରେ ପାନୀୟ ଜଳର ଗୁଣବତ୍ତା ଓ ସ୍ୱଚ୍ଛତା ତଦାରଖ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ୧୮ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ



ସ୍ୱତନ୍ତ୍ର ୧୫ ଦିନିଆ ଅଭିଯାନ ପରେ ମଧ୍ୟ ନିରନ୍ତର ଭାବେ ଜଳର ଗୁଣବତ୍ତା ଯାଞ୍ଚ କରାଯାଉଛି। ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥର ୧୭୫ଟି ରେଳ ଷ୍ଟେସନ ଓ ୧୬୦ଟି ରେଳ କଲୋନୀଗୁଡ଼ିକରେ ବ୍ୟାପକ ଜଳ ଗୁଣବତ୍ତା ଯାଞ୍ଚ କରାଯାଇଥିଲା। ମୋଟ ୧,୦୩୭ଟି ରେସିଡ୍ୟୁଆଲ୍ କ୍ଲୋରିନ୍ ପରୀକ୍ଷଣ ଏବଂ ୨୮୮ଟି ବ୍ୟାକ୍ଟେରିଓଲୋଜିକାଲ୍ (ଜୀବାଣୁ ସମ୍ବନ୍ଧୀୟ) ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା ତିନୋଟି ଯାକ ମଣ୍ଡଳରେ କାର୍ଯ୍ୟକାରୀ କରାଯାଇଥିଲା। ଅନୁଧ୍ୟାନ ସମୟରେ, ପ୍ରାରମ୍ଭିକ ଭାବେ ସାତୋଟି ବ୍ୟାକ୍ଟେରିଓଲୋଜିକାଲ୍ ନମୁନା ମାନଦଣ୍ଡ ଅନୁଯାୟୀ ନଥିବା ଜଣାପଡ଼ିଥିଲା। ତେବେ ଏହାକୁ ଗୁରୁତର ସହ ନେଇ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପୁନଃ ପରୀକ୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ସାତଟିଯାକ ନମୁନା ନିର୍ଦ୍ଧାରିତ ମାନଦଣ୍ଡ ଓ ନିୟମାବଳୀ ଅନୁଯାୟୀ ଠିକ୍ ଥିବା ସ୍ପଷ୍ଟ ହୋଇଥିଲା । ପୂର୍ବତଟ ରେଳପଥ ନିୟମିତ ବ୍ୟବଧାନରେ ଏବଂ ଅଚାନକ ଜଳ ପରୀକ୍ଷଣ ସହିତ ପାଣି ଟାଙ୍କି, ୱାଟର କୁଲର ଏବଂ ଷ୍ଟେସନ୍ ସୁବିଧାଗୁଡ଼ିକର ନିୟମିତ ସଫେଇ କାର୍ଯ୍ୟ ଜାରି ରଖିଛି।

## ଏସଆଇଆର୍ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ଆୟୁକ୍ତ

ରାଉରକେଲା, ୨୦।୯(ନିପ୍ର): ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ସୁନ୍ଦରଗଡ଼ ଗସ୍ତ କରି ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏସଆଇଆର୍ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସେ ବିଭାଗୀୟ ଅଧିକାରୀଙ୍କ ସହ ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପୂର୍ବରୁ ସମସ୍ତ ଆପତ୍ତି ଓ ଅଭିଯୋଗର ସମାଧାନ, ବୁଥ୍ ଓ ନିର୍ବାଚନ କାର୍ଯ୍ୟାଳୟରେ ତାଲିକା ପ୍ରକାଶ ବ୍ୟବସ୍ଥା, ରାଜନୈତିକ ଦଳଗୁଡ଼ିକୁ ତାଲିକା ପ୍ରଦାନ ଏବଂ ନୂତନ ଭୋଟରଙ୍କ ଭୋଟର କାର୍ଡ ପ୍ରସ୍ତୁତି ଆଦି ସମ୍ପର୍କରେ ସେ ତଦାରଖ କରିଥିଲେ। ଏସଆଇଆର୍ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

### ଗୁଡୁଲାଭାରୀ ପୋଖରୀ ରାସ୍ତା କାମ ଅଧାପନ୍ତରିଆ

## ଜଳନିଷ୍କାସନ ସମସ୍ୟାରେ ଚାଷୀ



କାଶୀନଗର, ୨୦/୯(ନିପ୍ର): ଏନଏସି କର୍ତ୍ତୃପକ୍ଷଙ୍କ ଅବହେଳା ଓ ନିର୍ମାଣ କାମରେ ବିଳମ୍ବ ଯୋଗୁଁ ଗୁଡୁଲାଭାରୀ ପୋଖରୀ ନିକଟସ୍ଥ ଅଞ୍ଚଳର ଚାଷୀମାନେ ସମସ୍ୟାରେ ପଡ଼ିଛନ୍ତି। ୨୦୨୩ରେ ଦୁଇ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ରାସ୍ତା କାମ ତିନି ବର୍ଷ ପରେ ମଧ୍ୟ ଅସମ୍ପୂର୍ଣ୍ଣ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୁଡୁଲାଭାରୀ ବନ୍ଧରୁ ବର୍ଷାଜଳ ନିଷ୍କାସନ ପାଇଁ ନିର୍ମିତ କଲଭର୍ଟର ଉଚ୍ଚତା କମ୍ ରହିଥିବାରୁ ଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ଫଳରେ ବର୍ଷା ସମୟରେ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଥିବା ଚାଷୀମାନେ କହିଛନ୍ତି। ସମସ୍ୟା ସମାଧାନ ପାଇଁ ଏନଏସି ନିର୍ବାହୀ ଅଧିକାରୀ, ଏଇ, ଏମଇ ଓ ଅଧ୍ୟକ୍ଷାଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଶେଷରେ ଚାଷୀମାନେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ବିଧାୟକଙ୍କ ପକ୍ଷରୁ ଆଶ୍ୱାସନ ମିଳିବା ପରେ ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

### କଫ୍ ସିରପ୍ ଚୋରାଚାଲାଣ

## ଗୁଳି ବିନିମୟ: ୨ ଗିରଫ, ୨୪ କାର୍ଟୁନ୍ କଫ୍ ସିରପ୍ ଓ ପିସ୍ତଲ ଜବତ

ସମ୍ବଲପୁର, ୨୦/୯ (ନିପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ କୋଡିନ୍‌ଯୁକ୍ତ କଫ୍ ସିରପ୍ ଚୋରାଚାଲାଣ ବେଳେ ପୁଲିସ ସହ ଗୁଳି ବିନିମୟ ଘଟିଛି। ଘଟଣାରେ ୨ ଜଣଙ୍କୁ ପୁଲିସ ଗିରଫ କରିଛି। ରବିବାର ଭୋର ପ୍ରାୟ ୬ଟା ୧୫ରେ ଜଙ୍ଗଲା-ପାଣ୍ଡୋଲୋଇ ରାସ୍ତାରେ ପୁଲିସ ଦୁଇଟି କାରକୁ ଅଟକାଇ ଯାଞ୍ଚ କରିଥିଲା। ଏକ କାରରୁ ଆଶୁତୋଷ ମେଣ୍ଡାଲିଙ୍କୁ ଧରାଯାଇଥିବା ବେଳେ ଅନ୍ୟ ଏକ ନମ୍ବରବିହୀନ ଏର୍ଟିଗା କାରଟି ଗଛରେ ପିଟି ହୋଇଥିଲା। ଏହାର ଚାଳକ ପ୍ରୀତମ ବିଶ୍ୱାଳ ଫେରାର ହେବାକୁ ଉଦ୍ୟମ କରି ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷାରେ ପୁଲିସ ଗୁଳି ଚଳାଇବାରୁ ପ୍ରୀତମଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ତାଙ୍କୁ ଚିକିତ୍ସା ପାଇଁ ରେଙ୍ଗାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ୨୦ କାର୍ଟୁନ୍ କଫ୍ ସିରପ୍ ଥିବା ଏର୍ଟିଗା ଓ ଅନ୍ୟ କାରରୁ ୪ କାର୍ଟୁନ୍ କଫ୍ ସିରପ୍ ଜବତ କରିଛି। ଏଥିସହ ଗୋଟିଏ ଦେଶୀ ୯ ମି.ମି. ପିସ୍ତଲ ଓ ୭ଟି ଖାଲି କାର୍ଟ୍ରିଜ୍ ମଧ୍ୟ ଜବତ ହୋଇଛି। ଘଟଣାରେ ଫେରାର ଅନ୍ୟ ସନ୍ଦିଗ୍ଧ ଓ ଚୋରାଚାଲାଣର ଯୋଗାଣ ଶୃଙ୍ଖଳ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି।

**AFFIDAVIT**

By virtue of an affidavit sworn before The Notary Public, Nayagarh dtd.19.08.2026, I Mamata Swain W/o-Banamali Swain, At-Raghunathprasad, Po-Itamati, Ps-Sadar, Dist-Nayagarh Pin-752068, Odisha do hereby declare that I have changed the name of my son's name from Binayak Swain to Anil Swain. Henceforth he will be known as Anil Swain for all purposes.

**Sd/-Mamata Swain**

## ଦର୍ଶକଙ୍କୁ ଆକର୍ଷିତ କଲା ଖୁଦୁରୁକୁଣୀ ମହୋତ୍ସବ



ଭୁବନେଶ୍ୱର, ୨୦/୯(ନିପ୍ର): ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ପୌରୋହିତ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ସୁନ୍ଦରପଦାସ୍ଥିତ ଗୋଖିବାବା ଆଶ୍ରମଠାରେ ଖୁଦୁରୁକୁଣୀ ମହୋତ୍ସବର ପ୍ରଥମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୱାନ ସାହିତ୍ୟିକ ଓ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଲସିଂ, ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଏବଂ ୬୭ ନମ୍ବର ୱାର୍ଡର କର୍ପୋରେଟର ମଧୁସ୍ମିତା ପ୍ରଧାନ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। କାକଟପୁରର ବ୍ୟଙ୍ଗକବି ସମ୍ପଦ ରଥଙ୍କ ସମେତ ବହୁ ପ୍ରମୁଖ ସାହିତ୍ୟିକ ସ୍ୱରଚିତ ସାହିତ୍ୟ ପାଠ କରି ଉପସ୍ଥିତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ମଞ୍ଚରେ ଈଶ୍ୱରୀୟ ଦିବ୍ୟଜ୍ଞାନ ପରିବେଷଣ କରାଯାଇଥିଲା। ଏଥିସହ ବଶିଷ୍ଠ, ପ୍ରତ୍ୟାଶା ବାରିକ ଓ ଅର୍ପିତା ସାମନ୍ତରାୟଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଡକ୍ଟର ଅଶୋକ କୁମାର ଶତପଥୀଙ୍କ ଗୀତ ଓ ନୃତ୍ୟ ପରିବେଷଣ ମଧ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଅନୁଷ୍ଠାନ ପକ୍ଷରୁ ସଞ୍ଜୟ କୁମାର ଛୁଆଲସିଂ, ସଂଗ୍ରାମ କେଶରୀ ପାଇକରାୟ ଓ ସମ୍ପଦ ରଥଙ୍କ ସମେତ ଯୋଗଦାନ କରିଥିବା ସାହିତ୍ୟିକ ଓ ଅନ୍ୟମାନଙ୍କୁ ତୁଳସୀ ବୃକ୍ଷ, ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ହିଞ୍ଜିଳିକାଟୁ, ୨୦/୯(ନିପ୍ର): ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଆଡପଡା ଫାଣ୍ଡି ଅନ୍ତର୍ଗତ ଇଶାଣେଶ୍ୱର ମନ୍ଦିର ନିକଟରୁ ବାଲି ବୋଝେଇ ଏକ ହାଇୱା (ଓଡି-୦୨-ଡିକେ-୧୭୧୨) ଜବତ କରିଛି। ଏହି ଘଟଣାରେ ହିଞ୍ଜିଳି ଥାନାରେ କେସ୍ ନଂ. ୬୭୧/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ବର୍ଷାଋତୁ ଯୋଗୁଁ ଜୁଲାଇ ୧୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବିଭିନ୍ନ ନଦୀରୁ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ଖଣି ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଲକ୍ଷ୍ମୀପୁର ନିକଟସ୍ଥ ଘୋଡାହାଡ ନଦୀରୁ ବାଲି ଉତ୍ତୋଳନ କରି ଚୋରାଚାଲାଣ କରାଯାଉଥିବା ପୁଲିସ ସୂଚନା ପାଇଥିଲା। ପାଟ୍ରୋଲିଂ ସମୟରେ ଆଡପଡା ବାଣେଶ୍ୱରୀ ମନ୍ଦିର ନିକଟରେ ହାଇୱାକୁ ଅଟକାଇ ପୁଲିସ ଚାଳକଙ୍କୁ ଟ୍ରାଞ୍ଜିଟ୍ ପାସ୍ ମାଗିଥିଲା। ତେବେ ବିନା ଟ୍ରାଞ୍ଜିଟ୍ ପାସ୍‌ରେ ବାଲି ଚାଲାଣ କରାଯାଉଥିବାରୁ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରଶ୍ମିରଞ୍ଜନ ସାମଲ ଏହି ସୂଚନା ଦେଇଛନ୍ତି। ଆଗାମୀ ଦିନରେ ବେଆଇନ ବାଲି ଚାଲାଣରେ ସମ୍ପୃକ୍ତ ଗାଡିଗୁଡିକୁ ଜବତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠୀ କହିଛନ୍ତି।

Phone: 06842-253708
E-Mail: rw_phulbani@yahoo.co.in

25001/1171/2627

OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
***********

Government of Odisha e-Procurement Notice
Bid Identification No. Online Tender/06
/SERWDPLB/2026-27

Memo No. 1758 / RWD/PLB, Date: 18.09.2026

| | | | |
|---|---|---|---|
| 1 | Name of the Work | :: | Building Works |
| 2 | Estimated Cost | :: | Rs.1.26 to 48.84 Lakhs |
| 3 | Period of Completion | :: | 02(two)month to 6(six)Months as per Annexure |
| 4 | Date & Time of availability of Bid documents in the Portal | :: | 28.09.2026 at 10.00 AM to 15.10.2026 upto 5.00 P.M |
| 5 | Last Date/ Time for receipt of Bids in the Portal | :: | 15.10.2026 up to 5.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal tendersodisha.gov.in/nicgep/app

Sd/- Superintending Engineer,
Rural Works Division
A.hePhulbani

OIPR- 25001/25077/1/26-27/0007

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ